- Vol.- 46, Issue No. 129
- Saturday, 8 August 2026
- ଶନିବାର, ୮ ଅଗଷ୍ଟ ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଏକ ସେତୁ




- ଭିଜନ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ୪୩,୪୩୭ କୋଟିର ନିବେଶ ପ୍ରସ୍ତାବ ହାସଲ
- ୪୩,୩୧୬ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନା
- ଇନଭେଷ୍ଟମେଣ୍ଟ ରୋଡ୍-ସୋ'ରେ ୩୦୦ରୁ ଅଧିକ ଉଦ୍ୟୋଗପତି
- ନିବେଶ ନୀତି ଶିଳ୍ପସ୍ଥାପନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି

ନୂଆଦିଲ୍ଲୀ/ଭୁବନେଶ୍ୱର,୭।୮: ରାଜ୍ୟର ପ୍ରଥମ କ୍ଷେତ୍ର-କୈନ୍ଦ୍ରିକ ଇନଭେଷ୍ଟମେଣ୍ଟ ରୋଡ୍-ସୋ' 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬'ର ପ୍ରଥମ ଦିନରେ ଓଡ଼ିଶା ସରକାର ମୋଟ ୪୩,୪୩୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଛନ୍ତି। ଏହା ଦ୍ୱାରା ୪୩,୩୧୬ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ରୋଡ୍-ସୋ'ରେ ୪୧,୭୪୮ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୨୭ଟି ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି । ଏହା ଦ୍ୱାରା ୩୫,୨୫୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହା ବ୍ୟତୀତ, ଓଡ଼ିଶା ସରକାର ୧,୬୮୯ କୋଟି ଟଙ୍କାର ନିବେଶ ପାଇଁ ୧୨ଟି ନିବେଶ ଇଚ୍ଛାପତ୍ର (ଆଇଆଇଏଫ) ଗ୍ରହଣ କରିଛନ୍ତି, ଯାହା ଦ୍ୱାରା ୮,୦୬୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏହି ରୋଡ ସୋ'ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ହେଉଛି ଆମର କୃଷକମାନଙ୍କ ସମୃଦ୍ଧି, ଗ୍ରାମାଞ୍ଚଳର ରୂପାନ୍ତର ଏବଂ ଓଡ଼ିଶାର ଶିଳ୍ପ ଭବିଷ୍ୟତ ମଧ୍ୟରେ ଏକ ସେତୁ। ଏହି କ୍ଷେତ୍ରରେ କରାଯାଉଥିବା ପ୍ରତ୍ୟେକ ନିବେଶ କୃଷିକ୍ଷେତ୍ରକୁ ଉନ୍ନତ କରିବା ସହିତ ଗ୍ରାମାଞ୍ଚଳରେ ନିଯୁକ୍ତି ସୃଷ୍ଟି କରେ, ରପ୍ତାନି ସୁଯୋଗ ସୃଷ୍ଟି କରେ ଏବଂ ଅର୍ଥନୀତିକୁ ସମୃଦ୍ଧ କରିଥାଏ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଭାରତର ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ହେବାକୁ ଓଡ଼ିଶା ପ୍ରସ୍ତୁତ ରହିଛି । ଏହି ଯାତ୍ରାରେ ଆମ ସହିତ ପାର୍ଟନର ହେବା ପାଇଁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରୁଛି । ଏଥିସହ ଓଡ଼ିଶା ପାଇଁ ଏକ ନୂତନ ଅଭିବୃଦ୍ଧି ଏଜେଣ୍ଡା ଉପସ୍ଥାପନ କରିଛନ୍ତି। ଶିଳ୍ପପତିମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ପ୍ରକ୍ରିୟାକରଣକୁ କେବଳ ଏକ ଶିଳ୍ପ କ୍ଷେତ୍ର ଭାବରେ ଦେଖୁନାହିଁ, ବରଂ ଏହାକୁ ଏକ ଅର୍ଥନୈତିକ ରୂପାନ୍ତର ଭାବରେ ଦେଖୁଛି ଯାହା କୃଷକ, ମତ୍ସ୍ୟଜୀବୀ, ମହିଳା ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ ଏବଂ ଗ୍ରାମାଞ୍ଚଳର ଉଦ୍ୟୋଗଗୁଡ଼ିକୁ ସିଧାସଳଖ ଉପକୃତ କରିଥାଏ। ସେ କହିଛନ୍ତି ଯେ ଓଡ଼ିଶାରେ ଉତ୍ପାଦିତ ପ୍ରତ୍ୟେକ ପ୍ରମୁଖ କୃଷି ଏବଂ ସାମୁଦ୍ରିକ ସାମଗ୍ରୀ ଯେପରି ରାଜ୍ୟ ଭିତରେ ଅଧିକରୁ ଅଧିକ ପ୍ରକ୍ରିୟାକରଣ ହେବା ଆବଶ୍ୟକ । ଏହା ହେଉଛି ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । ଉତ୍ପାଦକମାନଙ୍କ ପାଇଁ ଅଧିକ ଆୟ ସୃଷ୍ଟି କରିବା ସହିତ ଯୁବବର୍ଗଙ୍କ ପାଇଁ ସ୍ଥାୟୀ ନିଯୁକ୍ତି ସୁନିଶ୍ଚିତ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ବ୍ୟାପକ ପ୍ରାକୃତିକ ସମ୍ପଦ, ଅନେକ ପ୍ରକାରର କୃଷି ଉତ୍ପାଦ, ଦଶଟି କୃଷି-ଜଳବାୟୁ ମଣ୍ଡଳ, ୫୭୫ କିଲୋମିଟର ଦୀର୍ଘ ଉପକୂଳବର୍ତ୍ତୀ ଅଞ୍ଚଳ, ସମୃଦ୍ଧ ମତ୍ସ୍ୟଚାଷ, ବର୍ଦ୍ଧିତ ବନ୍ଦର ଭିତ୍ତିଭୂମି, ଉନ୍ନତ ଲଜିଷ୍ଟିକ୍ସ ସଂଯୋଗ ରହିଛି। ଏହା ସହିତ ଭାରତର ବିଭିନ୍ନ ରାଜ୍ୟ ମଧ୍ୟରେ ଓଡ଼ିଶାର ନିବେଶ ନୀତି ଶିଳ୍ପସ୍ଥାପନ ପାଇଁ ଖୁବ ଅନୁକୂଳ ପରିବେଶ ସୃଷ୍ଟି କରିଛି । ଏହି ଅବସର ମୁଖ୍ୟମନ୍ତ୍ରୀ ପାଞ୍ଚଟି ଷ୍ଟ୍ରାଟେଜିକ୍ ପିଲାର୍ ସମ୍ପର୍କିତ ଏକ ଦୀର୍ଘମିଆଦୀ ରୋଡମ୍ୟାପ ମଧ୍ୟ ଉନ୍ମୋଚନ କରିଛନ୍ତି । ଖାଦ୍ୟ ପ୍ରକ୍ରିୟାକରଣ କ୍ଲଷ୍ଟର ସୃଷ୍ଟି, ସମନ୍ୱିତ କୋଲ୍ଡ-ଚେନ୍ ଏବଂ ୱେରହାଉସିଂ ଭିତ୍ତିଭୂମିର ସମ୍ପ୍ରସାରଣ, ଖାଦ୍ୟର ଗୁଣବତ୍ତା ଏବଂ ପ୍ରମାଣପତ୍ର ପ୍ରଣାଳୀକୁ ସୁଦୃଢ଼ କରିବା, ସଂଗଠିତ ଶିଳ୍ପ ସହିତ କୃଷକ ଉତ୍ପାଦକ ସଂଗଠନ, ଏମଏସଏମଇ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସହିତ ଯୋଡ଼ିବା ହେଉଛି, ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ଏହାଦ୍ୱାରା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଦକ୍ଷ ୱାର୍କଫୋର୍ସ'ର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି । ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, 'ଆମର ଦୃଷ୍ଟିଭଙ୍ଗୀ ହେଉଛି ଆମର କୃଷି ଏବଂ ସାମୁଦ୍ରିକ ସମ୍ପଦର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରି ଓଡ଼ିଶାକୁ ମୂଲ୍ୟବର୍ଦ୍ଧିତ ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କେନ୍ଦ୍ରରେ ରୂପାନ୍ତରିତ କରିବା।' କାର୍ଯ୍ୟକ୍ରମରେ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ଅନ୍ୟମାନଙ୍କ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦୦ ରୁ ଅଧିକ ଶିଳ୍ପ ନେତା, ଖାଦ୍ୟ ପ୍ରକ୍ରିୟାକରଣ ସଂଘ, ଉଦ୍ୟୋଗୀ, ନିବେଶକ ଏବଂ ବ୍ୟବସାୟୀ ପ୍ରତିନିଧିମାନେ ଯୋଗଦେଇଥିଲେ।

## ଏକକ ଶିକ୍ଷକ ବିଦ୍ୟାଳୟରେ ଶିକ୍ଷକ ନିୟୋଜନ ଲାଗି ନିର୍ଦ୍ଦେଶ



ଭୁବନେଶ୍ୱର, ୭।୮: ଓଡ଼ିଶା ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ତୁରନ୍ତ ଏକକ ଶିକ୍ଷକ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କର୍ତ୍ତୃପକ୍ଷ ଗୋଟିଏ ମାସ ମଧ୍ୟରେ ନିୟୋଜନ ପ୍ରକ୍ରିୟା ସଂପୂର୍ଣ୍ଣ କରିବାକୁ ପଡିବ ଏବଂ ୧୫ ଦିନ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ପଡିବ। ଶିକ୍ଷା ଅଧିକାର ଆଇନ ଅନୁପାଳନ ଲାଗୁ କରିବା ଏବଂ ଗ୍ରାମାଞ୍ଚଳ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରୁଥିବା ଗୁରୁତର କର୍ମଚାରୀ ଅଭାବ ସମାଧାନ କରିବା ଲାଗି ଏହି ନିର୍ଦ୍ଦେଶ ଗୁରୁତ୍ୱାରୋପ କରିଛି। ସୂଚନାଯୋଗ୍ୟ ଯେ ୟୁଡିଆଇଏସଇ ତଥ୍ୟ ମୁତାବକ ରାଜ୍ୟର ୧,୪୫୮ ଏକକ ଶିକ୍ଷକ ବିଦ୍ୟାଳୟରେ ପ୍ରାୟ ୬୦,୦୦୦ ଛାତ୍ରଛାତ୍ରୀ ପ୍ରଭାବିତ ହେଉଛନ୍ତି।

## ଆଗାମୀ ୫ ଦିନ ପ୍ରବଳ ବର୍ଷିବ

### ୧୨ରେ ଆଉ ଏକ ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୭।୮: ଭାରତୀୟ ପାଣିପାଗ ବିଭାଗ ଓଡ଼ିଶାକୁ ସତର୍କ ସୂଚନା ଜାରି କରିଛି। ଆସନ୍ତା ୧୨ ତାରିଖ ବେଳକୁ ବଙ୍ଗୋପସାଗରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହାର ପ୍ରଭାବରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରିଛି ପାଣିପାଗ ବିଭାଗ।ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମୁଦ୍ର ପତ୍ତନଠାରୁ ୦.୯ କି.ମି. ଉଚ୍ଚତାରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ଗାଙ୍ଗେୟ ପଶ୍ଚିମବଙ୍ଗ ଉପକୂଳ ଉପରେ ରହିଛି। ସେହିପରି ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ବାଂଲାଦେଶ ଉପରେ ସମୁଦ୍ର ପତ୍ତନରୁ ୧.୫ରୁ ୫.୮ କି.ମି. ଉଚ୍ଚତା ମଧ୍ୟରେ ଅନ୍ୟ ଏକ ଉପରିସ୍ଥ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଲାଗିରହିଛି।ଆଗାମୀ ୫ ଦିନ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ବଜ୍ରପାତ ଏବଂ ପବନ ସହିତ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି।

## ନଭେମ୍ବର ପହିଲାରୁ ଖରିଫ ଧାନ ସଂଗ୍ରହ

ଭୁବନେଶ୍ୱର, ୭।୮: ୨୦୨୬-୨୭ ବର୍ଷଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ଆରମ୍ଭ କରିଛନ୍ତି ସରକାର। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଚାଷୀ ପଞ୍ଜିକରଣ ପ୍ରକ୍ରିୟା । ସେବା ସମବାୟ ସମିତି କିମ୍ବା ୱେବସାଇଟରେ ନାଁ ପଞ୍ଜିକରଣ କରିହେବ । ଆଧାର କାର୍ଡ ଓ ଧାନ ଜମିର ବିବରଣୀ ଦେଇ ନାମ ପଞ୍ଜିକରଣ କରିହେବ । ଆସନ୍ତା ନଭେମ୍ବର ୧ରୁ ୩୧ ମାର୍ଚ୍ଚ ୨୦୨୭ ଯାଏଁ ଧାନ ସଂଗ୍ରହ ଯୋଜନା ରହିଛି ।

## ନିଲାମ ହେବ ବାଲି ଖାଦାନ: ମନ୍ତ୍ରୀ

ଭୁବନେଶ୍ୱର, ୭।୮(ନିପ୍ର): ଇ- ଲଟେରୀ ଜରିଆରେ ନିଲାମ ହେବ ଶହେରୁ ଅଧିକ ବାଲି ଖାଦାନ। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଏମଏସପିରୁ ଅଧିକ ରେଟରେ ବାଲି ବିକ୍ରି ହୋଇପାରିବନାହିଁ। ଟ୍ରାକ୍ଟର ବାଲି ପାଇଁ ୬୮୦ ଟଙ୍କା ଦେବାକୁ ପଡ଼ିବ। ଅନେକ ସ୍ଥାନରେ ଟ୍ରାକ୍ଟର ପିଛା ବାଲି ୩ ରୁ ୬ ହଜାରରେ ବିକ୍ରି ହେଉଛି । ଅନ୍ୟପକ୍ଷରେ ଚୋରା କାରବାର ରୋକିବାକୁ ଚଢ଼ାଉ ଜୋର୍‌ଦାର କରାଯାଉଛି ବୋଲି କହିଛନ୍ତି ପରିବହନ ମନ୍ତ୍ରୀ ।

### ଚୂଡ଼ାନ୍ତ ରିପୋର୍ଟ ପଠାଇବାକୁ ଜିଲ୍ଲାୱାରୀ ନିର୍ଦ୍ଦେଶ

## ପାଣି କମିବା କ୍ଷଣି କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କର

ଭୁବନେଶ୍ୱର,୭।୮: ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଲୋକସେବା ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ସ୍ୱତନ୍ତ୍ର ରିଲିଫ କମିସନର ରାଜେଶ ପ୍ରଭାକର ପାଟିଲ, ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସହିତ ଭିଡିଓ କନଫରେନ୍ସ ଯୋଗେ ଯୋଡ଼ି ହୋଇଥିଲେ ବନ୍ୟା କ୍ଷୟକ୍ଷତି ବା ବନ୍ୟା ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳ, ପ୍ରଭାବିତ ବ୍ଲକ୍‌ର ବିଡିଓ। ଓଡ଼ିଶାର ମୋଟାମୋଟି ୨୨ ଜିଲ୍ଲା ଆଂଶିକ ଓ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା । ସ୍ଥିତି ଏବେ ସ୍ୱାଭାବିକ ଅବସ୍ଥାକୁ ଆସିଛି । ପାଣିପାଗ ବିଭାଗର ପୂର୍ବ ଅନୁମାନ ଅନୁଯାୟୀ ମୟୂରଭଞ୍ଜ ଓ କିଛି ଜିଲ୍ଲାରେ ପ୍ରବଳ ବର୍ଷା ୭୦ରୁ ୧୧୦ ମିମି ପର୍ଯ୍ୟନ୍ତ ହେବା ନେଇ ସୂଚନା ରହିଛି । ଅନୁଗୁଳ,ଦେବଗଡ଼ ସମ୍ବଲପୁର, ଯାଜପୁର ଭଦ୍ରକ, କଟକ ୧୨୦ ରୁ ୨୦୦ ମିମି ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେହିପରି କିଛି ଜିଲ୍ଲାରେ ଭୀଷଣ ବର୍ଷାର ଆଲର୍ଟ ଥିବା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।ଏବେ ମଧ କିଛି ଜାଗାରେ ପାଣି ଅଛି।ଯେଉଁଠାରେ ପାଣି ସମ୍ପୂର୍ଣ୍ଣ ନିଷ୍କାସନ ହୋଇନାହିଁ,ପାଣି କମିବା କ୍ଷଣି କ୍ଷୟକ୍ଷତିର ରିପୋର୍ଟ ପ୍ରସ୍ତୁତ କରି କ୍ଷତିପୂରଣ ଯୋଗାଇ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ପ୍ରତ୍ୟେକ ଜିଲ୍ଲାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ମଧ ଦିଆଯାଇଛି, କେଉଁ ପରିସ୍ଥିତି ପାଇଁ ବନ୍ୟା ହେଲା ? ଏକାଧିକ ନଦୀରେ କାହିଁ ବନ୍ୟା ଆସିଲା ? ଘେରିବନ୍ଧର କେଉଁ ଜାଗାରେ ଆବଶ୍ୟକତା



ଅଛି ? କେଉଁ ଜାଗାରେ ଭିତ୍ତିଭୂମି ପ୍ରସ୍ତୁତ କରାଯାଇପାରିବ ? ଏହାର ଚୂଡ଼ାନ୍ତ ରିପୋର୍ଟ ପଠାଇବାକୁ ଜିଲ୍ଲାୱାରୀ ନିର୍ଦ୍ଦେଶ ଦିଆଯାଇଛି। ବିଭାଗମାନଙ୍କ ସାଙ୍ଗରେ ପଞ୍ଚାୟତିରାଜ ବିଭାଗ ମଧ ତାଙ୍କର କ୍ଷୟକ୍ଷତି ରିପୋର୍ଟ ଦେବାକୁ କୁହାଯାଇଛି। ବର୍ଷା ହେଲେ ରାସ୍ତାରେ ପାଣି ଯାଉଛି ତାହାର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ହୋଇଛି। ପ୍ରସ୍ତୁତ ରିପୋର୍ଟ ମୁତାବକ ଆଗାମୀ ବଜେଟ୍‌ରେ ଏଥିପାଇଁ ଅର୍ଥ ରାଶି ପ୍ରଦାନ କରାଯିବାର ବନ୍ଦୋବସ୍ତ କରାଯିବ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ପୂଜାରୀ।

## ରାକ୍ଷୀରେ ସୁଭଦ୍ରାର ପରବର୍ତ୍ତୀ କିସ୍ତି

ଭୁବନେଶ୍ୱର, ୭।୮ : ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ପରବର୍ତ୍ତୀ କିସ୍ତି ଟଙ୍କା ପ୍ରଦାନ କରାଯିବ। ଏଥିସହ ୨୫ ଜୁଲାଇ ସୁଦ୍ଧା ଯେଉଁ ଆବେଦନଗୁଡ଼ିକର ନାମ ଜିଲ୍ଲା ସ୍ତରରୁ ଚୂଡ଼ାନ୍ତ ତାଲିକାରେ ଆସିଥିବ, ସେହି ଯୋଗ୍ୟ ହିତାଧିକାରୀମାନେ ମଧ ଏହି ପର୍ଯ୍ୟାୟରେ ଆର୍ଥିକ ସହାୟତା ପାଇବେ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ସୁଭଦ୍ରା ଯୋଜନା ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ମହିଳା କଲ୍ୟାଣ ଯୋଜନା। ଯୋଗ୍ୟ ମହିଳାମାନଙ୍କୁ ପ୍ରତିବର୍ଷ ୫ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ମୋଟ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ପ୍ରତିବର୍ଷ ପ୍ରଥମ କିସ୍ତି ରକ୍ଷାବନ୍ଧନ ଦିବସ ଓ ଦ୍ୱିତୀୟ କିସ୍ତି ଅନ୍ତର୍ଜାତୀୟ ମହିଳା ଦିବସରେ ପ୍ରଦାନ କରାଯାଉଛି।

## ଏମଏସଏମଇ ସଂଶୋଧନ ବିଲ୍ ପାରିତ

### ଉଭୟ ଗୃହ ୧୦ ପର୍ଯ୍ୟନ୍ତ ମୁଲତବି

ନୂଆଦିଲ୍ଲୀ,୭।୮: ଲୋକସଭାରେ ଶୁକ୍ରବାର ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ 'ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍, ୨୦୨୬' ବାଚନିକ ଭୋଟରେ ପାରିତ ହୋଇଛି । ପରବର୍ତ୍ତୀ ସମୟରେ, ଲଗାତାର ଜାରି ହଟ୍ଟଗୋଳ ଏବଂ ସ୍ଲୋଗାନ କାରଣରୁ, ଲୋକସଭା ଏବଂ ରାଜ୍ୟସଭାର କାର୍ଯ୍ୟବାହି ଅଗଷ୍ଟ ୧୦ ତାରିଖ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଲୋକସଭାର କାର୍ଯ୍ୟବାହି ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ୍ ବିର୍ଲା ସଦସ୍ୟମାନଙ୍କୁ ସମ୍ବୋଧିତ କରିଥିଲେ।ମଧ୍ୟାହ୍ନ ୧୨ଟାରେ ଗୃହର ବୈଠକ ପୁଣି ଥରେ ଆରମ୍ଭ ହେବା ମାତ୍ରେ ହଟ୍ଟଗୋଳ ମଧ୍ୟରେ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନ ରାମ ମାଂଝିଙ୍କ ଦ୍ୱାରା ଆଗତ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍,



୨୦୨୬ ପାରିତ ହୋଇଥିଲା । ଏହି ବିଧେୟକ ପୂର୍ବରୁ ରାଜ୍ୟସଭାରେ ପାରିତ ହୋଇସାରିଥିଲା । ଏହି ସଂଶୋଧନ ଅନୁଯାୟୀ, କେନ୍ଦ୍ରୀୟ ସାର୍ବଜନିକ କ୍ଷେତ୍ରର ଉପକ୍ରମ (ସିପିଏସଇ) ନିମନ୍ତେ ଚାଲାଣ ଦେୟର ସମାଧାନ ପାଇଁ ଟି. ଆର. ଇ. ଡି. ଏସ୍. ପ୍ଲାଟଫର୍ମର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି । ଏଥି ସହିତ ଇନଭଏସ୍ ମଧ୍ୟସ୍ଥତା ଏବଂ ମଧ୍ୟସ୍ଥତା ପ୍ରକ୍ରିୟା ପାଇଁ ମଧ ୯୦ ଦିନର ସମୟସୀମା ଧାର୍ଯ୍ୟ କରାଯାଇଛି।

### ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ବୈଠକରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

## ମାନବୀୟ ମୂଲ୍ୟବୋଧ ମୂଳଦୁଆରେ ରହୁ ଶିକ୍ଷା

- ଯୁବପିଢ଼ିଙ୍କୁ ନୀତି ନିର୍ଦ୍ଧାରଣର କେନ୍ଦ୍ରରେ ରଖାଯାଉ
- ପରିବର୍ତ୍ତିତ ସୁଯୋଗ ପାଇଁ ଏହା ପ୍ରସ୍ତୁତ ରହୁ
- ପାଞ୍ଚ ପ୍ରାଥମିକତା କ୍ଷେତ୍ର ଉପରେ ଗୁରୁତ୍ୱ

ଭୁବନେଶ୍ୱର,୭।୮(ପିଆଇବି): ବ୍ରିକ୍ସ ସହଯୋଗରେ ଜନ କୈନ୍ଦ୍ରିକ ଏବଂ ମାନବତା ପ୍ରଥମ ଆଭିମୁଖ୍ୟ ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ। ଶ୍ରୀ ଯୋଶୀ ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ତ୍ରୟୋଦଶ ଘୋଷଣାନାମା ଗୃହୀତ ହୋଇଛି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯୋଶୀ ବ୍ରିକ୍ସ ସହଯୋଗୀଙ୍କ ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରିବା ଲାଗି ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଏହି ବୈଠକରେ ସୃଷ୍ଟି ହୋଇଥିବା ଧାରା ଫଳପ୍ରଦ ପରିଣାମ ଆଣିବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ। ଭାରତର ବ୍ରିକ୍ସ ଅଧ୍ୟକ୍ଷତା ୨୦୨୬ର ବାର୍ତ୍ତା ''ଦୃଢ଼ତା, ନବସୃଜନ, ସହଯୋଗ ଏବଂ ଦୀର୍ଘସ୍ଥାୟିତ୍ୱ ପାଇଁ ନିର୍ମାଣ'' ବିଷୟରେ ଉଲ୍ଲେଖ କରି କେନ୍ଦ୍ର ମନ୍ତ୍ରୀ କହିଥିଲେ, ଶିକ୍ଷା ବ୍ୟବସ୍ଥା ମାନବୀୟ ମୂଲ୍ୟବୋଧର ମୂଳଦୁଆରେ ଦୃଢ଼ ଭାବେ ତିଷ୍ଠି ରହୁ। ଏଥି ସହିତ ଯୁବପିଢ଼ିଙ୍କୁ ପରିବର୍ତ୍ତିତ ସୁଯୋଗ ପାଇଁ ପ୍ରସ୍ତୁତ କରିବା ଉଚିତ୍ । ବିଦ୍ୟାର୍ଥୀ, ଶିକ୍ଷକ, ଗବେଷକ ଓ ଯୁବପିଢ଼ିଙ୍କୁ ନୀତି ନିର୍ଦ୍ଧାରଣ ଏବଂ ଅନ୍ତର୍ଜାତୀୟ ସହଯୋଗର କେନ୍ଦ୍ରରେ ରଖାଯିବା ଆବଶ୍ୟକ । ଶ୍ରୀ ଯୋଶୀ କହିଥିଲେ, ଶିକ୍ଷା ହେଉଛି ସମାବେଶୀ ବିକାଶ ଏବଂ ସହଭାଗୀ ସମୃଦ୍ଧିର ମୂଳଦୁଆ। ବୈଠକରେ ଗୃହୀତ ହୋଇଥିବା ଘୋଷଣାନାମା ପାଞ୍ଚଟି ପ୍ରାଥମିକତା କ୍ଷେତ୍ରରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଛି । ଶ୍ରୀ ଯୋଶୀ ଏକ ପ୍ରାଚୀନ ଶିକ୍ଷା କେନ୍ଦ୍ର ଭାବରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଉପରେ ମଧ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ସେ ଭାରତର ଦୀର୍ଘସ୍ଥାୟୀ ସଭ୍ୟତାଗତ ମୂଲ୍ୟବୋଧ ''ଅତିଥି ଦେବୋ ଭବ'' ଏବଂ ''ବସୁଧୈବ କୁଟୁମ୍ବକମ'' ଉପରେ ଆଲୋକପାତ କରିଥିଲେ। ବ୍ରିକ୍ସ ଦେଶଗୁଡ଼ିକ ସେମାନଙ୍କର ପରମ୍ପରା ଓ ଅଭିଜ୍ଞତାରେ ଭିନ୍ନ ହୋଇପାରନ୍ତି, କିନ୍ତୁ ସେମାନଙ୍କର ପ୍ରଗତି ପରସ୍ପର ସହିତ ଜଡିତ ବୋଲି ସେ କହିଥିଲେ । ବ୍ରିକ୍ସ ଶିକ୍ଷା ଟ୍ରାକ୍ ଅଧୀନରେ ସହଯୋଗକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ବୈଠକରେ ବ୍ରାଜିଲ, ରୁଷ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ, ଇରାନ, ଇଥିଓପିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସମେତ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ। ପ୍ରଥମତଃ, ବୈଠକରେ ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା ଏବଂ (ଇସିସିଇ) ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ (ଏଫଏଲଏନ)କୁ ମଜଭୁତ କରିବା ନେଇ ସଦସ୍ୟ ରାଷ୍ଟ୍ରମାନେ ସହମତ ହୋଇଥିଲେ। ଦ୍ୱିତୀୟତଃ, ଦକ୍ଷତା ବିକାଶ ଏବଂ ଟିଭିଇଟିରେ ସହଯୋଗକୁ ସୁଦୃଢ଼ କରିବା ନେଇ ଘୋଷଣାନାମାରେ ସହମତ ହୋଇଥିଲା । ତୃତୀୟତଃ, ଗବେଷଣା, ନବସୃଜନ ଏବଂ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମକୁ ବଢ଼ାଇବା ନେଇ ସହମତି ହୋଇଥିଲା । ମିଳିତ ଗବେଷଣାକୁ ପ୍ରୋତ୍ସାହିତ କରିବା, ଶିକ୍ଷାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସୁରକ୍ଷିତ, ନୈତିକ ଓ ମାନବ-କୈନ୍ଦ୍ରିକ ବ୍ୟବହାରକୁ ଉତ୍ସାହିତ କରିବା, ନବସୃଜନ ଆଧାରିତ ଉଦ୍ୟୋଗକୁ ସୁଦୃଢ଼ କରିବା ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନ, ଗବେଷକ ଓ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ ମଧ୍ୟରେ ସହଯୋଗକୁ ଆହୁରି ଗଭୀର କରିବା ନେଇ ସହମତି ହୋଇଥିଲା। ଚତୁର୍ଥତଃ, ଆପୋସ ସ୍ୱୀକୃତି ଯୋଗ୍ୟତା (ଏମଆରକ୍ୟୁ)କୁ ଆଗକୁ ବଢ଼ାଇବା ନେଇ ବ୍ରିକ୍ସ ସଦସ୍ୟ ଦେଶମାନେ ସହମତ ହୋଇଥିଲେ । ପଞ୍ଚମରେ, ଶୈକ୍ଷିକ ନେତୃତ୍ୱ ଏବଂ ସାଂଗଠନିକ ବିକାଶ ପାଇଁ କ୍ଷମତା ନିର୍ମାଣକୁ ସୁଦୃଢ଼ କରିବା ନେଇ ସବୁ ସଦସ୍ୟ ଦେଶ ସହମତ




ହୋଇଥିଲେ । ବ୍ରିକ୍ସ ରେକ୍ଟର ଫୋରମର ନିରନ୍ତର ଆୟୋଜନ, ଅଧ୍ୟାପକ ଓ ନେତୃତ୍ୱ ବିନିମୟ, ଏସଟିଇଏମ ଉପରେ ଧ୍ୟାନ ଦେଇ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଏବଂ ବ୍ରିକ୍ସ ବିଶ୍ୱବିଦ୍ୟାଳୟର ବିଶ୍ୱ ରାଙ୍କିଂ ଓ ମୂଲ୍ୟାଙ୍କନ ପ୍ରଣାଳୀ ପାଇଁ ଅନୁସନ୍ଧାନମୂଳକ କାର୍ଯ୍ୟକୁ ପ୍ରୋତ୍ସାହିତ କରାଯାଇଥିଲା। ବୈଠକରେ ପାରମ୍ପରିକ ଓ ସ୍ୱଦେଶୀ ଜ୍ଞାନ ପ୍ରଣାଳୀ ଉପରେ ଶୈକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଲାଗି ବ୍ରିକ୍ସ ମାର୍ଗଦର୍ଶୀ ନୀତି ଉପରେ ଭାରତର ପଦକ୍ଷେପକୁ ସ୍ୱାଗତ କରାଯାଇଥିଲା । ଏଥିସହିତ ବ୍ରିକ୍ସ ନେଟୱାର୍କର ବିଶ୍ୱବିଦ୍ୟାଳୟ ପାରମ୍ପରିକ ଓ ସ୍ୱଦେଶୀ ଜ୍ଞାନ ପ୍ରଣାଳୀକୁ ଏକ ଅତିରିକ୍ତ ଅନ୍ତର୍ଜାତୀୟ ବିଷୟବସ୍ତୁ ଗୋଷ୍ଠୀ ଭାବରେ ସାମିଲ କରିବା ଉପରେ ବିଚାର କରିପାରିବେ ବୋଲି ପରାମର୍ଶ ଦିଆଯାଇଥିଲା।

# ସେବାର ସାର୍ଥକତା






ମନୁଷ୍ୟର ଆଧ୍ୟାତ୍ମିକ ଉନ୍ନତି ଓ ଅଭିବୃଦ୍ଧି ପାଇଁ ଭଗବାନ କର୍ମର ଯୋଜନା କରିଛନ୍ତି। ଭଗବତ ପ୍ରେମ ଓ ଜନସେବା ହିଁ ମହତ ଜୀବନର ନିଗୂଢ଼ ତତ୍ତ୍ୱ। ପ୍ରକୃତ ଜୀବନର ଅର୍ଥ ହେଉଛି ସେବା ଓ ତ୍ୟାଗ। ଆଧ୍ୟାତ୍ମିକ ମାର୍ଗର ପ୍ରଥମ ସୋପାନଟି ହେଉଛି ନିଃସ୍ୱାର୍ଥପର ଜନସେବା। ନିଃସ୍ୱାର୍ଥପର ଜନସେବା ହିଁ ମୁକ୍ତି ମାର୍ଗର ଏକମାତ୍ର ମନ୍ତ୍ର। ନିଃସ୍ୱାର୍ଥପର ଜନସେବା କଲେ, ସାଧକ ହୃଦୟରେ ବିଶ୍ୱଜନୀନ ମନୋଭାବ, ଏକାତ୍ମଭାବ ଜାଗ୍ରତ ହୁଏ। 'ସକଳ ବିଶ୍ୱ ବ୍ରହ୍ମମୟ ଓ ସମସ୍ତେ ସେହି ଏକ ପରମାତ୍ମାଙ୍କର ବ୍ୟକ୍ତରୂପ' - ସାଧକ ଏହି ମହାଭାବରେ ଉଦ୍‌ବୁଦ୍ଧ ହୁଏ। ଆପଣ ହିଁ ଜଗତ। ଜଗତ ଆପଣଙ୍କ ଠାରୁ ଭିନ୍ନ ନୁହେଁ। ତେଣୁ ସମସ୍ତଙ୍କୁ ପ୍ରେମ କରନ୍ତୁ, ସବୁରି ସେବା କରନ୍ତୁ, ସକଳଙ୍କ ପ୍ରତି ସଦୟ ହୁଅନ୍ତୁ। ସମସ୍ତଙ୍କୁ ହୃଦୟରେ ଲଗାନ୍ତୁ। ଦରିଦ୍ର, ଦଳିତ, ନିର୍ଯ୍ୟାତିତଙ୍କ ଠାରେ ଭଗବାନଙ୍କୁ ଦର୍ଶନ କରନ୍ତୁ। ଯେ କୌଣସି ସେବା ହେଉ ନା କାହିଁକି, ସେବା କାର୍ଯ୍ୟରେ ଲାଗିଥିବାବେଳେ ସ୍ମରଣ ରଖିଥାନ୍ତୁ ଯେ, ଆପଣ ଭଗବାନଙ୍କର ସେବା କରୁଛନ୍ତି। ପ୍ରତ୍ୟେକଟି କାର୍ଯ୍ୟ ଗୋଟିଏ ଗୋଟିଏ ଈଶ୍ୱରାର୍ପିତ କାର୍ଯ୍ୟ ମନେକରି ତାହା କରିଯାଆନ୍ତୁ। ଏହି ଜ୍ଞାନ ରଖି ସେବାକାର୍ଯ୍ୟ କରିଗଲେ ଆପଣଙ୍କର ଆଧ୍ୟାତ୍ମିକ ଅଭିବୃଦ୍ଧି ଘଟିବାକୁ ବିଳମ୍ବ ହେବନାହିଁ। ଆପଣ ଅଚିରେ ଦିବ୍ୟତ୍ୱ ଲାଭ କରିବେ। ଆପଣଙ୍କ ସେବାକାର୍ଯ୍ୟର ଉଦ୍ଦେଶ୍ୟର କିଛି ଦୋଷ ରହିଛି କି ନାହିଁ, ତାହା ପ୍ରତ୍ୟେକ କ୍ଷେତ୍ରରେ ପରୀକ୍ଷା କରି ଦେଖନ୍ତୁ। ଯଦି କୌଣସି ଠାରେ ସ୍ୱାର୍ଥଭାବ ରହିଥିବାର ଦେଖିବେ, ତେବେ ସଙ୍ଗେ ସଙ୍ଗେ ତାହା ପରିତ୍ୟାଗ କରନ୍ତୁ। ପ୍ରତ୍ୟେକ କାର୍ଯ୍ୟ ଏକାଗ୍ରତାର ସହିତ, ଅନୁରାଗ ସହିତ କରି ଚାଲନ୍ତୁ। କାର୍ଯ୍ୟରେ ମଜ୍ଜିଯାଆନ୍ତୁ କାର୍ଯ୍ୟରେ ସମସ୍ତ ଅନ୍ତର, ସମସ୍ତ ମନପ୍ରାଣ ଲଗାଇ ଦିଅନ୍ତୁ। ଫଳାଫଳ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ। ସମ୍ପୂର୍ଣ୍ଣ ଆସ୍ଥା ରଖି ଅଗ୍ରସର ହୁଅନ୍ତୁ। ଆତ୍ମ ବିଶ୍ୱାସ ରଖନ୍ତୁ। ସର୍ବଦା ଆନନ୍ଦରେ ରହନ୍ତୁ। ମନକୁ ଶୀତଳ ସମତୁଲ କରି ରଖନ୍ତୁ। କାମ ପାଇଁ କାମ କରନ୍ତୁ। ସାହସୀ ହୁଅନ୍ତୁ। ନିର୍ଭୀକ ହୁଅନ୍ତୁ। ବିଶ୍ୱାସ ରଖନ୍ତୁ ଯେ, ଆପଣ ପ୍ରତ୍ୟେକ କାର୍ଯ୍ୟରେ ସଫଳକାମ ହେବେ। ଏହା ହିଁ ସଫଳତାର ଚାବିକାଠି। ନର ସେବା ହିଁ ନାରାୟଣ ସେବା। ତେଣୁ ସେବାକାର୍ଯ୍ୟ ଅଶ୍ରଦ୍ଧ ଭାବରେ, କୌଣସି ବାଧ୍ୟବାଧକତାରେ ପଡ଼ି କରିବା ଅନୁଚିତ। ସେବାକାର୍ଯ୍ୟ ଆତ୍ମଭାବ ନେଇ ଆନ୍ତରିକତାର ସହିତ କରିବାକୁ ପଡ଼େ। ଅନ୍ତର ନିର୍ମଳ କରିବା ଲାଗି ସେବା ହେଉଛି ଏକ ଯୋଗ। ଅନ୍ତର ନିର୍ମଳ ନ ହେଲେ, ଦିବ୍ୟ ଆଲୋକ ମିଳେ ନାହିଁ। ସେବାରେ ଆଗ୍ରହ ରଖିଥିବା ବ୍ୟକ୍ତି ନିଜର ମନକୁ ସର୍ବଥା ଏହି ଭାବରେ ଅଭ୍ୟସ୍ତ କରିବାକୁ ପଡ଼ିବ; ମନକୁ ସର୍ବଦା ଏହି ଭାବରେ ସଂଜୀବିତ କରି ରଖିବାକୁ ପଡ଼ିବ।

# ଦେବାଦେବୀଙ୍କ ବାହନ



ଦେବୀ-ଦେବତାଙ୍କ ସହ ଜଡ଼ିତ କାହାଣୀ ଓ ଚିତ୍ରରେ ତାଙ୍କ ସହ କୌଣସି ପକ୍ଷୀ କିମ୍ବା ପଶୁଙ୍କୁ ତାଙ୍କର ବାହନ ଭାବେ ଦେଖିଥିବେ । ଦେବାଦେବୀଙ୍କ ଏହି ବାହନମାନେ ସର୍ବଦା ତାଙ୍କ ନିକଟରେ ଥାଆନ୍ତି । ତେବେ ଆସନ୍ତୁ ଜାଣିବା କେଉଁ ଦେବାଦେବୀଙ୍କର କେଉଁ ବାହନ ଅଛନ୍ତି । ଏହି ବାହନମାନେ ଦେଖିବାକୁ ବହୁତ୍ ସାମାନ୍ୟ ଅଟନ୍ତି କିନ୍ତୁ ଦେବାଦେବୀମାନେ କାହିଁକୁ ସେମାନଙ୍କୁ ନିଜର ବାହନ ଭାବେ ବ୍ୟବହାର କରୁଛନ୍ତି । ଏ ସଂପର୍କିତ କିଛି ପୌରାଣିକ କଥା । ବୃଷଭ ନନ୍ଦୀ ଭଗବାନ ଶିବଙ୍କ ବାହନ। ବୃଷଭ ଅତ୍ୟନ୍ତ ଶକ୍ତିଶାଳୀ ହେଲେ ମଧ୍ୟ ଶାନ୍ତ ରହିଥାନ୍ତି । ହିନ୍ଦୁ ଧର୍ମର ଚାରିସ୍ତମ୍ଭ କ୍ଷମା, ଦୟା, ଦାନ ଏବଂ ତପ ବୃଷଭ ନନ୍ଦୀଙ୍କର ଚାରିଗୋଡ଼ରେ ରହିଛି । ପୁରାଣ କଥା ଅନୁସାରେ ଭଗବାନ କାର୍ତ୍ତିକେୟଙ୍କ ତପସ୍ୟା ଓ ସାଧନ କ୍ଷମତାରେ ପ୍ରସନ୍ନ ହୋଇ ସ୍ୱୟଂ ଭଗବାନ ବିଷ୍ଣୁ କାର୍ତ୍ତିକେୟଙ୍କୁ ମୟୂର ବାହନ ଭେଟି ଦେଇଥିଲେ ଏବଂ କାର୍ତ୍ତିକେୟ ମୟୂର ବାହାନକୁ ଗ୍ରହଣ କଲେ। କାରଣ ମୟୂର ପରି କାର୍ତ୍ତିକେୟଙ୍କ ମନ ଅତ୍ୟନ୍ତ ଚଞ୍ଚଳ । ଦୁର୍ଗାଙ୍କୁ ଶକ୍ତି କୁହାଯାଏ ଏବଂ ସିଂହ ହେଉଛି ଶକ୍ତିଶାଳୀ ଓ ପରାକ୍ରମୀ ଓ କ୍ରୋଧର ପ୍ରତୀକ । ସେଥିପାଇଁ ମା' ଦୁର୍ଗା ସିଂହକୁ ନିଜର ବାହନ ଭାବେ ଗ୍ରହଣ କଲେ। ସରସ୍ୱତୀଙ୍କୁ ପବିତ୍ରତାର ପ୍ରତୀକ ଭାବେ ସ୍ୱୀକାର କରାଯାଏ । ହଂସକୁ ବାହନ ରୂପେ ଗ୍ରହଣ କରି ମା' ସରସ୍ୱତୀ ଦର୍ଶାଇଛନ୍ତି ଯେ, ଜ୍ଞାନ ଜରିଆରେ ଜିଜ୍ଞାସାକୁ ଶାନ୍ତ କରାଯାଇ ପାରେ । ଭଗବତ୍ ଗୀତାରେ ଏହାର ଉଲ୍ଲେଖ ରହିଛି ଯେ,ଭଗବାନ ବିଷ୍ଣୁଙ୍କ ଭିତରେ ସମସ୍ତ ସୃଷ୍ଟି ନିବାସ କରିଛି । ସେହିପରି ଗରୁଡ଼ ଦେବ ମଧ୍ୟ ଦିବ୍ୟ ଶକ୍ତିର ଅଧିକାରୀ ଅଟନ୍ତି । ବାହନ ଅଟେ ପେଚା ।





# ଦୀପ ଜାଳିବା ଅତ୍ୟନ୍ତ ଶୁଭ

ବାସ୍ତୁ ଏବଂ ଜ୍ୟୋତିଷ ଶାସ୍ତ୍ରରେ, ପ୍ରତିଦିନ ଘରର କିଛି ସ୍ଥାନରେ ଦୀପ ଜାଳିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ। ହିନ୍ଦୁ ଧର୍ମରେ ସନ୍ଧ୍ୟା କିମ୍ବା ସନ୍ଧ୍ୟାକୁ ବହୁତ ପବିତ୍ର ବୋଲି ବିବେଚନା କରାଯାଏ। ତେଣୁ, ପ୍ରତ୍ୟେକ ସନ୍ଧ୍ୟାରେ କେଉଁଠାରେ ଦୀପ ଜାଳିବା ଉଚିତ ତାହା କହିବାକୁ ଯାଉଛୁ । ଏହି ସ୍ଥାନରେ ଦୀପ ଜାଳନ୍ତୁ ପ୍ରତିଦିନ ସନ୍ଧ୍ୟାରେ ଆପଣଙ୍କ ଘରର ମୁଖ୍ୟ ପ୍ରବେଶ ଦ୍ୱାରରେ ତେଲ ଦୀପ ଜାଳିବା ଦ୍ୱାରା ବିଶେଷ ଲାଭ ମିଳିପାରେ। ବାସ୍ତୁ ଶାସ୍ତ୍ର ବିଶ୍ୱାସ କରେ ଯେ ସନ୍ଧ୍ୟା ସମୟରେ ଏହି ସ୍ଥାନରେ ତେଲ ଦୀପ ଜାଳିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତିର ପ୍ରବାହ ବୃଦ୍ଧି ପାଏ ଏବଂ ନକାରାତ୍ମକ ଶକ୍ତିକୁ ମଧ୍ୟ ଦୂରେଇ ରଖେ। ଘରୁ ବାହାରକୁ ଯିବା ସମୟରେ ଦୀପଟି ଯେପରି ଆପଣଙ୍କ ଡାହାଣ ଆଡ଼କୁ ମୁହଁ କରିଥିବ ସେଥିପାଇଁ ବିଶେଷ ସତର୍କ ରୁହନ୍ତୁ। ଅଗ୍ନିଶିଖା ମଧ ଉତ୍ତର ଦିଗକୁ ମୁହାଁଇବା ଉଚିତ। ଆପଣଙ୍କୁ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦ ମିଳିବ। ହିନ୍ଦୁ ଧର୍ମରେ ତୁଳସୀ ଗଛର ବିଶେଷ ଗୁରୁତ୍ୱ ଅଛି। ତେଣୁ, ଆପଣଙ୍କର ପ୍ରତିଦିନ ସନ୍ଧ୍ୟା ପ୍ରାର୍ଥନା ସମୟରେ ଦୀପ ଜାଳିବା ସହିତ, ତୁଳସୀ ଗଛ ପାଖରେ ଘିଅ ଦୀପ ଜାଳିବା ନିଶ୍ଚିତ କରନ୍ତୁ। ଏହା କରିବା ଦ୍ୱାରା ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦ ନିଶ୍ଚିତ ହୁଏ ଏବଂ ଆର୍ଥିକ ସମସ୍ୟାରୁ ମୁକ୍ତି ମିଳିଥାଏ। ଏହା ସହିତ, ତୁଳସୀ ଗଛ ଚାରିପାଖରେ ସଫାସୁତୁରା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଏହି ଦିଗରେ ଦୀପ ଜାଳିବା ଶୁଭ।



# ଭକ୍ତି ପରୀକ୍ଷା





> ଭଗବାନ ବିଷ୍ଣୁ ଧରାଦେବୀଙ୍କ ଉଦ୍ଦେଶ୍ୟରେ କହିଥିଲେ- 'ତୁମେ ଧର୍ମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛ। ତୁମ ଅତିଥି ପରାୟଣତାର ପଟାନ୍ତର ନାହିଁ। ଆମମାନଙ୍କ ନିମନ୍ତେ ସତୀତ୍ୱକୁ ବିସର୍ଜନ ଦେଲାଭଳି ଯେଉଁ ଅସାଧାରଣ ତ୍ୟାଗ କରିଛ ତା'ର ପଟାନ୍ତର ନାହିଁ...

ବ୍ରାହ୍ମଣଙ୍କ ନାମ ଥିଲା ଦ୍ରୋଣ। ବ୍ରାହ୍ମଣ ଦମ୍ପତି ଭଗବାନଙ୍କର ପରମ ଭକ୍ତ ଥିଲେ। ଭଗବାନ ଭକ୍ତଙ୍କୁ ନାନା ଭାବରେ ପରୀକ୍ଷା କରି ଭକ୍ତିର ଦୃଢ଼ତା ପରଖିଥାନ୍ତି। ବ୍ରାହ୍ମଣ ଥିଲେ ଅତି ଦରିଦ୍ର। ଭିକ୍ଷା ଥିଲା ଜୀବନ ନିର୍ବାହର ମାଧ୍ୟମ। ବ୍ରାହ୍ମଣଙ୍କ ପତ୍ନୀ ଧରା ଦେବୀ ପତିପ୍ରାଣା ଥିଲେ। ସ୍ୱାମୀ ଖାଇ ସାରିବା ପରେ ଯାହା କିଛି ବଳୁଥିଲା ତାହା ଖାଇ କ୍ଷୁଧା ନିବାରଣ କରୁଥିଲେ। ଯେଉଁ ଦିନ ସ୍ୱାସ୍ଥ୍ୟଗତ କିମ୍ବା କୌଣସି କାରଣରୁ ଭିକ୍ଷା ସଂଗ୍ରହ ନିମନ୍ତେ ଯାଇ ନପାରିଲେ ସେ ଦିନ ଅନାହାରରେ ରହିଯାଆନ୍ତି। ବସ୍ତୁତଃ ଉପବାସରେ ରହିବାରେ ଅଭ୍ୟସ୍ତ ହୋଇଯାଇଥିଲେ ଦମ୍ପତି; କିନ୍ତୁ ହରିଭଜନରୁ ବିରତ ହେଉନଥିଲେ। ବ୍ରାହ୍ମଣ ଭିକ୍ଷା ସଂଗ୍ରହ ଉଦ୍ଦେଶ୍ୟରେ ଚାଲିଯାଇଥିଲେ। ଏହି ସମୟରେ ଜଣେ ଯୁବକ ନିଜର ଅତିଶୟ ବୃଦ୍ଧ ପିତାମାତାଙ୍କ ସାଥିରେ ଧରାଦେବୀଙ୍କ କୁଟିର ସମ୍ମୁଖରେ ପହଞ୍ଚି କହିଥିଲେ- 'ମୋର ପିତାମାତା କ୍ଷୁଧାତୁର, କ୍ଷୁଧା କାରଣରୁ ଚାଲିବାରେ ଅକ୍ଷମ। କିଛି ହେଲେ ସେମାନଙ୍କୁ ଖାଇବାକୁ ଦିଅନ୍ତୁ।' ଧରାଦେବୀ ନମ୍ର ଭାବରେ କହିଥିଲେ- 'ସ୍ୱାମୀ ଭିକ୍ଷା ସଂଗ୍ରହ ଉଦ୍ଦେଶ୍ୟରେ ଯାଇଛନ୍ତି। ଘରେ କିଛି ବି ନାହିଁ ଖାଦ୍ୟ ଭାବରେ ଦେବାକୁ। ସେ ଅଳ୍ପ ସମୟ ପରେ ଆସିବେ। ସେ ଆସିଲେ ଆଣିଥିବା ଭିକ୍ଷାନ୍ନରେ ଖାଦ୍ୟ ପ୍ରସ୍ତୁତ କରି ତୁମମାନଙ୍କୁ ଦେବି। ସେ ପର୍ଯ୍ୟନ୍ତ ମୋର କୁଟୀରରେ ବସନ୍ତୁ।' ବ୍ରାହ୍ମଣ ଫେରି ନଥିଲେ। ଏଣେ ଯୁବକ ଅଧୀର ହୋଇ କହିଥିଲେ- ଲାଗୁଛି ମୋର ପିତାମାତା ଉପାସରେ ମରିଯିବେ। ମୁଁ ଅନ୍ୟତ୍ର ଯାଉଛି ଖାଦ୍ୟସଂଗ୍ରହ ପାଇଁ। କ୍ଷୁଧାତୁର ଅତିଥି ଗୃହରୁ ଫେରିଯିବାଟା ଧରାଦେବୀ ପସନ୍ଦ କରିନଥିଲେ। ଆଶ୍ୱାସନା ଦେଇ କହିଥିଲେ- 'ଅଦୂରରେ ଥିବା ଗାଁରୁ ମୁଁ ଖାଦ୍ୟସାମଗ୍ରୀ ଆଣିବି। ମୋତେ କିଛି ସମୟ ଦିଅନ୍ତୁ।' ଖାଦ୍ୟ ସାମଗ୍ରୀ ଆଣି ଦୋକାନୀକୁ ମୂଲ୍ୟ ଦେବାକୁ ଧରାଦେବୀଙ୍କ ନିକଟରେ ଅର୍ଥ ନଥିଲା। ଲମ୍ପଟ ସ୍ୱଭାବର ଦୋକାନୀ ବାକିରେ ଦେବାକୁ ନାରାଜ ଥିଲା। ଧରାଦେବୀ ଥିଲେ ଅସାଧାରଣ ରୂପବତୀ। ଦୋକାନୀର ଇଚ୍ଛାକୁ ସାକାର କରି ଖାଦ୍ୟସାମଗ୍ରୀ ଧରି ଫେରିଥିଲେ। ଫେରିଲା ବେଳକୁ ଯାହା ଦେଖିଲେ ସେଥିରେ ଚକିତ ହୋଇଯାଇଥିଲେ। ଭଗବାନ ବିଷ୍ଣୁ ତାଙ୍କୁ ପରୀକ୍ଷା କରିବା ନିମିତ୍ତ ଆସିଥିଲେ। ମାତାପିତା ରୂପେ ଥିଲେ ଭଗବାନ ଭୋଳାଶଙ୍କର ଓ ପାର୍ବତୀ। ତିନିହେଁ ଧରାଦେବୀଙ୍କ ଅଭୁତ ତ୍ୟାଗ, ଅତିଥି ପରାୟଣତା, ସତ୍ୟବାଦିତାରେ ଅଭିଭୂତ ହୋଇଯାଇଥିଲେ। ଭଗବାନ ବିଷ୍ଣୁ ଧରାଦେବୀଙ୍କ ଉଦ୍ଦେଶ୍ୟରେ କହିଥିଲେ- 'ତୁମେ ଧର୍ମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛ। ତୁମ ଅତିଥି ପରାୟଣତାର ପଟାନ୍ତର ନାହିଁ। ଆମମାନଙ୍କ ନିମନ୍ତେ ସତୀତ୍ୱକୁ ବିସର୍ଜନ ଦେଲାଭଳି ଯେଉଁ ଅସାଧାରଣ ତ୍ୟାଗ କରିଛ ତା'ର ପଟାନ୍ତର ନାହିଁ। ଆଗାମୀ ଜନ୍ମରେ ମୁଁ (ବିଷ୍ଣୁ ଭଗବାନ) ତୁମର ପୁତ୍ର ରୂପେ ଧରା ପୃଷ୍ଠରେ ଜନ୍ମହୋଇ ସ୍ତନ୍ୟପାନ କରିବି। ଧରାଦେବୀ ମା' ଯଶୋଦା ଓ ବ୍ରାହ୍ମଣ ଦ୍ରୋଣ ନନ୍ଦରାଜା ରୂପରେ ମର୍ତ୍ତ୍ୟରେ ଜନ୍ମ ନେଇଥିଲେ। ଯଥାର୍ଥରେ ଭକ୍ତିର



# ମହାର୍ଘ ଗୁରୁଦକ୍ଷିଣା



କୃଷ୍ଣ ବଳରାମ ଦୁହେଁ ସନ୍ଦୀପନିଙ୍କ ବାରାଣସୀ ନିକଟବର୍ତ୍ତୀ ଅବନ୍ତୀନଗରରେ ଥିବା ଆଶ୍ରମରେ ରହି ଧନୁର୍ବିଦ୍ୟା ସହ ଅନ୍ୟାନ୍ୟ ବିଦ୍ୟା ଶିକ୍ଷା କରୁଥିଲେ। ଶିକ୍ଷା ସମାପ୍ତ ପରେ ଉଭୟେ ଗୁରୁ ଦକ୍ଷିଣା ଦେବାର ଇଚ୍ଛା ପ୍ରକାଶ କରିଥିଲେ। ସନ୍ଦୀପନି ପତ୍ନୀଙ୍କ ସହ କଥାହେବା ପରେ କହିଥିଲେ- 'ବତ୍ସ ! କିଛିବର୍ଷ ପୂର୍ବେ ମୋର ଏକମାତ୍ର ପୁତ୍ର ପୁନର୍ଦତ୍ତ ପ୍ରଭାସ ତୀର୍ଥକୁ ସ୍ନାନ ଉଦ୍ଦେଶ୍ୟରେ ଯାଇଥିଲା। ଏ ପର୍ଯ୍ୟନ୍ତ ସେ ଫେରିନାହିଁ। ଯଦି ଗୁରୁଦକ୍ଷିଣା ଦେବାକୁ ଚାହୁଁଛ ତେବେ ମୋର ପୁଅକୁ ଫେରାଇ ଆଣ।' କୃଷ୍ଣ-ବଳରାମ ଗୁରୁ ଆଜ୍ଞା ଶିରୋଧାର୍ଯ୍ୟ କରି ତାଙ୍କ ଆଶୀର୍ବାଦ ନେଇ ପ୍ରଭାସ ତୀର୍ଥ ଅଭିମୁଖେ ଯାତ୍ରା କରିଥିଲେ। ବରୁଣ ଦେବତାଙ୍କୁ ଭେଟି ପଚାରିଥିଲେ ପୁନର୍ଦତ୍ତଙ୍କ ସମ୍ପର୍କରେ। ବରୁଣଦେବ ସତ୍ୟ ପ୍ରକାଶ କରି କହିଥିଲେ- 'ମୁଁ ତାଙ୍କର କିଛିହେଲେ କ୍ଷତି କରିନାହିଁ। ମୋର ଜଳରେ 'ପଞ୍ଚଜନ' ନାମକ ଏକ ଭୟଙ୍କର ଦୈତ୍ୟ ବାସ କରୁଛି। ଇଚ୍ଛା ଅନୁସାରେ ସେ ଆପଣା ଶରୀରକୁ ଛୋଟବଡ଼ କରିପାରେ। ଏବେ ସେ ସମୁଦ୍ର ଜଳର ନିମ୍ନଦେଶରେ ଏକ ଶଙ୍ଖ ଭିତରେ ଆତ୍ମଗୋପନ କରିଛି। ସେ ହିଁ ତୁମ ଗୁରୁପୁତ୍ରଙ୍କୁ ଭକ୍ଷଣ କରିଛି।' କୃଷ୍ଣ ବଳରାମ ଶଙ୍ଖ ନିକଟରେ ପହଞ୍ଚିଥିଲେ। ଶଙ୍ଖ ଭିତରେ ପଞ୍ଚଜନ ଆରାମରେ ଥିଲା। ଶ୍ରୀକୃଷ୍ଣ ତା'ର ନାମଧରି ଡାକିଥିଲେ। ଜବାବ ନ ମିଳିବାରୁ ଶକ୍ତି ପ୍ରୟୋଗ କରିଥିଲେ। ଶଙ୍ଖଟି ଦୋହଲିବାକୁ ଲାଗିଲା। ରାକ୍ଷସ ନିଶ୍ଚିତ ହୋଇଗଲା ଯେ କିଛି ଅଘଟଣ ଘଟିବାକୁ ଯାଉଛି। ଶଙ୍ଖ ବାହାରକୁ ଆସିବାରୁ କୃଷ୍ଣ ପୁନର୍ଦତ୍ତଙ୍କ ସମ୍ପର୍କରେ ପଚାରିଥିଲେ। ରାକ୍ଷସ ଗୁରୁପୁତ୍ରଙ୍କୁ ଖାଇଦେଇଥିବା କହିଥିଲା। କ୍ରୋଧରେ କୃଷ୍ଣ ବଳରାମ ରାକ୍ଷସ ସହ ଘୋର ଯୁଦ୍ଧ କରି ତାକୁ ମାରି ଦେଇଥିଲେ। ଗୁରୁପୁତ୍ରଙ୍କ ଅସ୍ଥି ସଂଗ୍ରହ କରିଥିଲେ ସେଇଠାରୁ। ପଞ୍ଚଜନ ରହୁଥିବା ଶଙ୍ଖଟି ଅତି ସୁନ୍ଦର ଥିଲା। ଶ୍ରୀକୃଷ୍ଣ ସେହି ସୁନ୍ଦର ଶଙ୍ଖକୁ ଦେଖି ଏହାକୁ ସର୍ବଦା ପାଖରେ ରଖିବା ଇଚ୍ଛା କରି ବଳରାମଙ୍କୁ କହିଥିଲେ- ଏବେଠାରୁ ଏହି ଶଙ୍ଖର ନାମ 'ପଞ୍ଚଜନ୍ୟ' ହେବ। ଗୁରୁପୁତ୍ରଙ୍କ ଅସ୍ଥି ସହ ଯମରାଜଙ୍କ ନିକଟକୁ ଯାଇଥିଲେ। ଗୁରୁଙ୍କ ନିକଟରେ ଦୁହେଁ ତାଙ୍କ ପୁତ୍ରକୁ ଫେରାଇ ନେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଜାଣିବାପରେ ଯମରାଜ ଅସ୍ଥିକୁ ଜୀବନ୍ୟାସ ଦେଇ ପୂର୍ବ ଶରୀର ଫେରାଇ ଦେଇଥିଲେ। ତିନିହେଁ ଅବନ୍ତୀପୁରସ୍ଥ ଗୁରୁଙ୍କ ଆଶ୍ରମକୁ ଫେରି ଆସିଥିଲେ। ଦୀର୍ଘବର୍ଷ ବ୍ୟବଧାନରେ ଗୁରୁ ସନ୍ଦୀପନି ଓ ଗୁରୁପତ୍ନୀ ପୁଅକୁ ଫେରି ପାଇଥିବାରୁ ଆନନ୍ଦରେ ଆତ୍ମହରା ହୋଇଯାଇଥିଲେ। ଗୁରୁଭକ୍ତିର ଅନନ୍ୟ ପରାକାଷ୍ଠା ଦେଖାଇ କୃଷ୍ଣ-ବଳରାମ ଗୁରୁଦକ୍ଷିଣା ଭାବରେ ଅସମ୍ଭବକୁ ସମ୍ଭବ କରି ଯମରାଜଙ୍କ ନିକଟରୁ ମୃତ ପୁତ୍ରକୁ ଫେରାଇ ଆଣିବାରେ ଯେ ସକ୍ଷମ ହୋଇଥିଲେ ଏହାର ମୂଳରେ ଥିଲା ଗୁରୁଙ୍କ ପ୍ରତି ଐକାନ୍ତିକ ଭକ୍ତି।

## ଅଚାନକ ବିଦ୍ୟାଳୟ ଗସ୍ତ କଲେ ବିଧାୟକ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଜିବା ସରକାରୀ ଉଚ୍ଚ ବିଦ୍ୟାଳୟକୁ ସ୍ଥାନୀୟ ବିଧାୟକ ଅଚାନକ ଗସ୍ତ କରି ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ଭିତ୍ତିଭୂମି ଏବଂ ଛାତ୍ରଛାତ୍ରୀଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଗସ୍ତ ସମୟରେ ବିଧାୟକ ବିଭିନ୍ନ ଶ୍ରେଣୀଗୃହ ବୁଲି ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା



କରିଥିଲେ। ପାଠପଢ଼ାର ମାନ, ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍ ବ୍ୟବସ୍ଥା, ଖେଳ ପଡ଼ିଆ ଓ ଅନ୍ୟାନ୍ୟ ମୌଳିକ ସୁବିଧା ବିଷୟରେ ସେ ଖୋଜଖବର ନେଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ମଧ୍ୟ ସୂଚନା ସଂଗ୍ରହ କରିଥିଲେ। ଛାତ୍ରଛାତ୍ରୀମାନେ ମଧ୍ୟ ବିଦ୍ୟାଳୟରେ ଥିବା କିଛି ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟକ ଆଶ୍ୱସନା ଦେଇଥିଲେ।

## କଟକରେ ଘରୋଇ ହସ୍ପିଟାଲ ଆଇସିୟୁରେ ଅଗ୍ନିକାଣ୍ଡ

କଟକ,(ନିପ୍ର): କଟକର ଏକ ଘରୋଇ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଆଇସିୟୁ ରୁମରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ହସ୍ପିଟାଲ ଅଧିକାରୀଙ୍କ ଅନୁଯାୟୀ, ଏସି ରିଟର୍ଣ୍ଣ ଏବଂ ଆଉଟଡୋର କେବୁଲଗୁଡ଼ିକ ଅତ୍ୟଧିକ ଗରମ ହେବା ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏସି ରିଟର୍ଣ୍ଣ କେବୁଲରୁ ନିଆଁ ବାହାରୁଥିବା ଦେଖାଯାଇଥିଲା। ହସ୍ପିଟାଲର ସୁରକ୍ଷା କର୍ମଚାରୀମାନେ ତୁରନ୍ତ ଏହି ଘଟଣା ଉପରେ ନଜର ରଖିଥିଲେ। ଅଗ୍ନିଶମ ସେବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ, ସେମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ନିଆଁ ଲିଭାଇବାରେ ସଫଳ ହୋଇଥିଲେ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ତିନି ଜଣ ଆଇସିୟୁ ରୋଗୀଙ୍କୁ ସେହି ହସ୍ପିଟାଲ ମଧ୍ୟରେ ଥିବା ନିକଟସ୍ଥ ଏଚଡିୟୁ ରୁମକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିଲା। ଘଟଣାରେ କୌଣସି ମାନବ ଜୀବନହାନି ହୋଇନାହିଁ ଏବଂ କୌଣସି ବ୍ୟକ୍ତି ଆହତ ହୋଇନାହାନ୍ତି। ସମ୍ପତ୍ତି କ୍ଷତି ଏପର୍ଯ୍ୟନ୍ତ ଆକଳନ କରାଯାଇ ନାହିଁ। କଟକ ଅଗ୍ନିଶମ କେନ୍ଦ୍ର ଏବଂ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର ଅଗ୍ନିଶମ ସେବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଏକ କୁଲିଂ ଅପରେସନ୍ କରିଥିଲେ।

## ଜିଲ୍ଲାସ୍ତରୀୟ ନିଶାମୁକ୍ତ କାର୍ଯ୍ୟକ୍ରମ

କଟକ,(ନିପ୍ର): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ମାଇଁ ଭାରତ କଟକ ପକ୍ଷରୁ ରଘୁନାଥ ଜିୟୁ ଡିଗ୍ରୀ କଲେଜରେ ଜିଲ୍ଲାସ୍ତରୀୟ ନିଶାମୁକ୍ତ ଯୁବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ ଅଧିକାରୀ ରୋଶନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱାଗତିକା ବେହେରା, ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଚନ୍ଦ୍ର ମୋହନ ସ୍ୱାଇଁ, ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଓ କଲେଜ ପ୍ରଶାସନିକ ଅଧିକାରୀ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ନିଶାମୁକ୍ତ କାର୍ଯ୍ୟକ୍ରମରେ ଯୁବ ଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ।ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ୨୪ଜଣ ଶିକ୍ଷାବିତ ଯୋଗଦେଇଥିବା ବେଳେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ହାତୀକୁ କ୍ଷତି ପହଞ୍ଚାଇ ଜଣେ ଗିରଫ

ଚମ୍ପୁଆ,(ନିପ୍ର): ହାତୀକୁ କ୍ଷତି ପହଞ୍ଚାଇ କେନ୍ଦୁଝର ଜିଲ୍ଲା ବନ ବିଭାଗ ଦ୍ୱାରା ଜଣେ ଗିରଫ । ଗିରଫ ଯୁବକ ଚମ୍ପୁଆ ଥାନା ଗୋଧୂଳି ଗାଁର ଗଣେଶ ନାଏକ । ସମ୍ପୃକ୍ତ ଯୁବକଙ୍କର ଏହି ଭିଡ଼ିଓ ଯିଏ କେହି ଦେଖିଲେ ଆଶ୍ଚର୍ଯ୍ୟ ହେବେ । ଏକ ବିଶାଳ ଦନ୍ତାହାତୀ ନିକଟରେ ଠିଆ ହୋଇ ହାତୀକୁ ନିର୍ଦ୍ଦେଶ ଦେବା ଢ଼ଙ୍ଗରେ ଯୁବକ ଜଣକ କିଛି କହୁଛନ୍ତି । ଭିଡ଼ିଓରେ ଏକ ୟୁକାଲିପଟାସ୍ ଗଛରେ ହାତୀ ନିଜ ଶୁଣ୍ଢ ଏବଂ ୨ଟି ଦାନ୍ତ ଛନ୍ଦି ଠିଆ



ହୋଇ ଗଛ ଚଢ଼ିବାକୁ ଚେଷ୍ଟା କରୁଥିବା ଦେଖାଯାଉଛି ।

## ହିରୋସୀମା ଦିବସ ପାଳିତ

ପୁରୀ,(ନିପ୍ର): ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଇଣ୍ଟରନ୍ୟାସନାଲ୍ ଆସୋସିଏସନ୍ ଫର ଦ ଫ୍ୟୁଚର ଅଫ ହ୍ୟୁମାନିଟି ପକ୍ଷରୁ ୮୧ତମ ହିରୋସୀମା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଡା. ସଦାନନ୍ଦ ମିଶ୍ରଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ଅଳକାନନ୍ଦା ମିଶ୍ର ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ପ୍ରଭାତ ମହାପାତ୍ର ବର୍ତ୍ତମାନର ଯୁଦ୍ଧ ପରିସ୍ଥିତି ମଧ୍ୟରେ ମାନବଜାତିକୁ ଶାନ୍ତିର ପଥ ଅନୁସରଣ କରିବାକୁ ପଡ଼ିବ ବୋଲି କହିଥିଲେ।

### ସ୍ୱାଧୀନତାର ୭୯ ବର୍ଷ ପରେ

# ସବୁଠାରୁ ଅବହେଳିତ ଗ୍ରାମ ମଣିପୁର

ଭାପୁର,(ନିପ୍ର): ଦେଶ ସ୍ୱାଧୀନତା ହେବାର ୭୯ ବର୍ଷ ପରେ ବି ସବୁଠାରୁ ଅବହେଳିତ ଏବଂ ଅପହଞ୍ଚ ଗ୍ରାମ ରୂପେ ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତର ମଣିପୁର ଗ୍ରାମ ଦେଖିବାକୁ ମିଳୁଛି। ରାଜନେତାମାନେ ଯାଉଛନ୍ତି ଆଉ ନୂଆ ଆସୁଛନ୍ତି ହେଲେ ଗ୍ରାମବାସୀଙ୍କ ଦୁଃଖକୁ କେହି ଲାଘବ କରିପାରୁ ନାହାନ୍ତି। ପ୍ରତି ବର୍ଷ ବନ୍ୟା ଏବଂ ୫ ବର୍ଷରେ ଥରେ ନିର୍ବାଚନ ଆସିଲେ ରାଜନେତାମାନଙ୍କର ପାଦ ଏହି ଗାଁ ମାଟିରେ ପଡିଥାଏ। ସେମାନେ ଅନେକ ପ୍ରତିଶ୍ରୁତି ଦେଇ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇ ନିର୍ବାଚନ ଓ ବନ୍ୟାର ବୈତରଣୀ ପାର ହୋଇଥାନ୍ତି। କିନ୍ତୁ,ସେମାନଙ୍କର ପ୍ରତିଶ୍ରୁତି ପାଣିର ଗାର ହୋଇ ରହିଯାଏ। ଜନସାଧାରଣ ସେହି ଦୁଃଖ ଓ କଷ୍ଟରେ ଜୀବନ ଅତିବାହିତ କରନ୍ତି। ସେମାଙ୍କର ବଡ଼ ଦୁଃଖ ହେଲା ବର୍ଷା ଦିନେ କାଳିଗିରି ନଦୀରେ ବନ୍ୟା ଜଳ ଆସିଲେ ମାସ ମାସ ଧରି ଜଳବନ୍ଦୀରେ ଜୀବନ କାଟନ୍ତି। ବିକାଶ ଠାରୁ ବହୁ ଦୂରରେ ରହିଥିବା ଏହି ଗ୍ରାମର ଲୋକ ସଂଖ୍ୟା ୩ ହଜାରରୁ ଅଧିକ। ୪୮ ନମ୍ବର ରାଜ୍ୟ ରାଜପଥ ଠାରୁ ଏହି ଗ୍ରାମ ୩ କିମି ଦୂରତା। ଗ୍ରାମର ପ୍ରାୟ ଶତକଡା ୮୦ ଭାଗ ଲୋକ ମୂଲିଆ ଶ୍ରେଣୀର ଏବଂ ଚାଷୀ ପରିବାରର ହୋଇଥିବାରୁ ଦୁଃଖରେ ଦିନ କାଟନ୍ତି । ଗ୍ରାମର ଚତୁଃପାର୍ଶ୍ୱ କାଳିଗିରି ନଦୀ ଦ୍ୱାରା ପରିବେଷ୍ଟିତ ।ବର୍ଷା ଦିନେ କାଳିଗିରି ନଦୀରେ ବନ୍ୟା ଜଳ ଆସିବାରୁ ଗ୍ରାମଟି ଦିନ ଦିନ ଧରି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥାଏ । ପ୍ରଶାସନ ତରଫରୁ ଡ଼ଙ୍ଗାଟିଏ ମିଳିଲେ ନିକଟ ବଜାରରୁ ସଉଦା ପତ୍ର କିଣିଥାନ୍ତି ନଚେତ ଜରୁରୀ କାର୍ଯ୍ୟ ତଥା ଦେହ ରୋଗରେ ପଡିଲେ ମେଡିକାଲ ମଧ୍ୟ ଆସିପାରନ୍ତି ନାହିଁ।ଗ୍ରାମରେ ଥିବା



ସରକାରୀ ଉପ୍ରା ବିଦ୍ୟାଳୟ ରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ଶ୍ରେଣୀ ଗୃହ ସଂଖ୍ୟା ୮ ଗୋଟି ।ସେଥିମଧ୍ୟରୁ ୪ ଗୋଟି ଗୃହକୁ ପ୍ରଶାସନ ପକ୍ଷରୁ ବିପଜ୍ଜନକ ଘୋଷଣା କରାଯାଇଛି। ଅବଶିଷ୍ଟ ଗୋଟିଏ ଗୃହ ଅଫିସ ହୋଇଥିବାବେଳେ ଆଉ ୩ ଟି ଗୃହରେ ୯ ଟି ଶ୍ରେଣୀର ପିଲା ପଢୁଛନ୍ତି। ହାଇସ୍କୁଲ ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ଫତେଗଡ଼ ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆସନ୍ତି ।

ବନ୍ୟା ସମୟରେ ରାସ୍ତା ଉପରେ ପାଣି ଯୋଗୁଁ ସେମାନଙ୍କର ପାଠ ପଢା ବନ୍ଦ ହୋଇଥାଏ ।ବିଦ୍ୟାଳୟ ନିକଟରେ ଉଚ୍ଚଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର ରହିଥିବାରୁ ପ୍ରତି ମୁହୂର୍ତ୍ତରେ ବିପଦ ସୃଷ୍ଟି କରିଥାଏ ।ଗ୍ରାମ ମଝିରେ ପ୍ରାୟ ୫ ଏକରରୁ ଊର୍ଦ୍ଧ୍ୱ ଜମିରେ ରହିଛି ଏକ ପୁଷ୍କରଣୀ। ସେହି ପୋଖରୀ ବହୁ ବର୍ଷ ହେଲା ସଫା ସୁତରା ହୋଇ ନ ଥିବାରୁ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇ ପଡିଛି। ରାଜପଥ ଠାରୁ ଗାଁ କୁ ଯିବା ପାଇଁ ରାସ୍ତାର ସିମେଣ୍ଟ ଢ଼ଳେଇ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଇଥିବାରୁ ଯାତାୟାତ ପାଇଁ ଅନୁପଯୁକ୍ତ ହୋଇପଡିଛି। ଯାହା ଜଣାପଡୁଛି ଗ୍ରାମବାସୀମାନେ ଏ ପର୍ଯ୍ୟନ୍ତ ସ୍ୱାଧୀନତାର ଆଲୋକ ପାଇପାରି ନାହାନ୍ତି।ଗ୍ରାମବାସୀଙ୍କ ଦୁଃଖ ରାଜନେତା ଓ ପ୍ରଶାସନ ଜାଣିଥିଲେ ମଧ୍ୟ ସମସ୍ୟାର ସମାଧାନ କରିବା ପାଇଁ କାହାରି ଆନ୍ତରିକତା ନ ଥିବାଭଳି ମନେହୁଏ। ତେଣୁ,ମଣିପୁର ଗ୍ରାମବାସୀଙ୍କ ସହିତ ପ୍ରଶାସନ ଏବଂ ରାଜନେତା ମାନେ ରାଜନୀତି ନ କରି ସେମାନଙ୍କର ନାର୍ଯ୍ୟ ଦାବି ପୂରଣ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଭାପୁର ବ୍ଲକର ଶିକ୍ଷାବିତ ଓ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

## ନିମ୍ନମାନର କାମ ନେଇ ଅଭିଯୋଗ

ଖଡ଼ିଆଳ,(ନିପ୍ର): ନୂଆପଡା ଜିଲ୍ଲା ଅନ୍ତର୍ଗତ ଖଡ଼ିଆଳ ବ୍ଲକର ବାଦୀ ମାଳପାଡ଼ାର ବିନୋଦ ଦାସ ଠାରୁ ବୈରାଗୀ ଛତ୍ରିଆ ରାସ୍ତାର କଂକ୍ରିଟକରଣ ପାଇଁ ୨୦୨୫/୨୬ରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ୩ଲକ୍ଷ ଟଙ୍କାର ଅନୁମୋଦନ ହୋଇ ଖଡ଼ିଆଳ ପଂଚାୟତ ସମିତି ତରଫରୁ କଂକ୍ରିଟ କରାଯାଇଛି। ବିଭାଗୀୟ ଅଧିକାରୀଙ୍କ ପି.ସି କାରବାର ଓ ଠିକାଦାରଙ୍କ ଅଧିକ ଲାଭଖୋର ନୀତି ପାଇଁ ନିର୍ମାଣ ହେବାର ମାସେ ନ ପୂରୁଣୁ କଂକ୍ରିଟ ରାସ୍ତାଟି ମାଟିରେ ମିଶିବାକୁ ବସିଲାଣି। ସରକାର ଲୋକଙ୍କ ଗମନାଗମନ




ସହିତ ରାସ୍ତାର ବିକାଶର ପାଇଁ ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ପଂଚାୟତ ସମିତିର ଅତ୍ୟଧିକ ଦୁର୍ନୀତି ପାଇଁ ଅଂଚଳର ବିକାଶ ପରିବର୍ତ୍ତେ ଅବନୀତି ଆଡକୁ ଗତି କରୁଥିବା ଅଭିଯୋଗ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଏହି ବିନୋଦଦାସ ଠାରୁ ବୈରାଗୀ ଛତ୍ରିଆ କଂକ୍ରିଟ ରାସ୍ତା । ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଅନୁଯାୟୀ କଂକ୍ରିଟ ରାସ୍ତାରେ ୩ଲକ୍ଷ ବ୍ୟୟରେ ୨୨ମିଟର ଲମ୍ବା ପ୍ରଶସ୍ତ ୩ମିଟର, ବାଲି, ୪ଇଞ୍ଚ ୪ଇଞ୍ଚ ମେଟାଲ ଓ ୩ଇଞ୍ଚି ଚିପ୍ସ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ଏହି ରାସ୍ତାରେ କୌଣସି ବାଲି ଦିଆଯାଇନାହିଁ । କଂକ୍ରିଟ କରି ବ୍ୟାପକ ମାତ୍ରାରେ ହରିଲୁଟ କରାଯାଇଛି । ଅଭିଯୋଗକୁ କୌଣସି କର୍ଣ୍ଣପାତ କରାଯାଉ ନଥିବା ଲୋକେ କହିଛନ୍ତି। ଏଣୁ ଏହି ରାସ୍ତାଟି ବର୍ତ୍ତମାନ ଭୁଶୁଡିବାକୁ ବସିଲାଣି । ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଲୋକେ ଦାବି କରିଛନ୍ତି।

## ଗୋ-ଖାଦ୍ୟ ବଣ୍ଟନକୁ ନେଇ ଉତ୍ତେଜନା, ଅନିୟମିତତା ଅଭିଯୋଗ

ଧାମନଗର,(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ନଦୀଗାଁ ପାଟଣାସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ସରକାରୀ ଗୋ-ଖାଦ୍ୟ ବଣ୍ଟନକୁ ନେଇ ବିବାଦ ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଓ ବନ୍ୟା ପରିସ୍ଥିତିରେ ପଶୁପାଳକଙ୍କ ପାଇଁ ଆସିଥିବା ଗୋ-ଖାଦ୍ୟ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ସରକାରୀ କର୍ମଚାରୀଙ୍କ ଅନୁପସ୍ଥିତିରେ କିଛି ସ୍ଥାନୀୟ ବ୍ୟକ୍ତି ନିଜ ସମର୍ଥକଙ୍କ ସହ ଗୋ-ଖାଦ୍ୟ ବଣ୍ଟନ କରିଥିଲେ। ଏହାକୁ ବିରୋଧ କରି ଅନେକ ଗ୍ରାମବାସୀ ପ୍ରତିବାଦ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରତିବାଦ ବେଳେ ପ୍ରାୟ ୩୦ ରୁ ୪୦ ଜଣଙ୍କୁ ଧକ୍କା ମାରିବା ସହ ଆକ୍ରମଣ କରାଯାଇଥିଲା, ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।ଏହି ଘଟଣାକୁ ନେଇ ଉଭୟଙ୍କ ପକ୍ଷରୁ ଧୁଷୁରୀ ଥାନାରେ ଏତଲା ଦାଖଲ କରିଛନ୍ତି।

ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣା ବେଳର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଥିବାରୁ ଏହାକୁ ନେଇ ଅଞ୍ଚଳରେ ବ୍ୟାପକ ଚର୍ଚ୍ଚା ଚାଲିଛି। ତେବେ ଧୁଷୁରୀ ପୋଲିସ ନଦୀଗାଁ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟଙ୍କୁ ପୋଲିସ ଉଠାଇ ନେଇଥିଲା। ତେବେ ଅଧିକାଂଶ ସ୍ଥାନରେ ସରକାରୀ ଅଧିକାରୀ ଅନୁପସ୍ଥିତ ଥିବାବେଳେ କିଛି ବ୍ୟକ୍ତି ନିଜେ ଏପରି ସରକାରୀ ରିଲିଫକୁ ବାଣ୍ଟୁଛନ୍ତି । ଯାହା କି ପ୍ରକୃତ ଲୋକ ପାଇବାରୁ ବଞ୍ଚିତ ହେଉଥିବା କୁହାଯାଇଛି।

## ଜୀବନ ପାଇଁ ରକ୍ତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ନୟାଗଡ଼,(ନିପ୍ର): ନୟାଗଡ଼ ସାମ୍ବାଦିକ ଭବନରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ରଙ୍କ ଆବାହକତ୍ୱରେ ରୋଟାରୀ କ୍ଲବ ଓ ସାମ୍ବାଦିକ ଭବନ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଶିବିରକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷ ନିରୂପମା ଖଟେଇ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଜୀବନ ପାଇଁ ରକ୍ତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । କଜଳାଇପଲ୍ଲୀ ମେଡିକାଲ ଅଫିସର ଡା. ଅବିନାଶ ଶତପଥିଙ୍କ ନେତୃତ୍ୱରେ ଅଜୟ କୁମାର ପଟ୍ଟନାୟକ, ପବିତ୍ର ମୋହନ ସାହୁ, ସସ୍ମିତା ଦାଶ, ରବୀନ୍ଦ୍ର ନାଥ ସାହୁଙ୍କ ସମେତ ବହୁ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ମୋଟ ୯୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ବହୁ ବିଶିଷ୍ଟ ବ୍ୟକ୍ତି ତଥା ବିଜେପି ନେତା ସନ୍ତୋଷ ପ୍ରଧାନ, ଟିପିସିଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ ମହାପାତ୍ର, ବିଶିଷ୍ଟ ବ୍ୟବସାୟୀ ତାପସ ରଞ୍ଜନ ପାଢ଼ୀ, ମଡେଲ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ମାନଓ ରଞ୍ଜନ ଶତପଥି, ଶିକ୍ଷକ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ କରିବା ସହ ଅନ୍ୟ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

## ବରିଷ୍ଠ ନାଗରିକଙ୍କ ସଚେତନତା ସଭା

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ ପ୍ରସିଦ୍ଧ ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗ୍ରାମାଞ୍ଚଳର ବରିଷ୍ଠ ନାଗରିକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ସହାୟତା, ଯୋଜନା ଓ ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ଗ୍ରାମାଞ୍ଚଳରେ ରହୁଥିବା ପ୍ରବୀଣ ନାଗରିକମାନେ କିପରି ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାର ସଫଳ ରୂପାୟନ ଓ ଲାଭ ପାଇପାରିବେ, ସେ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ଆଲୋକପାତ କରିଥିଲେ।

## ଶିକରପାଇ-ସେରିଗୁମ୍ମା ରାସ୍ତା ପାଲଟିଛି ମରଣଯନ୍ତା

### ବିଭାଗ ନିଷ୍କ୍ରିୟ, ଲୋକେ ଅସନ୍ତୁଷ୍ଟ

ରାୟଗଡ଼ା,(ନି:ପ୍ର): ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଦିନକୁ ଦିନ ଯମ ଠାରୁ ଅଧିକ ଯନ୍ତ୍ରଣା ହେଉଥିବାରୁ ଦୁର୍ଘଟଣା ବଢୁଛି। ସେହିପରି ବ୍ଲକର ଶିକର ପାଇ ଠାରୁ ସେରିଗୁମା ପ୍ରାୟ ୧୪ କିମି ରାସ୍ତା ବର୍ତ୍ତମାନ ଲୋକଙ୍କ ପାଇଁ ମରଣଜନ୍ତା ପାଲଟିଛି କହିଲେ ଭୁଲ ହେବନାହିଁ। ରାସ୍ତା ଆରଡ଼ି ବିଭାଗ ଦ୍ୱାରା ଗତ ମାର୍ଚ୍ଚ ମାସ ପୂର୍ବରୁ ମରାମତି ଓ ପିଚୁ ପଡି ଲକ୍ଷ ଲକ୍ଷ ଟଙ୍କା ସରକାରଙ୍କ ତହବିଲରୁ ଖର୍ଚ୍ଚ କରା ଯାଇଥିଲା। କିନ୍ତୁ ଛଅ ମାସ ମଧ୍ୟ ଠିକ୍ ରୂପେ ଗଲାନାହିଁ। ରାସ୍ତରେ ବଡ଼ ବଡ଼ ଖାଲ ହୋଇ ଯାଇଛି। ମେଟାଲ ଚିପ୍ସ ବାହାରି ପଡିଛି ଫଳରେ ଖାଲ ସୃଷ୍ଟି ହୋଇଛି। ବର୍ତ୍ତମାନ ବର୍ଷା ଋତୁ ଆସିଥିବାରୁ ରାସ୍ତାର ଖାଲରେ ପାଣି ଜମିରହୁ ଥିବାରୁ ଦୁର୍ଘଟଣାର ଶିକାର



ହୋଇ କେହି କେହି ମୃତ୍ୟୁବରଣ କରୁଛନ୍ତି ତ କିଛି ଲୋକ ଖଣ୍ଡିଆ ଖାବରା ହୋଇ ବିକଳାଙ୍ଗ ହୋଇ ଦୁର୍ବିସହ ଜୀବନ କଟୁଛନ୍ତି। ଏହି ରାସ୍ତା କାର୍ଯ୍ୟ ଆରମ୍ଭରେ ଠିକାଦାର ଅତି ନିମ୍ନମାନର କାର୍ଯ୍ୟ କରିଥିବା ବିଭଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସେତେବେଳେ ଥିବା ଯନ୍ତ୍ରୀ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ନେଇ ନ ଥିଲେ। ଫଳରେ ଲୋକେ ଏବେ ଦୁର୍ଦ୍ଦଶା ଭୋଗୁଥିବା କହିଛନ୍ତି। ରାସ୍ତା କାର୍ଯ୍ୟରେ ଅତି ନିମ୍ନମାନର କାର୍ଯ୍ୟ କରିଥିବା ଠିକାଦାର ଓ ତାଙ୍କୁ ସହଯୋଗ କରିଥିବା ପ୍ରଶାସନିକ ଅଧିକାରୀ ମାଲେ ମାଲ ହୋଇଥିବା ବେଳେ ଲୋକେ କିନ୍ତୁ ଯମ ଯନ୍ତ୍ରଣା ଭୋଗିବାକୁ ବାଧ ହେଉଛନ୍ତି। ସରକାର ବଦଳିଲା ସରକାରୀ ଅଧିକାରୀ ବଦଳିଲେ। କିନ୍ତୁ ଅଧିକାରୀଙ୍କ ଢାଞ୍ଚା ଆଜିଯାଏ ବଦଳି ପାରିନଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏମିତିକି ମରାମତି ଓ ରାସ୍ତା କଡ଼ରେ ମେଟାଲ କଂକ୍ରିଟ ନିର୍ମାଣ ନାମରେ ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରିଥିବା ମଧ୍ୟ ଅଭିଯୋଗ କରିଛନ୍ତି ଶିକର ପାଇ ଓ ସେରିଗୁମା ପଞ୍ଚାୟତବାସୀ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଡାକ କ୍ଷେତ୍ରୀୟ କାର୍ଯ୍ୟାଳୟ ସ୍ଥାନାନ୍ତର ନ କରିବା ପାଇଁ ସ୍ମାରକପତ୍ର

ନୟାଗଡ,(ନିପ୍ର): ନୟାଗଡ ଜିଲ୍ଲା ସଦର ମହକୁମାରେ ଡାକ ବିଭାଗର ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଗତ ୬ବର୍ଷ ହେଲା କାର୍ଯ୍ୟ କରୁଥିବାବେଳେ ଉକ୍ତ କାର୍ଯ୍ୟାଳାୟ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧୀନରେ ରହିଛି । କିନ୍ତୁ ମୁଖ୍ୟ ଡାକପାଳ ନୟାଗଡ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧୀନରେ ରଖିବା ପାଇଁ ମସୁଧା ଚଳାଇଛନ୍ତି । ତେଣୁ ଶୁକ୍ରବାର ନୟାଗଡ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନୂଆ ଦିଲ୍ଲୀ ବିଭାଗୀୟ କେନ୍ଦ୍ର ସଚିବଙ୍କ ପାଖକୁ ଏକ ସ୍ମାରକପତ୍ର ନୟାଗଡ ଡାକ ଅଧୀକ୍ଷକଙ୍କ ଜରିଆରେ ପ୍ରଦାନ କରାଯାଇଛି । ସ୍ମାରକପତ୍ର ଦେବା ସମୟରେ



ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ନିଶିକାନ୍ତ ରଥ, ସାମ୍ବାଦିକ ପ୍ରଭାସିନୀ ନନ୍ଦ, ସାମ୍ବାଦିକ ଲୋକନାଥ ମିଶ୍ର, ବିଭୂତି ପଟ୍ଟନାୟକ, ବିକ୍ରମ ସ୍ୱାଇଁ, ସତ୍ୟନାରାୟଣ ମିଶ୍ର, ଗୋକୁଳ ଷଡଙ୍ଗୀ, ପୁରୁଷୋତ୍ତମ ମହାପାତ୍ର, ରଂଜନ ନାୟକ, ପ୍ରମୋଦ ନନ୍ଦ, ସୁଧାକର ମିଶ୍ର ପ୍ରମୁଖଙ୍କ ନେତୃତ୍ୱରେ ସ୍ମାରକପତ୍ର ବଣ୍ଟାଯିବା ସହିତ କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର ଅଧୀନରେ ନୟାଗଡ ଡାକ ଅଧିକ୍ଷକଙ୍କ କାର୍ଯ୍ୟାଳୟ ରହିବା ପାଇଁ ଦାବି କରିଥିଲେ । ବ୍ରହ୍ମପୁର ଡାକ କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧନରେ ନୟାଗଡ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ରହିଲେ ଜିଲ୍ଲାବାସୀ, ଡାକ କର୍ମଚାରୀ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟକୁ ଯାତାୟାତ କରିବା ସମ୍ଭବପର ନୁହେଁ । ନୟାଗଡରୁ ବ୍ରହ୍ମପୁର ଯିବା ପାଇଁ ସେଭଳି ଗମନାଗମନର ସୁବିଧା ସୁଯୋଗ ନାହିଁ । ଯଦି କ୍ଷେତ୍ରୀୟ କାର୍ଯ୍ୟାଳୟ ବ୍ରହ୍ମପୁର କରାଯାଏ ତାହାହେଲେ ଜିଲ୍ଲାର ଲକ୍ଷାଧିକ ଜନସାଧାରଣ ତଥା ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେବେ । ଏହି ସ୍ମାରକପତ୍ର ମାଧ୍ୟମରେ ଯେଉଁଭଳି ଭାବରେ ନୟାଗଡ ଜିଲ୍ଲା ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧିନରେ ରଖିବାକୁ ଦାବି କରାଯାଇଛି । ଯଦି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧିନରେ ନୟାଗଡ ଅଧିକ୍ଷକଙ୍କ କାର୍ଯ୍ୟାଳୟ ରଖାଯାଏ ତେବେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି କୁହାଯାଇଛି ।

# ୭୫ବର୍ଷ ପରେ ବି ବିଦ୍ୟାଳୟ ରୂପରେଖ ବଦଳିପାରୁନି

### ଭଙ୍ଗାଦଦରା ଆଜବେଷ୍ଟସ ତଳେ ପାଠପଢା, ପିଲାଙ୍କ ପାଇଁ ବିପଦ ପୁରୁଣା ବରଗଛ, ଗୋଟିଏ ଗୃହରେ ୩ ଶ୍ରେଣୀର ପାଠପଢା

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କୁଣ୍ଡି ମହାନ୍ତିପଡ଼ା ସରକାରୀ ଉନ୍ନୀତ ମ.ଇ ବିଦ୍ୟାଳୟ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ୧୯୫୦ ମସିହାରେ ସ୍ଥାପିତ ହୋଇଥିବା ଉକ୍ତ ବିଦ୍ୟାଳୟ ଇତି ମଧ୍ୟରେ ୭୫ବର୍ଷ ପୂରଣ କରିସାରିଛି। କିନ୍ତୁ ଶ୍ରେଣୀ ଗୃହ ଅବସ୍ଥାରୁ ଏଠାରେ ଶିକ୍ଷାଦାନରେ ଘୋର ସମସ୍ୟା ଉପୁଜୁଛି। ଇଂରାଜୀ ବିଦ୍ୟାଳୟରେ ଶିକ୍ଷକ ଅଛନ୍ତି, ପିଲାବି ଅଛନ୍ତି କିନ୍ତୁ ଶ୍ରେଣୀ ଗୃହ ଅଭାବରୁ ଏଠାରେ ଶିକ୍ଷା ଦାନରେ ଘୋର ସମସ୍ୟା ଉପୁଜୁଛି। ଇଂରାଜୀ ବିଦ୍ୟାଳୟର ଶିଶୁ ବାଟିକା ସମେତ ୭ଟି ଶ୍ରେଣୀ ପାଇଁ ୬ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ଶିଶୁ ବାଟିକାରେ ୧୮ ଜଣ,ପ୍ରଥମ ଶ୍ରେଣୀ ରେ ୩୧ ଜଣ ଓ ୨ୟ ଶ୍ରେଣୀରେ ୧୪ଜଣ ଏହିପରି ୬୩ ଜଣ ପିଲା ଶ୍ରେଣୀ ଗୃହ ଅଭାବରୁ ଗୋଟିଏ କୋଠରୀରେ ଶିକ୍ଷାଲାଭ କରୁଥିବା ବେଳେ ୬ଷ୍ଠ ଓ ୭ମ ଶ୍ରେଣୀକୁ ଛାଡ଼ି ଅନ୍ୟ ତିନି ଶ୍ରେଣୀ ୩ୟ,୪ର୍ଥ ଓ ୫ମ ଶ୍ରେଣୀର ପିଲାମାନେ ଭଙ୍ଗା ପୁରୁଣା ଆଜବେଷ୍ଟସ ଗୃହରେ ବିପଦ ସଙ୍କୁଳ ପରିସ୍ଥିତିରେ ଶିକ୍ଷାଲାଭ କରୁଛନ୍ତି । ଉକ୍ତ ଗୃହ ବହୁ ପୁରୁଣା ହୋଇଥିବାରୁ ଏବଂ ବିଭାଗ ତରଫରୁ ଏହାର କୌଣସି ରକ୍ଷଣାବେକ୍ଷଣ କରାଯାଉନଥିବାରୁ ଏହା ପିଲାଙ୍କ ଜିବନ ପ୍ରତି ବିପଦ ସୃଷ୍ଟି କରୁଛି । ବର୍ଷା ହେଲେ



ଛାତରୁ ପାଣି ଗଡ଼ିବା ସହ ପାରାଙ୍କ ବାସସ୍ଥଳୀ ପାଲଟିଛି । ଏବଂ ବର୍ତ୍ତମାନ ପୁରୁଣା ଆଜବେଷ୍ଟସ ସବୁ ଭାଙ୍ଗିବା ଆରମ୍ଭ କଲାଣି । ଏହିପରି ସ୍ଥଳେ ବିଦ୍ୟାଳୟର ଶ୍ରେଣୀ ଗୃହ ନଥିବା ବେଳେ ଉକ୍ତ ଆଜବେଷ୍ଟସ ଗୃହ ମଧ୍ୟରୁ ଗୋଟିଏ ଗୃହରେ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଚାଲୁଥିବାର ଜଣାପଡ଼ିଛି। ଉକ୍ତ ପୁରାତନ ଆଜବେଷ୍ଟସ ଗୃହକୁ ଲାଗି ଏକ ପୁରାତନ ବରଗଛ ଥିବାରୁ କୌଣସି ସମୟରେ ଉକ୍ତ ଗଛର ଡ଼ାଳ ଭଙ୍ଗା ଆଜବେଷ୍ଟସ ଉପରେ ପଡ଼ି ପିଲାଙ୍କ ପାଇଁ ବିପଦ ସୃଷ୍ଟି ନ କରିବ କିଏ କହି ପାରିବ। ଏହା ମଧ୍ୟରେ ୭୫ ବର୍ଷ ଅତିକ୍ରମ କରି ସାରିଥିଲେ ସୁଦ୍ଧା ବିଦ୍ୟାଳୟଟିର ଶୈକ୍ଷିକ ପରିବେଶରେ ଉନ୍ନତି ହୋଇପାରିନପାରିବା ବଡ଼ ଦୁଃଖ ଓ ଅନୁତାପର ବିଷୟ ।

ଚଳିତ ଶିକ୍ଷାବର୍ଷରେ ଉକ୍ତ ବିଦ୍ୟାଳୟରେ ୨୧୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ବିଦ୍ୟାଳୟର ଗୋଟିଏ ଗୃହରେ ୩ଟି ଶ୍ରେଣୀ ଓ ବିପଦଶଙ୍କୁଳ ଗୃହରେ ୩ଗୋଟି ଶ୍ରେଣୀର ପାଠପଢା କିପରି ଚାଲିଛି ଏବଂ ଏଠାରେ କିପରି ଅଧ୍ୟାପନା କାର୍ଯ୍ୟ ସଂପାଦନ ହେଉଛି ସେଥିନେଇ ଅଭିଭାବକଙ୍କ ଚିନ୍ତା ବଢିଯାଇଛି । ସେହିପରି ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ କୌଣସି ପରିସ୍ରାଗାର ନଥିବା ବେଳେ ବିଦ୍ୟାଳୟ ସମ୍ମୁଖ ପାଖକୁ ଛାଡ଼ି ଅନ୍ୟ ପାର୍ଶ୍ୱରେ ସ୍ଥାୟୀ ପାଚେରି ନିର୍ମାଣ ହୋଇନଥିବାରୁ ଏହା ମଧ୍ୟ ପିଲାଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି ।

ସେହିପରି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ନିମନ୍ତେ କୌଣସି ସ୍ୱତନ୍ତ୍ର ଗୃହ ଉପଲବ୍ଧ ନଥିବାରୁ ଏହା ଏକ ବିପଦସଂକୁଳ ଗୃହରେ ପ୍ରସ୍ତୁତ ହେଉଛି। ବର୍ଷା ହେଲେ ଭୋଜନ ପ୍ରସ୍ତୁତରେ ବାଧା ଉପୁଜୁଛି । ବିଦ୍ୟାଳୟରେ କୌଣସି ଭଣ୍ଡାର ଗୃହ ନଥିବା ବେଳେ କମ୍ପ୍ୟୁଟର ଗୃହ ନ ଥିବାରୁ କମ୍ପ୍ୟୁଟର ଗୁଡ଼ିକ ପଡ଼ି ପଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ଏତେ ପୁରାତନ ବିଦ୍ୟାଳୟଟିରେ ଏହିପରି ଅବ୍ୟବସ୍ଥା ଯଦି ଲାଗି ରହେ ତେବେ ଏହା ନିଶ୍ଚିନ୍ତ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରବାହ ପକାଇବା ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି । ତେଣୁ ଏତେ ପୁରାତନ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

ତିଥି :(ଦଶମୀ): (ରୋହିଣୀ ବୃଷ)
ଅମୃତ ବେଳା: ଦିବା ଘ ୯ । ୨୭ ଗତେ ଘ୧୨ ।୩୯ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି, ସେହି ଶୀତ-ଉଷ୍ଣ, ସୁଖ-ଦୁଃଖ ତଥା ମାନ-ଅପମାନରେ ପ୍ରଶାନ୍ତ ବା ନିର୍ବିକାର ରହୁଥିବା ମନୁଷ୍ୟଙ୍କୁ ପରମାତ୍ମା ନିତ୍ୟପ୍ରାପ୍ତ ଅଟନ୍ତି ।। - ଶ୍ରୀମଦ୍ ଭଗବଦ୍ ଗୀତା

# ତ୍ରୁଟି ନ ଘଟୁ

ରାଜ୍ୟର ୨୨ ଜିଲ୍ଲାର ପ୍ରାୟ ୧୫ ଶହ ଗ୍ରାମ ଚଳିତ ବନ୍ୟାରେ ପ୍ରଭାବିତ ହୋଇଛି। ମୋଟ ଉପରେ ୮ଲକ୍ଷରୁ ଅଧିକ ଲୋକ ବିପନ୍ନ ହୋଇଛନ୍ତି। ସବୁଠୁ ଅଧିକ ପ୍ରଭାବିତ ଜିଲ୍ଲା ମଧ୍ୟରେ ରହିଛି ବାଲେଶ୍ୱର, ଭଦ୍ରକ ଓ ଯାଜପୁର। ବିପର୍ଯ୍ୟୟ ସମୟ ସର୍ବଦା ତ୍ୱରିତ୍ ପଦକ୍ଷେପ ଲୋଡ଼େ। କୌଣସି ସ୍ଥାନରେ ବିପନ୍ନମାନେ ଦହଗଞ୍ଜ ନ ହୁଅନ୍ତୁ। ଯଥାସମ୍ଭବ ମୌଳିକ ସେବା ସେମାନଙ୍କ ନିକଟରେ ପହଞ୍ଚୁ। ଏହା ହେଉଛି ପ୍ରଶାସନର ପ୍ରମୁଖ ଦାୟିତ୍ୱ। ମଝିରେ ଖରାପାଗ ହେତୁ ବନ୍ୟା ଜଳପ୍ରବାହ କମିଥିଲା। ଲୋକେ ଆଶ୍ୱସ୍ତ ହୋଇଥିଲେ ଯାହା ହେଉ ଏଥର ତ୍ରାହି ମିଳିଲା। କିନ୍ତୁ ଏବର ପାଣିପାଗ ପୂର୍ବାନୁମାନ ଶଙ୍କା ବଢାଉଛି। ତାହା ହେଉଛି ପୁଣି ଆସୁଛି ଲଘୁଚାପ।

ନିକଟରେ ବନ୍ୟା ପ୍ରଭାବିତ ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଂଜ ଓ ଜଗତସିଂହପୁର ଜିଲ୍ଲାକୁ ବିଭିନ୍ନ ମନ୍ତ୍ରୀ ବ୍ୟକ୍ତିଗତ ଭାବରେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରାଥମିକ ଆକଳନ ଭିତ୍ତିରେ ୧୧୦କୋଟି ଟଙ୍କା ରାଜ୍ୟ ସରକାର ମଂଜୁର କରିଛନ୍ତି। ଅବଶ୍ୟ କେନ୍ଦ୍ର ସରକାର ୫୦୦କୋଟି ଯୋଗାଇଥିବା କହିଛନ୍ତି। ସହାୟତା ରାଶି ସିଧାସଳଖ ହିତାଧିକାରୀଙ୍କ ପାଖକୁ ଡିବିଟି ମାଧ୍ୟମରେ ପଠାଯାଉଥିବା ରାଜ୍ୟ ସରକାର ଘୋଷଣା ଦେଇଛନ୍ତି । ବର୍ତ୍ତମାନ ସମୟରେ ପ୍ରଭାବିତଙ୍କ ଠାରେ ଅର୍ଥାଭାବ ରହିବା ସ୍ୱାଭାବିକ। ଅର୍ଥ ମିଳିଲେ ତାହାକୁ ସେମାନେ ଉପଯୋଗ କରିବେ। ତେବେ ଯାହା ମନେହେଉଛି ପ୍ରଭାବିତ ହୁଅନ୍ତୁ ଅବା କ୍ଷତିଗ୍ରସ୍ତ ଚାଷୀ ଯେଭଳି ଦୁର୍ଦ୍ଦଶା ଭିତରେ ଅଛନ୍ତି ଅଣ୍ଟାସଳଖି ଠିଆ ହେବା ପାଇଁ ଢେର ଦିନ ଲାଗିବ। ସୁତରାଂ ଆବଶ୍ୟକ ପଡ଼ିଲେ ରାଜ୍ୟ ସରକାର ସହାୟତା ରାଶି ବଢାଇବା ପ୍ରତି ଯତ୍ନଶୀଳ ହେବେ ବୋଲି ଆଶା କରାଯାଏ। କାରଣ ପାଣିପାଗର ବିଚିତ୍ର ଗତିବିଧି ଲକ୍ଷଣୀୟ। ଜୁନ ଓ ଜୁଲାଇରେ ବର୍ଷା କମ୍ ରହିପାରେ ବୋଲି ଆଇଏମ୍‌ଡି ଯେଉଁ ପୂର୍ବ ଆକଳନ କରିଥିଲା ତାହା ଭୁଲ୍ ହେଲା। ଲଘୁଚାପ ଓ ଗଭୀର ଅବପାତଜନିତ ବର୍ଷା ଏବଂ ବନ୍ୟା ଘଟିଲା। 'ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ' ଯେଉଁ କଥା କୁହାଯାଇଛି ତାହାର ଗୁରୁତ୍ୱ ଲକ୍ଷ୍ୟ କରାଯାଇପାରେ।

ବନ୍ୟା ସହାୟତା ତୁରନ୍ତ ପ୍ରଭାବିତ କ୍ଷତିଗ୍ରସ୍ତଙ୍କ ପାଖରେ ପହଞ୍ଚା ଯିବାର ତ୍ରୁଟି ନ ଘଟୁ ଏହା ନିଶ୍ଚୟ ଚାହିଁବା। ପ୍ରକୃତ କ୍ଷତିଗ୍ରସ୍ତ ସହାୟତା ପାଆନ୍ତୁ। ଯେଉଁମାନେ କ୍ଷତିଗ୍ରସ୍ତ ହୋଇନାହାନ୍ତି ସେମାନେ ନ ପାଆନ୍ତୁ ଏହା ନିଶ୍ଚୟ କାମ୍ୟ। କିନ୍ତୁ ଯେଉଁସବୁ ଅଞ୍ଚଳ ପ୍ରଭାବିତ ସଂପୃକ୍ତ ଅଞ୍ଚଳର ସମସ୍ୟା ସମାଧାନ ତ୍ୱରିତ୍ କରାଯିବାରେ ପ୍ରଶାସନିକ ତତ୍ପରତା ଅତ୍ୟନ୍ତ ଜରୁରୀ। ଲଘୁଚାପ ହେତୁ ଆଗକୁ ବିପତ୍ତି ବଢିବା ଆଶଙ୍କା ସ୍ୱାଭାବିକ। ତେବେ 'ଶୂନ ମୃତ୍ୟୁ' ନୀତିକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରିବା, ଖାଦ୍ୟ ଯୋଗାଣ ଓ ଅସୁସ୍ଥଙ୍କ ଚିକିତ୍ସା ତଥା ଆନୁଷଙ୍ଗିକ ବ୍ୟବସ୍ଥାରେ ହେଳା ନ ଘଟୁ ଆମେ ଆଶା କରିବା। ବନ୍ୟା ପ୍ରଭାବିତ ଲୋକେ ହୀନସ୍ତା ହେଉଛନ୍ତି। ସେହି କଷ୍ଟ ଅଙ୍ଗେ ନିଭାଉଥିବା ଲୋକେ ହିଁ ଜାଣନ୍ତି। ସୁତରାଂ ସମବେଦନା, ସହାୟତା ଓ ସାହାଯ୍ୟର ହାତ ସବୁ ଆଡୁ ଲମ୍ବୁ, ଏହା ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା।

# 'ପୀଡ଼ିତ' ସାଜିବାର କଳା

## ବରୁଣ କୁମାର ମହାପାତ୍ର

ଆଜିକାଲି ଏକ ନିର୍ଦ୍ଦିଷ୍ଟ 'କଳା'ର ଚାହିଦା ବଢ଼ିବାରେ ଲାଗିଛି। ଏହି କଳା ହେଲା 'ଭିକ୍ଟିମ୍ କାର୍ଡ' ଖେଳିବାର କଳା। ସରଳ ଭାଷାରେ କହିଲେ 'ପୀଡ଼ିତ ସାଜିବାର କଳା'। ଆମ ସମାଜରେ ଏମିତି କିଛି ବ୍ୟକ୍ତିବିଶେଷ ଅଛନ୍ତି ଯେଉଁମାନେ ନିଜ ଦୋଷତ୍ରୁଟି ଘୋଡାଇବାକୁ ଏହି କଳାର ଆଶ୍ରୟ ନିଅନ୍ତି। ସେମାନଙ୍କ ପାଇଁ 'ଭୁଲ୍' କରିବା ଗୋଟେ ଅଭ୍ୟାସଗତ ଦୁର୍ଗୁଣ। ଭୁଲ୍ ଧରାପଡ଼ିଗଲେ ସେମାନେ 'ଭିକ୍ଟିମ୍ କାର୍ଡ' ଖେଳିବା ଆରମ୍ଭ କରିଦିଅନ୍ତି । ଏହି ଲୋକମାନଙ୍କୁ ଦେଖିଲେ ମନେହୁଏ, ସତେ ଯେମିତି ସେମାନେ ନୁହନ୍ତି, ବରଂ ସମଗ୍ର ଦୁନିଆ ହିଁ ସେମାନଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଛି। ଏମାନେ ଏତେ ନିଖୁଣ ଓ ନାଟକୀୟ ଢଙ୍ଗରେ ନିଜକୁ 'ପୀଡ଼ିତ' ବୋଲି ଅଭିନୟ କରନ୍ତି ଯେ ସାଧାରଣ ଲୋକଟିଏ ଅତି ସହଜରେ ସେମାନଙ୍କ ମାୟାଜାଲର ବଶବର୍ତ୍ତୀ ହୋଇଯାଏ। ସେମାନଙ୍କ ପ୍ରତି ମନରେ ତା'ର ଦୟା ଜାତ ହୁଏ ।

ଏହି ଲୋକଙ୍କର ଗୋଟେ ସ୍ୱତନ୍ତ୍ର ଫର୍ମୁଲା ଥାଏ । ଯେତେବେଳେ କେହି ଏମାନଙ୍କ ଭୁଲ୍ ଧରି ଦିଅନ୍ତି, ସେତେବେଳେ ଏମାନେ ସ୍ପଷ୍ଟୀକରଣ ଦେବା ବଦଳରେ ସାମ୍ନାରେ ଥିବା ଲୋକର ହିଁ ଦୋଷ ଦୁର୍ବଳତା ଖୋଜିବା ଆରମ୍ଭ କରିଦିଅନ୍ତି। ପ୍ରଶ୍ନ କରୁଥିବା ଲୋକର ନିଷ୍ଠା ଉପରେ ପାଲଟା ପ୍ରଶ୍ନ ଉଠାନ୍ତି। ଏପରି ଶ୍ରେଣୀର ଲୋକମାନେ ସମାଲୋଚନାରୁ ବର୍ତ୍ତିବା ପାଇଁ ସର୍ବଦା ଭାବପ୍ରବଣତାର ଡ୍ରାମା କରନ୍ତି । ନିଜେ ଭୁଲ୍ କରି ଅନ୍ୟକୁ ଦୋଷୀ ସଜାଇବାରେ ଏମାନେ ବେଶ୍ ପାରଙ୍ଗମ।

ସୋସିଆଲ ମିଡ଼ିଆ ଯୁଗରେ ଏହି 'ଭିକ୍ଟିମ୍ କାର୍ଡ' କଳା ଆହୁରି ସହଜ ହୋଇଯାଇଛି। ଫେସବୁକ୍ କିମ୍ବା ଇନଷ୍ଟାଗ୍ରାମରେ ଗୋଟିଏ ଭାବପ୍ରବଣ ପୋଷ୍ଟ ପକାଇ ଦେଲେ ଲାଇକ୍, କମେଣ୍ଟ ଓ ସହାନୁଭୂତିର ସୁଅ ଛୁଟିବା ଆରମ୍ଭ ହୋଇଯାଏ। ଏପରିକି ଏମାନଙ୍କୁ ଖରାପ କହୁଥିବା ଲୋକ ମଧ୍ୟ ସେହି ପୋଷ୍ଟ ତଳେ ନକାରାତ୍ମକ କମେଣ୍ଟ କରିବାକୁ ଭୟ କରେ, କାଳେ କେହି ତାକୁ 'ଅସମ୍ବେଦନଶୀଳ' ବୋଲି କହିଦେବ। ଏହି 'ଭିକ୍ଟିମ୍ କାର୍ଡ' ନାଟକରେ ଦୁଃଖର ମାତ୍ରା ସବୁବେଳେ ଦୋଷର ପରିମାଣ ସହ ସମାନୁପାତିକ ହୋଇଥାଏ । ଅର୍ଥାତ୍ ଛୋଟ ଭୁଲ କଲେ ଛୋଟ କାନ୍ଦଣା। ବଡ଼ ଭୁଲ କଲେ ବଡ଼ ଭାବପ୍ରବଣ ଭାଷଣ ତଥା ପ୍ରଲମ୍ବିତ ଡ୍ରାମା। ଅପରାଧର ଗମ୍ଭୀରତା ଅନୁସାରେ ଏମାନଙ୍କ ଅଭିନୟର ସ୍କ୍ରିପ୍ଟ ବଦଳିଥାଏ।

'ଭିକ୍ଟିମ କାର୍ଡ' ନାଟକର ସବୁଠାରୁ ଆକର୍ଷଣୀୟ ଚରିତ୍ରମାନେ ହେଉଛନ୍ତି ଏପରି ଲୋକଙ୍କର ସମର୍ଥକ ଓ ଅନୁଗତ। ସେମାନଙ୍କୁ ଯଦି କୁହାଯିବ ସୂର୍ଯ୍ୟ ପଶ୍ଚିମରେ ଉଦୟ ହୁଅନ୍ତି, ନଦୀ ଭୂଇଁରୁ ପାହାଡ଼ ଉପରକୁ ବହୁଛି, ହୁଏତ ସେମାନେ ବିଶ୍ୱାସ କରିପାରନ୍ତି। କିନ୍ତୁ ତାଙ୍କ ପ୍ରିୟ ତଥା ଆଦରଣୀୟ 'ମାଲିକ' ଭୁଲ କରିଛନ୍ତି କହିଲେ ସେମାନେ କଦାପି ବିଶ୍ୱାସ କରିବେନି। ସେମାନଙ୍କ ପାଇଁ ପ୍ରମାଣର କୌଣସି ମୂଲ୍ୟ ନଥାଏ; ନିଜ ମାଲିକଙ୍କ ଉପରେ ଅତୁଟ ବିଶ୍ୱାସ ହିଁ ଏହି ସମର୍ଥକଙ୍କ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ। ଏହି ସମର୍ଥକ ଓ ଅନୁଗତ ସେନାର କାମ ହେଉଛି ଯେନତେନ ପ୍ରକାରେ ନିଜ ମାଲିକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା। ପ୍ରମାଣ ଦେଖାଇଲେ କହିବେ 'ଏହା ମିଛ।' ଆଉ ଯଦି ସବୁକିଛି ସତ ବୋଲି ପ୍ରମାଣିତ ହୁଏ, ତେବେ ଏମାନଙ୍କର ଶେଷ ଢାଲ ହେବ "ସମସ୍ତେ ଭୁଲ କରନ୍ତି, "ଆମ ବିରୋଧର ଏହା ଏକ ଷଡ଼ଯନ୍ତ୍ର" ଇତ୍ୟାଦି ।

ଦୋଷ କରି ନିଜକୁ ପୀଡ଼ିତ ସଜେଇବାର ଏହି ଛଳନାପୂର୍ଣ୍ଣ କଳା ଏକ ବିପଜ୍ଜନକ ମାନସିକତା। ଯେଉଁମାନେ ପ୍ରକୃତ ପୀଡ଼ିତ, ସେମାନଙ୍କର ନ୍ୟାୟ ପାଇବାର ବାଟ ଏହି 'ନକଲି ପୀଡିତ'ମାନଙ୍କ ଯୋଗୁଁ ବନ୍ଦ ହୋଇଯାଏ। ଯେତେବେଳେ ଜଣେ ଦୋଷୀ ନିଜକୁ ପୀଡ଼ିତ ବୋଲି କହେ, ତେବେ ବାସ୍ତବରେ ଅନ୍ୟାୟର ଶିକାର ହୋଇଥିବା ଲୋକର କଥା ମଧ୍ୟ ସନ୍ଦେହର ଆବରଣରେ ଢାଙ୍କି ହୋଇଯାଏ । ତାକୁ ବି ନକଲି ପୀଡ଼ିତ ଭାବି ସମାଜ ତାଠାରୁ ଦୂରେଇ ଯାଏ। ଅସଲି ଓ ନକଲି ପୀଡ଼ିତ, ଦୋଷୀ ଓ ନିର୍ଦ୍ଦୋଷ ମଧ୍ୟରେ ପାର୍ଥକ୍ୟର ରେଖା ଅସ୍ପଷ୍ଟ ହୋଇଯାଏ।

ଆମେ ସମସ୍ତେ ମଣିଷ, ଭୁଲ୍ କରିବା ସ୍ୱାଭାବିକ। କିନ୍ତୁ ଭୁଲକୁ ମାନିନେବା ହିଁ ସାହସିକତାର ପରିଚୟ । ଯିଏ ନିଜର ଭୁଲ୍ ସ୍ୱୀକାର କରେ, ସେ ସମ୍ମାନର ଅଧିକାରୀ ହୁଏ। କ୍ଷମାଯୋଗ୍ୟ ହୁଏ । କିନ୍ତୁ ଯିଏ ନିଜର ଦୋଷ ଲୁଚାଇବା ପାଇଁ 'ଭିକ୍ଟିମ୍ କାର୍ଡ'ର ଆଶ୍ରୟ ନିଏ, ହୁଏତ ସେ ସାମୟିକ ଭାବେ ବର୍ତ୍ତି ଯାଇପାରେ, କିନ୍ତୁ ସବୁଦିନ ପାଇଁ ସେ ନିଜର ସ୍ୱାଭିମାନ ହରାଇ ବସେ। ସମାଜ ତାକୁ କେବେ ବି କ୍ଷମା କରେନି। ଏଭଳି ପେସାଦାର 'ନକଲି ପୀଡ଼ିତ'ଙ୍କ ଠାରୁ ସାଧାରଣ ଲୋକ ସର୍ବଦା ସତର୍କ ରହିବା ଉଚିତ ।

କିନ୍ତୁ ସମାଜ ପାଇଁ ଆବଶ୍ୟକ ଗୋଟିଏ ସରଳ ଅଭ୍ୟାସ। ତାହା ହେଲା ପ୍ରଶ୍ନ କରିବା। କେବଳ କାହାର କାନ୍ଦଣା କିମ୍ବା ଶସ୍ତା ଲୋକପ୍ରିୟତା ଦେଖି ରାୟ ଦେବା ଏବଂ ତାଙ୍କୁ ନିର୍ଦ୍ଦୋଷ ବୋଲି ଧରି ନେବା ଠିକ୍ ନୁହେଁ। ସହାନୁଭୂତି ମଣିଷର ସୁନ୍ଦର ଗୁଣ। କିନ୍ତୁ ବିବେକ ବିନା ସହାନୁଭୂତି ଦେଖାଇଲେ ଅଯୋଗ୍ୟଙ୍କୁ ପୁରସ୍କୃତ କରିବା ହିଁ ସାର ହେବ । କାରଣ ଯେଉଁ ଲୋକ ନିଜର ଦୋଷକୁ ଚତୁରତାର ସହ ଢାଙ୍କିପାରେ, ସେ ହିଁ ସବୁଠୁ ବଡ଼ କୁଚକ୍ରୀ, ଧୂର୍ତ୍ତ, ପ୍ରବଞ୍ଚକ ଓ ସମାଜର ବଡ଼ ଶତ୍ରୁ ।

ଲାଞ୍ଜିପଲ୍ଲୀ, ବ୍ରହ୍ମପୁର
ମୋ - ୭୦୦୮୦୭୮୩୯୬

# ଶିକ୍ଷା ସଂସ୍କୃତିରେ ମୂଲ୍ୟବୋଧର ବୀଜ !

## ଅସିତ ମହାନ୍ତି

**"ଆଜିର ଯୁବପିଢ଼ି କ୍ରୋଧିତ କାରଣ ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ସ୍ୱର ଶୁଣାଯାଉ ନାହିଁ। ସେମାନେ ବ୍ୟବସ୍ଥା ପ୍ରତି ହତାଶ। ନିର୍ଯାତନା ସେହି ହତାଶାର ପ୍ରତୀକ। ଯଦି ଆମେ ଚାହୁଁ ଯେ ଯୁବକମାନେ ସଂଯମିତ ଭାଷା ବ୍ୟବହାର କରନ୍ତୁ, ତେବେ ଆମକୁ ସେମାନଙ୍କ କଥା ଶୁଣିବାକୁ ପଡିବ, ସେମାନଙ୍କୁ ସୁଯୋଗ ଦେବାକୁ ପଡିବ ଏବଂ ସେମାନଙ୍କ ଭିତରେ ନୈତିକ ଶକ୍ତି ଗଠନ କରୁଥିବା ଶିକ୍ଷା ପ୍ରଦାନ କରିବାକୁ ପଡିବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥରେ କହିଥିଲେ – ମୋ ପିଲାଦିନେ ମୁଁ ଭାବୁଥିଲି ଯେ ଭାରତରୁ ବ୍ରିଟିଶମାନଙ୍କୁ ବାହାର କରିବା ମୋର ମୁଖ୍ୟ କାର୍ଯ୍ୟ, କିନ୍ତୁ ପରେ ଗଭୀର ଚିନ୍ତନ ପରେ ମୁଁ ଅନୁଭବ କଲି ଯେ ଏହି ଦେଶ (ଭାରତ)କୁ ଏକ ସାଂସ୍କୃତିକ ବିପ୍ଳବର ଆବଶ୍ୟକତା ଅଛି'।**

ସ୍ୱାଧୀନ ଭାରତର ସାମ୍ପ୍ରତିକ ସାମାଜିକ ଦୃଶ୍ୟପଟରେ, ଯୁବପିଢ଼ିଙ୍କ ଭାଷା ଏବଂ ସେମାନଙ୍କ କ୍ରୋଧର ପ୍ରଶ୍ନ କେବଳ ଭାବପ୍ରବଣ ନୁହେଁ, ବରଂ ଏକ ଗଭୀର, ବୈଜ୍ଞାନିକ ଏବଂ ସାଂସ୍କୃତିକ ବିଶ୍ଳେଷଣର ଦାବି କରେ। ପ୍ରଧାନମନ୍ତ୍ରୀ ଏକ ଭିଡିଓ ବାର୍ତ୍ତାରେ ସମ୍ପ୍ରତି ସ୍ୱୀକାର କରିଛନ୍ତି ଯେ ତାଙ୍କୁ ଜନ୍ତର ମନ୍ତରରେ ଦୁର୍ବ୍ୟବହାର କରାଯାଇଥିଲା ଏବଂ ସେ ଦୁର୍ବ୍ୟବହାରକୁ କ୍ଷମା କରିଥିଲେ, ଏହାକୁ କେବଳ ବ୍ୟକ୍ତିଗତ ପ୍ରତିକ୍ରିୟା ଭାବରେ ନୁହେଁ ବରଂ ଏକ ସାମାଜିକ ସଙ୍କେତ ଭାବରେ ଦେଖାଯିବା ଉଚିତ। ପ୍ରକୃତ ପ୍ରଶ୍ନ ହେଉଛି ଯୁବପିଢ଼ିଙ୍କ ଭାଷାରେ ଏହି ତିକ୍ତତା କେଉଁଠାରୁ ଆସେ, ଏବଂ ଆଜିର ଯୁବପିଢ଼ି ସ୍ୱାଧୀନତା ସଂଗ୍ରାମ ସମୟରେ ସ୍ପଷ୍ଟ ଭାବରେ ଦେଖାଯାଉଥିବା ସଂଯମ ଏବଂ ସାଜସଜ୍ଜାରୁ କାହିଁକି ଦୂରେଇ ଯାଉଛନ୍ତି।

ସ୍ୱାଧୀନତା ଆନ୍ଦୋଳନ ସମୟରେ, ଯୁବପିଢ଼ି ବ୍ରିଟିଶ ଶାସନ ବିରୋଧରେ ଲଢ଼ିଥିଲେ, କିନ୍ତୁ ସେମାନଙ୍କ ଭାଷା ଅପମାନଜନକ ଭାଷା ମୁକ୍ତ ଥିଲା। କାରଣ ସେହି ସମୟରେ ମୂଲ୍ୟବୋଧ ଶିକ୍ଷା ଏବଂ ସଂସ୍କୃତିର ମୂଳଦୁଆ ଥିଲା। ଗାନ୍ଧୀ, ନେହେରୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଭଗତ ସିଂହଙ୍କ ଭଳି ନେତାମାନେ ଯୁବପିଢ଼ିଙ୍କୁ କେବଳ ରାଜନୈତିକ ନୁହେଁ ବରଂ ନୈତିକ ଏବଂ ସାଂସ୍କୃତିକ ତାଲିମ ମଧ୍ୟ ପ୍ରଦାନ କରିଥିଲେ। ବର୍ତ୍ତମାନର ପରିସ୍ଥିତି ଏହାର ବିପରୀତ। ଆମର ଶିକ୍ଷା ବ୍ୟବସ୍ଥା ମୂଲ୍ୟବୋଧକୁ ସୀମାନ୍ତ କରିଦେଇଛି। ଜ୍ଞାନ ଏବଂ ମୂଲ୍ୟବୋଧ ପ୍ରଦାନ କରିବା ପରିବର୍ତ୍ତେ, ଶିକ୍ଷାର ଉଦ୍ଦେଶ୍ୟ କେବଳ ବଜାରର ଚାହିଦା ପୂରଣ କରିବା ପାଇଁ ହୋଇଗଲାଣି। ଯେତେବେଳେ ଶିକ୍ଷାର ମୂଳଦୁଆ ବାଣିଜ୍ୟବାଦ, ସେତେବେଳେ ସଂଯମ, ସହନଶୀଳତା ଏବଂ ନୈତିକତାର ବୀଜ କିପରି ଅଙ୍କୁରିତ ହୋଇପାରିବ ?

ଯୁବପିଢ଼ିଙ୍କ ଭାଷାରେ କ୍ରୋଧ କେବଳ କ୍ଷଣିକ କ୍ରୋଧର ଫଳାଫଳ ନୁହେଁ, ବରଂ ଦଶନ୍ଧି ଧରି ଆମେ ଚାଷ କରିଥିବା ଏକ ବ୍ୟବସ୍ଥାର ଫଳ। ଯେତେବେଳେ ସମାଜରେ ପ୍ରଚାର ଆଲୋଚନାକୁ ବଦଳାଇଥାଏ, ଯେତେବେଳେ ବ୍ୟବହାର ସଂସ୍କୃତିକୁ ବଦଳାଇଥାଏ, ଏବଂ ଯେତେବେଳେ ଶିକ୍ଷାର ମୂଳଦୁଆ ମୂଲ୍ୟବୋଧରୁ କେବଳ ନିଯୁକ୍ତିକୁ ସ୍ଥାନାନ୍ତରିତ ହୁଏ, ସେତେବେଳେ ଯୁବପିଢ଼ି କଠୋର ଶବ୍ଦରେ ସେମାନଙ୍କର ଅସନ୍ତୋଷ ପ୍ରକାଶ କରିବା ସ୍ୱାଭାବିକ। ଏହି ଭାଷା ସେମାନଙ୍କର ଅନ୍ତର୍ନିହିତ ଯନ୍ତ୍ରଣା ଏବଂ ଅସନ୍ତୋଷକୁ ପ୍ରତୀକ କରିଥାଏ। ପ୍ରଧାନମନ୍ତ୍ରୀଙ୍କ ଭିଡିଓ ଏହି ଯନ୍ତ୍ରଣାକୁ ଉଜ୍ଜ୍ୱଳ କରିଥାଏ, କିନ୍ତୁ ପ୍ରଶ୍ନ ହେଉଛି ଯେ ସେ କୌଣସି ସମାଧାନ ପରାମର୍ଶ ଦେଇଥିଲେ କି? ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ମୂଳଦୁଆ ପକାଇଥିବା ଚିନ୍ତାନାୟକ ଏବଂ ଦାର୍ଶନିକମାନଙ୍କୁ ଆମର ଶିକ୍ଷା ବ୍ୟବସ୍ଥା ସ୍ଥାପିତ କରିଥିଲା କି? ଦୁର୍ଭାଗ୍ୟବଶତଃ, ଉତ୍ତର 'ନା'। ଆମେ ସଂସ୍କୃତି ଏବଂ ଶିକ୍ଷାକୁ ଯେଉଁଭଳି ଭାବରେ ଉପସ୍ଥାପନ କରିଥିଲୁ ତାହା ଆଜି ଆମେ ଭୋଗ କରୁଛୁ। ବୈଜ୍ଞାନିକ ଦୃଷ୍ଟିକୋଣରୁ, ଭାଷା ଏବଂ ଆଚରଣ ସାମାଜିକ ଗଠନର ଏକ ଉତ୍ପାଦ। ଯଦି ସମାଜରେ ନୈତିକତା ଏବଂ ମୂଲ୍ୟବୋଧର ବାତାବରଣ ଥାଏ, ତେବେ ଭାଷା ସଂଯମ ହେବ। ଯଦି ସମାଜରେ ଅସମାନତା, ଅନ୍ୟାୟ ଏବଂ ସୁଯୋଗର ଅଭାବ ଥାଏ, ତେବେ ଭାଷା ବିରକ୍ତ ହେବ। ଯୁବପିଢ଼ିଙ୍କ ପ୍ରତି ହେଉଥିବା ନିର୍ଯାତନା ଏହି ବୈଜ୍ଞାନିକ ନିୟମର ପରିଣାମ। ଏହା କୌଣସି ଦିବ୍ୟ ନିୟମର ପ୍ରଶ୍ନ ନୁହେଁ, ବରଂ ଆମର ସାମାଜିକ ଏବଂ ଶିକ୍ଷାଗତ ଢାଞ୍ଚାର ପ୍ରଶ୍ନ। ତେଣୁ, ଆମେ ଶିକ୍ଷାକୁ ମୂଲ୍ୟ-ଭିତ୍ତିକ ଭାବରେ ପୁନର୍ବାର ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ। କେବଳ ବୈଷୟିକ ଏବଂ ବୃତ୍ତିଗତ ତାଲିମ ଯଥେଷ୍ଟ ନୁହେଁ। ପିଲାମାନଙ୍କୁ ପିଲାଦିନରୁ ନୈତିକ ଶିକ୍ଷା, ସାଂସ୍କୃତିକ ସମ୍ବେଦନଶୀଳତା ଏବଂ ସାମାଜିକ ଦାୟିତ୍ୱ ଶିକ୍ଷା ଦେବାକୁ ପଡିବ। ଯେପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ ଏହି ପରିବର୍ତ୍ତନ ନ ଆସେ, ସେପର୍ଯ୍ୟନ୍ତ ଯୁବପିଢ଼ିଙ୍କ ଭାଷାରେ ସଂଯମତା ଏବଂ



ମର୍ଯ୍ୟାଦା ଫେରାଇ ଆଣିବା କଷ୍ଟକର ହେବ।

ଆଜିର ଯୁବପିଢ଼ି କ୍ରୋଧିତ କାରଣ ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ସ୍ୱର ଶୁଣାଯାଉ ନାହିଁ। ସେମାନେ ବ୍ୟବସ୍ଥା ପ୍ରତି ହତାଶ। ନିର୍ଯାତନା ସେହି ହତାଶାର ପ୍ରତୀକ। ଯଦି ଆମେ ଚାହୁଁ ଯେ ଯୁବକମାନେ ସଂଯମିତ ଭାଷା ବ୍ୟବହାର କରନ୍ତୁ, ତେବେ ଆମକୁ ସେମାନଙ୍କ କଥା ଶୁଣିବାକୁ ପଡିବ, ସେମାନଙ୍କୁ ସୁଯୋଗ ଦେବାକୁ ପଡିବ ଏବଂ ସେମାନଙ୍କ ଭିତରେ ନୈତିକ ଶକ୍ତି ଗଠନ କରୁଥିବା ଶିକ୍ଷା ପ୍ରଦାନ କରିବାକୁ ପଡିବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥରେ କହିଥିଲେ – 'ମୋ ପିଲାଦିନେ ମୁଁ ଭାବୁଥିଲି ଯେ ଭାରତରୁ ବ୍ରିଟିଶମାନଙ୍କୁ ବାହାର କରିବା ମୋର ମୁଖ୍ୟ କାର୍ଯ୍ୟ, କିନ୍ତୁ ପରେ ଗଭୀର ଚିନ୍ତନ ପରେ ମୁଁ ଅନୁଭବ କଲି ଯେ ଏହି ଦେଶ (ଭାରତ)କୁ ଏକ ସାଂସ୍କୃତିକ ବିପ୍ଳବର ଆବଶ୍ୟକତା ଅଛି'। ସେ ଏହି ଧାରଣାକୁ ଆଜାଦ ହିନ୍ଦ ଫୌଜରେ ପ୍ରୟୋଗ କରିଥିଲେ, ଏକ ସଂଗଠନ ଯାହା ସେ ନିଜ ପ୍ରୟାସରେ ଗଠନ କରିଥିଲେ, ଯେଉଁଥିରେ ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିଆନ, ଗରିବ ଏବଂ ଧନୀ ସମସ୍ତେ ଗୋଟିଏ ସ୍ଥାନରେ ଉପସ୍ଥିତ ଥିଲେ ଏବଂ ଦେଶର ସ୍ୱାଧୀନତା ପାଇଁ ଲଢ଼ିଥିଲେ। ଏହା ବିଷୟରେ ଚିନ୍ତା କରିବାରେ କୌଣସି ଦ୍ୱିଧା ନଥିଲା। ଅର୍ଥାତ୍ ଆନ୍ଦୋଳନ ମାଧ୍ୟମରେ ସେ ଏକ ସାଂସ୍କୃତିକ ବିପ୍ଳବ ମଧ୍ୟ ଆଣିଥିଲେ। ତେଣୁ ଏଠାରେ ପ୍ରଶ୍ନ ହେଉଛି ଯେ ସଂସ୍କୃତିର ସଙ୍କଟ ଆମ ବ୍ୟବସ୍ଥାରେ ଗଭୀର ଭାବରେ ଜଡିତ। ତେବେ ସଂସ୍କୃତି କ'ଣ ଯାହାକୁ ଆମେ ଯୁବ ବର୍ଗଙ୍କ ଚିନ୍ତନ ପ୍ରକ୍ରିୟାରେ ରୋପଣ କରିବାକୁ ଚାହୁଁଛୁ ?

ସଂସ୍କୃତି ବିଷୟରେ, ଭାରତର ମହାନ ମାର୍କ୍ସବାଦୀ ଚିନ୍ତକ ଶିବଦାସ ଘୋଷ କହିଥିଲେ – ସମାଜ ଅଭ୍ୟନ୍ତରରେ ପରସ୍ପର ବିରୋଧୀ ଶକ୍ତି ଗୁଡିକ ଦ୍ୱନ୍ଦ-ସମନ୍ୱୟ ଏବଂ ସାମଗ୍ରିକ ଭାବେ ସମାଜ ମନନ ସହିତ ପ୍ରକୃତିର ପ୍ରତିନିୟତ ସଂଘାତ ମଧ୍ୟ ଦେଇ ମଣିଷର ମନନ ଜଗତ ଗଢିଉଠିଛି । କ୍ରମାଗତ ବିକାଶ ଲାଭ କରୁଛି । ମଣିଷର ଏହି ମନନଶୀଳତାର ସାମଗ୍ରିକ ଓ ସୁନ୍ଦରତମ ପରିପ୍ରକାଶ ହେଉଛି ସଂସ୍କୃତି । ଶିଳ୍ପ, ସାହିତ୍ୟ, କାବ୍ୟ ପ୍ରଭୃତି ହେଉଛି ଏହି ସଂସ୍କୃତିର ବାହକ। ଏକଥା ଗୋଟିଏ ମୁହୂର୍ତ୍ତ ପାଇଁ ଭୁଲିଗଲେ ଚାଲିବ ନାହିଁ ଯେ, ଶିଳ୍ପ,ସାହିତ୍ୟ, କାବ୍ୟ ଗୋଟିଏ କଥାରେ ସମାଜର ସାଂସ୍କୃତିକ ଜୀବନର ଏକ ବିଶେଷ ଆର୍ଥନୀତିକ ବ୍ୟବସ୍ଥାର ବିଶେଷ ବହିର୍ଗଠନ ବା ସୁପରଷ୍ଟ୍ରକ୍ଚର – ଶିବଦାସ ଘୋଷଙ୍କ ଉକ୍ତିର ମୂଳ ସାରାଂଶ ହେଉଛି — ସଂସ୍କୃତି କୌଣସି ଅଲଗା, ଆକାଶରୁ ଝରିପଡ଼ିଥିବା ଦିବ୍ୟ ଦାନ ନୁହେଁ; ଏହା ସମାଜର ଅଭ୍ୟନ୍ତରୀଣ ଦ୍ୱନ୍ଦ୍ୱ, ବିରୋଧ, ସମନ୍ୱୟ ଓ ପ୍ରକୃତି ସହିତ ମଣିଷର ନିରନ୍ତର ସଂଘାତରୁ ଉତ୍ପନ୍ନ ହୋଇଥାଏ। ମଣିଷର ମନନଶୀଳତା, ଯାହା ସାମାଜିକ ଅନୁଭବ ଓ ପ୍ରକୃତି ସହିତ ସଂଘର୍ଷରେ ଗଢ଼ିଉଠେ, ତାହାର ସୁନ୍ଦରତମ ପ୍ରକାଶ ସଂସ୍କୃତିରେ ଦେଖାଯାଏ।

ଶିଳ୍ପ, ସାହିତ୍ୟ, କାବ୍ୟ ଇତ୍ୟାଦି ସଂସ୍କୃତିର ବାହକ। କିନ୍ତୁ ଏହା ଭୁଲିବା ଯାଏନାହିଁ ଯେ, ଏହି ସମସ୍ତ କଳାରୂପ ସମାଜର ନିର୍ଦ୍ଦିଷ୍ଟ ଆର୍ଥିକ ଭିତ୍ତିରେ ଗଢ଼ିଥିବା ଏକ ସୁପରଷ୍ଟ୍ରକ୍ଚର। ଅର୍ଥାତ୍, ସମାଜର ଆର୍ଥିକ ଭିତ୍ତି କେମିତି ରହିଛି, ତାହାର ଉପରେ ସାହିତ୍ୟ, କଳା, ସଂସ୍କୃତିର ଗଠନ ନିର୍ଭର କରେ। ସଂସ୍କୃତିକୁ ବୁଝିବା ପାଇଁ ଆମେ ସମାଜର ଆର୍ଥିକ ଓ ସାମାଜିକ ଗଠନକୁ ବୁଝିବାକୁ ପଡ଼ିବ। ସଂସ୍କୃତି କେବଳ ରସ, ସୁନ୍ଦରତା କିମ୍ବା ଅନୁଭୂତିର ପ୍ରକାଶ ନୁହେଁ; ଏହା ସମାଜର ଭିତରେ ଚାଲୁଥିବା ଦ୍ୱନ୍ଦ୍ୱ, ସଂଘର୍ଷ ଓ ଆର୍ଥିକ ଆଧାରର ଫଳ। ସେହିପରି, କଳା ଓ ସାହିତ୍ୟକୁ ବୁଝିବାରେ ଆମେ ସମାଜର ଆର୍ଥିକ ଭିତ୍ତିକୁ ଅବହେଳା କରିପାରିବୁ ନାହିଁ।

ଶେଷରେ, ଏହି ଘଟଣା ଆମକୁ ଏହା ବିଚାର କରିବାକୁ ବାଧ୍ୟ କରେ ଯେ ସମାଜର ସାଂସ୍କୃତିକ ମାନଦଣ୍ଡର ଅବନତି କୌଣସି ବାହ୍ୟ ଶକ୍ତି ଯୋଗୁଁ ନୁହେଁ, ବରଂ ଆମର ନିଜ ବ୍ୟବସ୍ଥା ଯୋଗୁଁ। ଯେଉଁ ବୀଜ ବୁଣାଯାଇଛି ତାହା ସମାନ ଫଳ ପ୍ରଦାନ କରେ। ଯଦି ଆମେ ଶିକ୍ଷା ଏବଂ ସଂସ୍କୃତିରେ ମୂଲ୍ୟବୋଧର ବୀଜ ବୁଣି ନାହୁଁ, ତେବେ ଆଜିର ଭାଷା ଏବଂ ଆଚରଣ ଏହାର ପରିଣାମ। ଏକମାତ୍ର ସମାଧାନ ହେଉଛି ଶିକ୍ଷାକୁ ମୂଲ୍ୟବୋଧ ଭାବରେ ପୁନଃଉତ୍ପାଦନ କରିବା ଏବଂ ଯୁବକମାନଙ୍କ ମଧ୍ୟରେ ଏପରି ମୂଲ୍ୟବୋଧ ସୃଷ୍ଟି କରିବା ଯାହା ସେମାନଙ୍କୁ ଶୃଙ୍ଖଳିତ, ସମ୍ବେଦନଶୀଳ ଏବଂ ଦାୟିତ୍ୱବାନ ନାଗରିକ କରିବ। ଏହା ହିଁ ଏକମାତ୍ର ଉପାୟ ଯାହା ଦ୍ୱାରା ଆମେ ଭବିଷ୍ୟତରେ ଏପରି ଘଟଣାଗୁଡ଼ିକୁ ଏଡ଼ାଇ ପାରିବା ଏବଂ ଯୁବକମାନଙ୍କ ଭାଷାର ମର୍ଯ୍ୟାଦା ଫେରାଇ ଆଣିପାରିବା।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୦୨୮

# ଶବ୍ଦର ଗରିମା ହଜିଗଲେ ରାଷ୍ଟ୍ରର ଆତ୍ମା ହଜିଯାଏ

## ଗୋପାଳ ମହାପାତ୍ର

**"ଆଜିକାଲି ଅପମାନ ଜନକ ଭାଷା ପ୍ରୟୋଗ ଲୋକଙ୍କ ଜୀବନରେ ଏକ ସ୍ୱୀକୃତ ଅଂଶ ପାଲଟିଯାଇଛି। ବଜାର, ଲୋକଙ୍କ ଭିଡ଼, ଏପରିକି ସ୍କୁଲ କଲେଜ ବାହାରେ ଏଭଳି ଶବ୍ଦ ସବୁ ଶୁଣିବାକୁ ମିଳୁଛି ଯାହା ଏକ ସମୟରେ ସମାଜରେ ଘୃଣ୍ୟ ଥିଲା। ଅପଶବ୍ଦର ପ୍ରୟୋଗ ବେଖାତିର ଭାବେ କରାଯାଉଛି। ଅନେକଙ୍କ ମତରେ ଏଭଳି ଶବ୍ଦର ପ୍ରୟୋଗ ଆଧୁନିକତାର ନିଦର୍ଶନ। ବାସ୍ତବରେ ଏଭଳି ଶବ୍ଦ ବା ଅପଶବ୍ଦର ପ୍ରୟୋଗ ନା ଆତ୍ମବିଶ୍ୱାସକୁ ଦର୍ଶାଇ ଥାଏ ଅଥବା ଶକ୍ତିକୁ ଦର୍ଶାଇଥାଏ। ଏହା ଅଧୀରତା, ହତାଶା ଏବଂ ମୂଲ୍ୟର କ୍ଷରଣକୁ ଦର୍ଶାଇଥାଏ। ଚିନ୍ତାର କାରଣ ହେଉଛି ବୟସ୍କମାନେ ଯେ କେବଳ ଅପଶବ୍ଦ ପ୍ରୟୋଗ କରୁଛନ୍ତି ବରଂ ଚିନ୍ତାର କାରଣ ଯେ ଏହି ଶବ୍ଦ ସବୁ ଆମ ପିଲାମାନେ ଶୁଣୁଛନ୍ତି। ପରାମର୍ଶରୁ ପିଲାମାନେ ଯେତିକି ନ ଶିଖନ୍ତି ତା ଠାରୁ ଅଧିକ ଶିଖନ୍ତି ବ୍ୟବହାରରୁ।**

ଗୋଟିଏ ରାଷ୍ଟ୍ରର ଶକ୍ତି ତାର ଆର୍ଥିକ ବୃଦ୍ଧି, ସୈନ୍ୟ ଶକ୍ତି ବା ଟେକନିକ ଉପଲବ୍ଧିରୁ ମପାଯାଏ ନାହିଁ। ମାପିବାର ମାନକ ହେଉଛି ସେହି ରାଷ୍ଟ୍ରର ଲୋକମାନେ ପରସ୍ପର ସହ କେମିତି ବାର୍ତ୍ତାଳାପ କରନ୍ତି ବା କଥା ହୁଅନ୍ତି, ସେ ଦେଶର ଲୋକେ ବରିଷ୍ଠ, ଶିକ୍ଷକ ଏବଂ ସଂସ୍ଥା ମାନଙ୍କ ପ୍ରତି କେମିତି ସମ୍ମାନ ପ୍ରଦର୍ଶନ କରନ୍ତି ଏପରିକି ମତଭେଦକୁ କେମିତି ମର୍ଯ୍ୟାଦା ପୂର୍ଣ୍ଣ ଭାବେ ସମ୍ଭାଳିଥାନ୍ତି। କୌଣସି ସମାଜର ଭାଷା ସେହି ସମାଜର ସଂସ୍କୃତିର ଦର୍ପଣ ଅଟେ। ଯେତେବେଳେ ଭାଷା ଅପମାନ ଜନକ ଏବଂ ଆକ୍ରାମକ ହୋଇଯାଏ ସେତେବେଳେ କେବଳ ଯେ ଶିଷ୍ଟାଚାର ଲୋପ ପାଇଯାଏ ତାହା ନୁହେଁ ବରଂ ସମାଜ ଭିତରେ କିଛି ବଦଳୁଛି ବୋଲି ସଙ୍କେତ ଦେଇଥାଏ। ଭାରତ ସବୁବେଳେ ଜ୍ଞାନ, ଆଧ୍ୟାତ୍ମିକତା ଏବଂ ସହିଷ୍ଣୁତାର ଭୂମି ଭାବେ ଜଣାଶୁଣା। ପ୍ରାଚୀନ ପରମ୍ପରା ଆମକୁ ଶିକ୍ଷା ଦେଇଥାଏ ଯେ ଶବ୍ଦ ହେଉଛି ବ୍ରହ୍ମ ଏବଂ ପବିତ୍ର। ସାଧୁ ସନ୍ଥ, ବିଦ୍ୱାନ ଏବଂ ଦାର୍ଶନିକ ମାନଙ୍କ ମତରେ ବାଣୀ ବା ଶବ୍ଦରେ ସମ୍ପର୍କ ସୃଷ୍ଟି, ସଂଘର୍ଷ ରୋକିବା ଏବଂ ପିଢିଙ୍କୁ ପ୍ରେରିତ କରିବାର ଶକ୍ତି ରହିଛି। ଆଲୋଚନା, ବିମର୍ଶ ବେଳେ ମଧ୍ୟ ଜ୍ଞାନ ଏବଂ ତର୍କ ମଧ୍ୟରେ ସମ୍ମାନବୋଧ ରହିଥାଏ। କିନ୍ତୁ ଦୁର୍ଭାଗ୍ୟ ଯେ ଭାରତର ଏହି ପରମ୍ପରା ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି।

ଆଜିକାଲି ଅପମାନଜନକ ଭାଷା ପ୍ରୟୋଗ ଲୋକଙ୍କ ଜୀବନରେ ଏକ ସ୍ୱୀକୃତ ଅଂଶ ପାଲଟିଯାଇଛି। ବଜାର,





ଲୋକଙ୍କ ଭିଡ଼, ଏପରିକି ସ୍କୁଲ କଲେଜ ବାହାରେ ଏଭଳି ଶବ୍ଦ ସବୁ ଶୁଣିବାକୁ ମିଳୁଛି ଯାହା ଏକ ସମୟରେ ସମାଜରେ ଘୃଣ୍ୟ ଥିଲା। ଅପଶବ୍ଦର ପ୍ରୟୋଗ ବେଖାତିର ଭାବେ କରାଯାଉଛି। ଅନେକଙ୍କ ମତରେ ଏଭଳି ଶବ୍ଦର ପ୍ରୟୋଗ ଆଧୁନିକତାର ନିଦର୍ଶନ। ବାସ୍ତବରେ ଏଭଳି ଶବ୍ଦ ବା ଅପଶବ୍ଦର ପ୍ରୟୋଗ ନା ଆତ୍ମବିଶ୍ୱାସକୁ ଦର୍ଶାଇ ଥାଏ ଅଥବା ଶକ୍ତିକୁ ଦର୍ଶାଇଥାଏ। ଏହା ଅଧୀରତା, ହତାଶା ଏବଂ ମୂଲ୍ୟର କ୍ଷରଣକୁ ଦର୍ଶାଇଥାଏ। ଚିନ୍ତାର କାରଣ ହେଉଛି ବୟସ୍କମାନେ ଯେ କେବଳ ଅପଶବ୍ଦ ପ୍ରୟୋଗ କରୁଛନ୍ତି ବରଂ ଚିନ୍ତାର କାରଣ ଯେ ଏହି ଶବ୍ଦ ସବୁ ଆମ ପିଲାମାନେ ଶୁଣୁଛନ୍ତି। ପରାମର୍ଶରୁ ପିଲାମାନେ ଯେତିକି ନ ଶିଖନ୍ତି ତା ଠାରୁ ଅଧିକ ଶିଖନ୍ତି ବ୍ୟବହାରରୁ। ଯଦି ଅସହମତିକୁ କ୍ରୋଧ ବା ରାଗ ପରିବର୍ତ୍ତେ ଧୈର୍ଯ୍ୟର ସହ ସମ୍ଭାଳାଯାଏ ତେବେ ପିଲାମାନେ ଭାବନାତ୍ମକ ଦୃଢ଼ତା ମଧ୍ୟ ଶିଖିଥାନ୍ତି। ଚରିତ୍ର ବିନା ସଫଳତା ମୂଲ୍ୟହୀନ ଏବଂ ମୂଲ୍ୟ ବିନା ଜ୍ଞାନ ବିପଦଜନକ ଅଟେ।

ସମ୍ମାନଜନକ ଭାଷାର ବ୍ୟବହାର କମିବା ଘଟଣା କେବଳ ରାସ୍ତାରେ କି ବଜାରରେ ନୁହେଁ ବରଂ ଅନେକ ସମୟରେ ଭାରତର ସର୍ବୋଚ୍ଚ ଗଣତାନ୍ତ୍ରିକ ସଂସ୍ଥା ସଂସଦରେ ମଧ୍ୟ ଦେଖିବାକୁ ମିଳୁଛି। ଗଣତନ୍ତ୍ରରେ ଆଲୋଚନାର ଆବଶ୍ୟକତା ଅଧିକ। ଗଣତନ୍ତ୍ର ସରକାରଙ୍କ ତଦନ୍ତ, ମଜଭୁତ ବିରୋଧୀଦଳ, କଠିନ ପ୍ରଶ୍ନ ଏବଂ ଦାୟିତ୍ୱବାନ ଆଲୋଚନା ମଧ୍ୟ ଆଶା କରିଥାଏ। ଏସବୁ ବିନା ଗଣତନ୍ତ୍ର ସ୍ୱୟଂ ସଂପୂର୍ଣ୍ଣ ନୁହେଁ। ଗଣତନ୍ତ୍ର ମଧ୍ୟ ଅନୁଶାସନ କଥା କହିଥାଏ। ଆଲୋଚନା ହେଉ, ତର୍କ ଶୁଣାଯାଉ ଏବଂ ସଂସଦ କାର୍ଯ୍ୟ ଚାଲୁ। କିନ୍ତୁ ଅନେକ ସମୟରେ ହୋହଲ୍ଲା, ବାରମ୍ବାର ସଂସଦକୁ ସ୍ଥଗିତ ରଖିବା ଏବଂ ଶାସକ-ବିପକ୍ଷଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ କାରଣରୁ ସଂସଦରେ ସାର୍ଥକ ଚର୍ଚ୍ଚା ହୋଇପାରୁ ନାହିଁ। ତର୍କପୂର୍ଣ୍ଣ ଆଲୋଚନା ପରିବର୍ତ୍ତେ ଟଣାଓଟରା, ତାମସା ଚାଲେ। ଦରଦାମ ବୃଦ୍ଧି, ବେରୋଜଗାରୀ, ଶିକ୍ଷା, ସ୍ୱାସ୍ଥ୍ୟସେବା, ରାଷ୍ଟ୍ରୀୟ ସୁରକ୍ଷା ଅଥବା କୃଷକଙ୍କ କଲ୍ୟାଣ ପ୍ରସଙ୍ଗରେ ଚର୍ଚ୍ଚା କରାଯିବା ପରିବର୍ତ୍ତେ ସଂସଦର ସମୟ ହୋ ହାଲ୍ଲା ଓ ପରସ୍ପର ପ୍ରତି ଦୋଷାରୋପରେ ବରବାଦ ହୋଇଥାଏ। ଲୋକଙ୍କ ସମସ୍ୟା ଅଣଦେଖା ହୋଇଯାଏ। ପୀଠାସୀନ ଅଧିକାରୀଙ୍କ ମର୍ଯ୍ୟାଦା ରାଜନୀତିର ଉର୍ଦ୍ଧ୍ୱରେ ରହିବା ଉଚିତ। ଭାରତୀୟ ସଂସଦର ଇତିହାସକୁ ଦେଖିଲେ ସ୍ପଷ୍ଟ ଯେ ସଂସଦରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଭିନ୍ନ ଭିନ୍ନ ରାଜନୈତିକ ଦଳର ନେତା ମାନେ ଅସହମତି ପ୍ରକାଶ କରିଛନ୍ତି ଓ ଅନେକ ନେତା ସଂସଦୀୟ ପରମ୍ପରା ପାଇଁ ଉଲ୍ଲେଖନୀୟ ଶିଷ୍ଟାଚାର ଏବଂ ସମ୍ମାନ ପ୍ରଦର୍ଶନ କରିଛନ୍ତି।

ସାର୍ବଜନୀକ ବିମର୍ଶ କମିବା ଘଟଣା ପାଇଁ ଗୋଟିଏ ବର୍ଗକୁ ଦୋଷ ଦେଇହେବ ନାହିଁ। ଏହା ସାମୂହିକ ଆତ୍ମନିରୀକ୍ଷଣର କଥା। ପରିବାରରେ ମାତା-ପିତା ନିଜ ଆଚରଣରେ ସମ୍ମାନ ଶିଖାଇବା ଉଚିତ। ଶିକ୍ଷକ ମାନେ ଉତ୍କୃଷ୍ଟ ଶିକ୍ଷାଦାନ ସହ ଚରିତ୍ର ଗଠନ ବାବଦରେ ଶିକ୍ଷାଦେବା ଉଚିତ। ନେତାମାନେ ଜନତାଙ୍କୁ ଉତ୍ତମ ନାଗରିକ ହେବା ପାଇଁ ପ୍ରେରଣା ଦେବା ଉଚିତ। ଗଣମାଧ୍ୟମ ମଧ୍ୟ ଏକତରଫା ସମ୍ବାଦ ପରିବେଷଣ ପରିବର୍ତ୍ତେ ବିଚାରଶୀଳ ସମ୍ବାଦ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସେହିପରି ରାଜନୈତିକ ଦଳମାନେ ଦଳୀୟ ବିଚାର ଧାରାରୁ ଉର୍ଦ୍ଧ୍ୱରେ ରହି ଦଳର ପ୍ରତିନିଧି ମାନଙ୍କୁ ସଂସଦୀୟ ବ୍ୟବହାରର ଉଚ୍ଚତମ ମାନଦଣ୍ଡକୁ ବଜାୟ ରଖିବା ପାଇଁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ସାର୍ବଜନୀକ ଜୀବନରେ ଥିବା ବିଶିଷ୍ଟ ବ୍ୟକ୍ତିମାନେ ଜାଣିବା ଉଚିତ୍ ଯେ ତାଙ୍କୁ ଲକ୍ଷ ଲକ୍ଷ ଲୋକ ଦେଖୁଛନ୍ତି ଏଣୁ ସେମାନେ ଏ ଦିଗରେ ଅଧିକ ଯତ୍ନବାନ ହେବା ଉଚିତ।

ସର୍ବୋପରି ପ୍ରତିଟି ନାଗରିକ କିଛି କହିବା ପୂର୍ବରୁ ଭାବିବା ଉଚିତ। 'ଯେ ମୁଁ ବ୍ୟବହାର କରୁଥିବା ଶବ୍ଦ ସମସ୍ୟାର ସମାଧାନ କରିବ ନା ସମସ୍ୟାକୁ ଅଧିକ ବଢ଼ାଇବନ୍ତ। ଭବିଷ୍ୟତ ପିଢିଙ୍କ ପାଇଁ ଯଦି ଆମେ ଏକ ମଜଭୁତ ରାଷ୍ଟ୍ରର କଥା ଭାବିବା ତେବେ ଆମକୁ ଆମ ଭାଷାରେ ମର୍ଯ୍ୟାଦା ଏବଂ ସାର୍ବଜନୀକ ଜୀବନରେ ସମ୍ମାନ ଅକ୍ଷୁଣ୍ଣ ରଖିବା ପାଇଁ ଉଦ୍ୟମ କରିବାକୁ ପଡିବ। ଯେଉଁ ସମାଜ ବିନମ୍ରତା ରକ୍ଷା କରିଥାଏ ସେହି ସମାଜ ସ୍ପଷ୍ଟ କଥା ହିଁ ଚିନ୍ତା କରିଥାଏ। ସଂସଦରେ ଅନୁଶାସନ ସହ ଆଲୋଚନା ହେଲେ ପ୍ରଭାବୀ ଢଙ୍ଗରେ ଲୋକଙ୍କର ଅଧିକ କଲ୍ୟାଣ ହୋଇପାରିବ। ଯେଉଁ ରାଷ୍ଟ୍ରର ଲୋକମାନେ ସଂସ୍ଥାନ ମାନଙ୍କୁ ସମ୍ମାନ କରନ୍ତି ସେ ଦେଶର ଗଣତନ୍ତ୍ର ଅଧିକ ମଜଭୁତ ହୋଇଥାଏ ଆଇନ, ନୀତି ବା ନିର୍ବାଚନ ସମାନତା ଏବଂ ' ଏକ ଭାରତ- ଶ୍ରେଷ୍ଠ ଭାରତର ଧ୍ୟେୟ ମଜଭୁତ କରିବା ଆମ ସମସ୍ତଙ୍କର ସଂକଳ୍ପ ହେବା ଆବଶ୍ୟକ। ଏ ଦିଗରେ ମଧ୍ୟ ପ୍ରୟାସ କରାଯିବା ଜରୁରୀ। ଯେତେବେଳେ ଆମର ଶବ୍ଦରୁ କ୍ରୋଧ ଓ ଘୃଣାଭାବ ଦୁରେଇଯିବ ଯେତେବେଳେ ଆମର ଆଚରଣ ବିଭାଜନର ଉର୍ଦ୍ଧ୍ୱରେ ରହିବ। ସେତେବେଳେ ଭାରତ କେବଳ ଯେ ଏକ ମଜଭୁତ ଗଣତନ୍ତ୍ରରେ ପରିଣତ ହେବ ତାହା ନୁହେଁ ଭାରତ ଏକ ଉତ୍ତମ ସଭ୍ୟତାରେ ପରିଣତ ହୋଇ ପାରିବ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

## କାକଟପୁର ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ହେଲେ ବଂଶୀଧର ମଲ୍ଲିକ

କାକଟପୁର,୭ ।୮(ନିପ୍ର):କାକଟପୁର ବ୍ଲକ ସମଗ୍ର ଶିକ୍ଷା ବିଭାଗର ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଭାବେ ଅତିରିକ୍ତ ଶିକ୍ଷାଧିକାରୀ ବଂଶୀଧର ମଲ୍ଲିକଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ ପୁରୀ ଜିଲ୍ଲା ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ନମ୍ବର – ୪୧୧୫



ଜରିଆରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ପୂର୍ବତନ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ କାଣ୍ଡିଙ୍କ ଅବସର ଗ୍ରହଣ ପରେ ଏହି ପଦବୀ ଖାଲି ପଡ଼ିଥିଲା । ଉକ୍ତ ପଦବୀରେ ଶ୍ରୀ ମଲ୍ଲିକଙ୍କ ନିଯୁକ୍ତିକୁ ଶିକ୍ଷା ମହଲରେ ସ୍ୱାଗତ କରାଯାଇଛି । ଦୀର୍ଘ ଦିନର ପ୍ରଶାସନିକ ଅଭିଜ୍ଞତା ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଦକ୍ଷତାକୁ ଦୃଷ୍ଟିରେ ରଖି ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ନୂତନ ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ମଲ୍ଲିକ କହିଛନ୍ତି ଯେ, କାକଟପୁର ଅଞ୍ଚଳରେ ପ୍ରାଥମିକ ଓ ମାଧ୍ୟମିକ ସ୍ତରର ଶିକ୍ଷାର ଗୁଣାତ୍ମକ ବିକାଶ, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଏବଂ ସରକାରଙ୍କ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସେ ପ୍ରାଥମିକତାର ସହ କାର୍ଯ୍ୟ କରିବେ । ତାଙ୍କ ନିଯୁକ୍ତି ଫଳରେ କାକଟପୁର ବ୍ଲକର ଶିକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ଓ କ୍ରିୟାଶୀଳ ହେବ ବୋଲି ଶିକ୍ଷାବିତ୍ ଓ ଶିକ୍ଷକ ମହଲରେ ଆଶା ପ୍ରକାଶ ପାଇଛି ।

## ବନ୍ୟା ବିପନ୍ନ ପରିବାରକୁ ରିଲିଫ୍ ବଣ୍ଟନ

ନିରାକାରପୁର,୭ ।୮ (ନିପ୍ର): ପ୍ରବଳ ବର୍ଷା ଏବଂ ବନ୍ୟା ଯୋଗୁଁ ଭଦ୍ରକ ଜିଲ୍ଲା ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇପଡ଼ିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଇଶ୍ୱାର୍ଡ' ତରଫରୁ ରିଲିଫ୍ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା । ମାସେ ହେଲା ଦୁର୍ଦ୍ଦଶା ଭିତରେ ଲୋକମାନେ ବନ୍ୟା ଯୋଗୁଁ ଗୁରୁତର ଭାବେ ପ୍ରଭାବିତ ହୋଇଥିବା ଜାଣିବା ପରେ, 'ଇଶ୍ୱାର୍ଡ'ର ସମ୍ପାଦକ ତଥା ସମାଜସେବୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ବିଚ୍ଛିନ୍ନ ହୋଇଥିବା ଧାମନଗର ବ୍ଲକ୍‌ର ହସନାବାଦ୍ ପଞ୍ଚାୟତ ଅନ୍ତର୍ଗତ ଜେନା ସାହି, ଭୁଆଁ ସାହି ଏବଂ ସେଠୀ ସାହି ଗୁଡ଼ିକୁ କିଛି ବଦାନ୍ୟ ବ୍ୟକ୍ତିଙ୍କ ଏକ ନିଜସ୍ୱ ଉଦ୍ୟମରେ ରନ୍ଧାଖାଦ୍ୟ, ଚୂଡ଼ା, ଚିନି, ବିସ୍କୁଟ୍, ଆଳୁ ଏବଂ ବିସ୍କୁଟ୍/ଆବଶ୍ୟକୀୟ ସାମଗ୍ରୀ ପ୍ରତ୍ୟେକ ପରିବାରକୁ ପ୍ରଦାନ କରିଥିଲେ । ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଅଭୟ ପାଇକରାୟ,ମାନସ କୁମାର ସେନାପତି, କରୁଣାକର ପ୍ରଧାନ, ଭୋବନୀ ପ୍ରଧାନ ଏବଂ ପ୍ରକାଶ କୁମାର ବୈରୀଗଞ୍ଜନ ପ୍ରମୁଖ ସହଯୋଗ କରିଥିଲେ । ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ସହାୟତା ବଣ୍ଟନ ପରେ ସ୍ଥାନୀୟ ବିପନ୍ନ ଲୋକମାନେ 'ଇଶ୍ୱାର୍ଡ' ଅନୁଷ୍ଠାନର ଏହି ମହତ୍ ପ୍ରଚେଷ୍ଟାକୁ ଭୂୟସୀ ପ୍ରଶଂସା କରିଥିଲେ ।

## ଅଧିକ ଯୌତୁକ ଦାବିରେ ମହିଳାଙ୍କୁ ନିର୍ଯାତନା ଓ ହତ୍ୟା ଧମକ

ପିପିଲି,୭ ।୮ (ନିପ୍ର): ୫ଲକ୍ଷ ଟଙ୍କା ଯୌତୁକ ଦାବିରେ ବଳଙ୍ଗା ଥାନା ଅନ୍ତର୍ଗତ ଗେଣ୍ଡାମାଳି ଗ୍ରାମରେ ଜଣେ ମହିଳାଙ୍କୁ ନିର୍ଯାତନା ଦେବା ସହ ଜୀବନରେ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ବଳଙ୍ଗା ପୋଲିସ ପକ୍ଷରୁ ୨୩୧/୨୬ ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ସୂଚନା ମୁତାବକ ଗେଣ୍ଡାମାଳି ଗ୍ରାମର ବୀରେନ କୁମାର ନାୟକଙ୍କ ପତ୍ନୀ ଝରଣା ଜେନା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ୨୦୧୨ ମସିହାରେ ଝରଣା ବୈଦିକ ରୀତିନୀତି ଅନୁସାରେ ବୀରେନଙ୍କୁ ବିବାହ କରିଥିଲେ ।ବିବାହ ପରଠାରୁ ବୀରେନ ଅନେକ ସମୟରେ ଯୌତୁକ ଦାବି କରି ଝରଣାଙ୍କୁ ଗାଳି ଗୁଲଜ କରି ମାନସିକ ଶାରିରୀକ ନିର୍ଯାତନା ଦେଉଥିଲେ । ବିବାହର ବର୍ଷକ ପରେ ଝରଣାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହେବା ପରେ ସ୍ୱାମୀଙ୍କ ନିର୍ଯାତନା ଅଧିକ ବଢ଼ି ଚାଲିଥିଲା । ସବୁ କିଛି ସହି ବହୁ କଷ୍ଟରେ ଝରଣା ଶାଶୁ ଘରେ ଚଳୁଥିଲା ବେଳେ ସ୍ୱାମୀ ବାପ ଘରୁ ୫ ଲକ୍ଷ ଟଙ୍କା ଆଣିବାକୁ ଝରଣାଙ୍କୁ କହିଥିଲେ । ଝରଣା ପ୍ରତିବାଦ କରିବାରୁ ସ୍ୱାମୀ ଅଧିକ ନିର୍ଯାତନା ଦେବାରୁ ୨୦୨୧ ମସିହାରେ ନିଜ ଝିଅକୁ ଧରି ବାପ ଘର ପୁରୀରେ ରହୁଛନ୍ତି । ଗତ କିଛିଦିନ ତଳେ ବୀରେନ ତାଙ୍କର କେତେକ ସହଯୋଗୀ ମାନଙ୍କୁ ପୁରୀ ସ୍ଥିତ ଶଶୁର ଘରକୁ ପଠାଇ ଝରଣାଙ୍କ ଝିଅକୁ ଡାକି ତା ମାଧ୍ୟମରେ ଝରଣା ୫ଲକ୍ଷ ଟଙ୍କା ନ ଆଣିଲେ ମା ଝିଅକୁ ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ଅଭ୍ୟାସ ଶିକ୍ଷଣ ସମାପନ ଓ ସମ୍ବର୍ଦ୍ଧନା ଉତ୍ସବ

ନିମାପଡ଼ା,୭ ।୮(ନିପ୍ର): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ୬ଟି ପ୍ରାଥମିକ, ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଭ୍ୟାସ ଶିକ୍ଷଣ କାର୍ଯ୍ୟକ୍ରମ ସମାପନ ଓ ସମ୍ବର୍ଦ୍ଧନା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ୨୨ ଦିନ ଧରି ଚାଲିଥିବା ପ୍ରଶିକ୍ଷଣରେ କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷା ନୀତିକୁ ସଫଳ ରୂପାୟନ ଦେବା ସାଙ୍ଗକୁ ପାଠପଢ଼ା ସହିତ ଖେଳକୁଦକୁ ପ୍ରାଧାନ୍ୟ ଦିଆଯାଇଥିଲା । ସଂଗୀତ, ନୃତ୍ୟ, ଚିତ୍ରକଳା ଆଦି ପ୍ରତିଯୋଗୀତାମାନ ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷଣ ସାମଗ୍ରୀ ବ୍ୟବହାର, ଶିକ୍ଷାର୍ଥୀଙ୍କ ସହଭାଗିତା, ପ୍ରତିକ୍ରିୟା, ଶ୍ରେଣୀ ପରିଚାଳନା ସଂପର୍କରେ ମାର୍ଗ ଦର୍ଶନ କରାଯାଇଥିଲା । ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ୨୦୦ ପ୍ରଶିକ୍ଷାର୍ଥୀ ବିଭିନ୍ନ ସ୍କୁଲକୁ ଯାଇ ୨୨ ଦିନ ଧରି ସେମାନଙ୍କ ଅଭ୍ୟାସ ଶିକ୍ଷଣ ସଂପର୍କରେ ଶିକ୍ଷାଦାନ କରିଥିଲେ । ପ୍ରତିଷ୍ଠାନ ଅଧ୍ୟକ୍ଷା ଦେବସ୍ମିତା ମହାପାତ୍ର, ବରିଷ୍ଠ ଶିକ୍ଷକ ବିପିନ ସାହୁ, ନାଗବସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା, ବିଷ୍ଣୁପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମୁଗ୍ଧା କାନୁନଗୋ ପ୍ରମୁଖ ଯୋଗ ଦେଇଥିଲେ ।

# ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକଙ୍କ କ୍ଷେତ୍ର ପରିଦର୍ଶନ: ଜଳବିଭାଜିକା ପ୍ରକଳ୍ପ ସମୀକ୍ଷା

ନିରାକାରପୁର,୭/୮ (ନିପ୍ର); ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କାର୍ଯ୍ୟକାରୀ ହେଉଥିବା ଅଣୁ ଜଳବିଭାଜିକା ଅଞ୍ଚଳ ଗସ୍ତ କରିଛନ୍ତି ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ, ଓଡ଼ିଶାର ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା । ଗୁରୁବାର ପୂର୍ବାହ୍ନ ୧୦ ଘଟିକା ସମୟରେ ନିର୍ଦ୍ଦେଶକ ପ୍ରଥମେ ଜଂକିଆ ସ୍ଥିତ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ 'ଏକ ପେଡ୍ ମା' କେ ନାମ୍' (ମା' ପାଇଁ ଗଛଟିଏ) ୩.୦ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କାର୍ଯ୍ୟାଳୟ ପରିସରରେ ଆମ୍ବ ଚାରା ରୋପଣ କରିଥିଲେ । ଏହାପରେ ସୁନ୍ଦରପୁର ଅଣୁ ଜଳବିଭାଜିକା ସଂଘର କୁମୁଟି ପଡ଼ିଆ ଠାରେ ଥିବା ଜଳ ଅମଳ ପ୍ରକଳ୍ପ ପରିଦର୍ଶନ କରିବା ସହ ସେଠାକାର କୃଷକମାନଙ୍କ ସହିତ ପ୍ରକଳ୍ପର ଉପକାରିତା ବିଷୟରେ ପଚାରି ବୁଝିଥିଲେ । ପରବର୍ତ୍ତୀ ସମୟରେ ସୁନ୍ଦରପୁର ଗ୍ରାମପଞ୍ଚାୟତ ଅଧୀନସ୍ଥ ମହାସଂଘର 'ଚିଲିକାରାଣୀ ଉତ୍ପାଦକ ଗୋଷ୍ଠୀ' ଏବଂ



'ବିବେକାନନ୍ଦ ସ୍ୱୟଂ ସହାୟକ ଗୋଷ୍ଠୀ'ର ମା'ମାନଙ୍କ ସହିତ ୫ ଟି ଗୋଷ୍ଠୀ ସେମାନଙ୍କ ଜୀବିକା ସମ୍ବନ୍ଧରେ ବିସ୍ତୃତ ଆଲେଚନା କରିଥିଲେ ।

ଏହାପରେ ଉଳ୍ଳୁଲା ଗୋପୀନାଥପୁର ଗ୍ରାମପଞ୍ଚାୟତ ଅଧୀନସ୍ଥ ମୁଳିଝରେ ଅଣୁ ଜଳବିଭାଜିକା ସଂଘର ମହାବୀର ମନ୍ଦିର ପାଖ ଆଡ଼ିବନ୍ଧ ପରିଦର୍ଶନ କରିଥିଲେ । ପରେ ଉକ୍ତ ସଂଘର କନ୍ତଳବାଇ ଗ୍ରାମର କେନ୍ଦୁ ମହାରଣା କ୍ଷୁଦ୍ର ଜଳାଶୟ ପରିଦର୍ଶନ କରି କୃଷକମାନଙ୍କ ସହ ଆଲୋଚନା କରିଥିଲେ । କନ୍ତଳବାଇ ଗୁରୁବାରୀ ପରିଡ଼ାଙ୍କ ଚାଷ ଜମି ପାଖରେ କରାଯାଇଥିବା ପ୍ରକଳ୍ପର ଉପକାରିତା ବିଷୟରେ ଚାଷୀ ଗୁରୁବାରୀ ପରିଡ଼ା ଙ୍କୁ ପଚାରି ବୁଝିଥିଲେ ଓ ଚାଷୀ ଶ୍ରୀ ପରିଡାଙ୍କୁ ଦିଆଯାଇଥିବା ପି ଏସ ଏମ୍ ଇ ସହାୟତା ରାଶି କିପରି ଉପଯୋଗ କରିଛନ୍ତି ସେ ବିଷୟରେ ପଚାରି ବୁଝିଥିଲେ । ଏହି ଗସ୍ତ ସମୟରେ ଖୋର୍ଦ୍ଧା ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୁତି ନନ୍ଦ , ସହକାରୀ ନିର୍ଦ୍ଦେଶିକା ଜି ମାନସୀ ମହାପାତ୍ର, ଇ ଏସ ସି ଓ ମନୋଜ କୁମାର ମାଝୀଙ୍କ ସମେତ ଫିଲ୍ଡ ଷ୍ଟାଫ୍, ଏବଂ ଟାଙ୍ଗୀ ବ୍ଲକର ବହୁ ମୃତ୍ତିକା ସଂରକ୍ଷଣ କର୍ମଚାରୀ ଉପସ୍ଥିତ ଥିଲେ । ପରିଦର୍ଶନର ଶେଷରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନଗୁଡ଼ିକରେ କୃଷକମାନଙ୍କ ଉନ୍ନତି ପାଇଁ ଏହିପରି ଭଲ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶକ ଆହ୍ୱାନ ଦେବା ସହ କର୍ମଚାରୀଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ।

## ଭାପୁର ବ୍ଲକରେ ବଢ଼ିଲା ୨୦ ବୁଥ୍

ଭାପୁର,୭ ।୮(ନିପ୍ର): ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭାପୁର ବ୍ଲକରେ ବୁଥ୍ ସଂଖ୍ୟା ବୃଦ୍ଧି କରାଯାଇଛି । ପୂର୍ବରୁ ବୁଥ୍ ସଂଖ୍ୟା ୨୦ ଗୋଟି ପଞ୍ଚାୟତ ରେ ୧୦୧ ରହିଥିବାବେଳେ ବର୍ତ୍ତମାନ ଆଉ ୨୦ ଟି ବୁଥ୍ ନୂତନ ଭାବରେ ଘୋଷଣା କରାଯାଇଛି ଫଳରେ, ୧୨୧ ଟି ବୁଥ୍ ଭାପୁର ବ୍ଲକ ରେ ବୃଦ୍ଧି କରାଯାଇଛି । ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ଏହିଭଳି ପଦକ୍ଷେପ ନିଆଯାଇଛି ବୋଲି ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା କହିଛନ୍ତି ।

ସରକାରଙ୍କ ନିୟମ ଅନୁଯାୟୀ,ଯେଉଁ ୱାର୍ଡରେ ୧୨ ଶହରୁ ଊର୍ଦ୍ଧ୍ୱ ଭୋଟର ରହିଥିବେ ସେହି ୱାର୍ଡକୁ ବୃଦ୍ଧି କରି ୨ ଗୋଟି ୱାର୍ଡରେ ବିଭକ୍ତ କରାଯାଇଛି । ଭୋଟରମାନେ ଅନ୍ୟ ଗାଁ ବୁଥ୍ ରେ ଭୋଟ ନ ଦେଇ ନିଜ ଗାଁରେ ଭୋଟ ଦେବା ପାଇଁ ଦୃଷ୍ଟି ଦିଆଯାଇଛି । ଭୋଟର ତାଲିକା ସର୍ଭେ ଅନୁଯାୟୀ ସରକାର ଏହିଭଳି ପଦକ୍ଷେପ ନେଇଛନ୍ତି ।ବୁଥ୍ ସଂଖ୍ୟା ବୃଦ୍ଧି ପରେ ଭୋଟରମାନେ ସୁବିଧାରେ ନିଜର ମତ ବ୍ୟକ୍ତ କରିପାରିବେ ଏବଂ ବୁଥ୍ ମାନଙ୍କରେ ହେଉଥିବା ଗହଳି ହ୍ରାସ ପାଇବ । ଯାହାଫଳରେ, ବୁଥ୍ ବୃଦ୍ଧି ଯୋଗୁଁ ଆସନ୍ତା ନିର୍ବାଚନରେ ଭୋଟ ଦାନ ବ୍ୟବସ୍ଥା କୁ ଭାପୁର ବ୍ଲକର ବୁଦ୍ଧିଜୀବୀ ମାନେ ସ୍ୱାଗତ କରିଛନ୍ତି ।

# ଚୋରି ସୁନା ଅଳଙ୍କାର ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି,୭ ।୮ (ନିପ୍ର); ଗଜପତି ଜିଲ୍ଲା ଆର ଉଦୟଗିରି ପୁଲିସ ସୁନା ଅଳଙ୍କାର ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଥିବାର ଜଣାପଡିଛି । ବୁଧବାର ଆର.ଉଦୟଗିରି ଥାନା ଅନ୍ତର୍ଗତ ରଣାଲଇ ଗ୍ରାମ ଖ୍ରୀଷ୍ଟିଆନ ସାହିର ଝୁମ୍ପି ରଇତ ତାଙ୍କ ଘରୁ କେହି ଦୁର୍ବୃତ୍ତ ୧୮.୭୫ ଗ୍ରାମ ଓଜନର ସୁନାହାର ଏବଂ ୧୧. ୮୫ ଗ୍ରାମର ସୁନା କାନଫୁଲ ଚୋରି ହୋଇଯାଇଥିବାର ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ୧୪୪/୨୬ରେ ଏକ ମାମଲା ରୁଜୁକରି ଥାନା ଅଧିକାରିଣୀ କଳ୍ପଲତା ପ୍ରଧାନଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତ ବେଳେ ପୂର୍ବରୁ ଝୁମ୍ପିଙ୍କ ପାରିପାରିକ କଳହ ଯୋଗୁଁ ଉଭୟେ ସ୍ୱାମୀ ସ୍ତ୍ରୀ ଘରେ ନରହି ସ୍ୱାମୀ କର୍ମକ୍ଷେତ୍ରରେ ଏବଂ ସ୍ତ୍ରୀ ତାଙ୍କ ମାଙ୍କ ଘରକୁ ଚାଲିଯାଇଥିଲେ । ଇତିମଧ୍ୟରେ ଘରରେ ଝୁମ୍ପିଙ୍କ ନଣଦେଇ ତଥା ଅଭିଯୁକ୍ତ ସମୀର ତାଙ୍କ ଘରେ ଏକୁଟିଆ ରହି ଆସୁଥିଲା । ଘରେ କେହି ନଥିବାର ସୁଯୋଗ ଉଣ୍ଡି ଚୋରୀ ଉଦ୍ଦେଶ୍ୟରେ ତାଙ୍କ ଘରର ସମସ୍ତ ସାମଗ୍ରୀ ଖୋଜାଖୋଜି କରିଥିଲା ଓ ଶେଷରେ ଏକ ବ୍ୟାଗରେ ସୁନାରହାର ଏବଂ କାନଫୁଲ ଚୋରି କରିନେଇଯାଇଥିଲା । ତେବେ ଗତକାଲି ଝୁମ୍ପି ପୁଣି ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ତେବେ ଦେଖିବା ବେଳେ ସୁନା ଅଳଙ୍କାର ଚୋରି କରି ନେଇଯାଇଥିବା ଜାଣିବାକୁ ପାଇଁ ଆର ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ ।

ଆର ଉଦୟଗିରି ପୁଲିସ ତଦନ୍ତ କରି ଚୋରୀ ସୁନା ଉଦ୍ଧାର କରି ଅଭିଯୁକ୍ତ ସମୀରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବାର ଆର ଉଦୟଗିରି ଥାନା ଅଧିକାରିଣୀ ଶ୍ରୀମତି ପ୍ରଧାନ ସୂଚନା ଦେଇଛନ୍ତି ।

# ଏନ. ଏଚ -୧୬ ରାଜପଥ ରମ୍ଭା ରାସ୍ତା ନିର୍ମାଣ ମନ୍ଥର ଯାତ୍ରୀ ହଟହଟା, ଆସନ୍ନ ଦୁର୍ଘଟଣା ଅଭିଯୋଗ

ରମ୍ଭା,୭ ।୮ (ନିପ୍ର): ଏନ. ଏଚ-୧୬ ରାଜପଥ ରମ୍ଭା ରାସ୍ତା ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ଓ ବିକାଶ ମୂଳକ କାର୍ଯ୍ୟ ପାଇଁ କେନ୍ଦ୍ର /ରାଜ୍ୟ ସରକାର କୋଟି କୋଟି ଟଙ୍କା ଜନସାଧାରଣଙ୍କ ସୁବିଧା ପାଇଁ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ଯୋଜନାର ସମନ୍ୱୟ ଅଭାବ, ନିମ୍ନ ମାନର କାର୍ଯ୍ୟ, ପ୍ରଶାସନିକ ଠିକାଦାରଙ୍କ ମଧୁ ଚନ୍ଦ୍ରିକା ଯୋଗୁଁ ସରକାରୀ ଅର୍ଥର ଅପଚୟ ହେଉଥିବା ଅଭିଯୋଗ ହୋଇଛି । କାମର ତଦାରଖ, ପ୍ରଶାସନିକ ଅବହେଳା ଓ ଦୂର ଦୃଷ୍ଟି ଅଭାବ ଯୋଗୁଁ ରାସ୍ତା ଖୋଳି କାମ ଚାଲିଥିବା ସତ୍ତ୍ୱେ ପଥଚାରୀ ଓ ଯାନବାହନ ଚାଳକଙ୍କ ସୁରକ୍ଷା ପାଇଁ କୌଣସି ସତର୍କ ସୂଚନା ଫଳକ, ବ୍ୟାରିକେଡ଼ କିମ୍ବା ବିପଦ ସଂକେତ ଲଗା ଯାଇ ନ ଥିବା ଅଭିଯୋଗ ହୋଇଛି । ଫଳରେ ବିଶେଷ କରି ରାତି ସମୟରେ ବାଇକ ଚାଳକ ମାନେ ଅନ୍ଧାରରେ ରାସ୍ତା ଦେଖି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି । ସ୍ଥାନୀୟ ଲୋକେ ଏହାକୁ ଅତ୍ୟନ୍ତ ବିପଦ ଜନକ ବୋଲି ଅଭିଯୋଗ ବାଢିଛନ୍ତି । ଏପରିକି ଗୋଟେ ପଟେ ନିର୍ମାଣ ଓ ରାସ୍ତା ସଂପ୍ରସାରଣ ହେଉଥିବା ବେଳେ ଅନ୍ୟ ପଟେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା ନ ଥିବା ଜଣାଯାଇଛି ।



ଦିନ ବେଳେ କାମ ଚାଲୁରହିଥିବା ବେଳେ ରାସ୍ତାରେ ବୃକ୍ଷ ରୋପଣ ନ ଥିବା ଧୂଳି, ଧୂଆଁରେ ରାସ୍ତା ଆଚ୍ଛାଦିତ ହୋଇ ବାଟୋଇ, ପଥଚାରୀ ଆଖିରେ ପଶୁଥିବା ଲକ୍ଷ୍ୟ କରାଯାଇଛି ।

ତତ ସଙ୍ଗେ ସଙ୍ଗେ ପାର୍ଶ୍ୱବର୍ତ୍ତୀ ଝୁମ୍ପୁଡ଼ି ଦୋକାନ, ହୋଟେଲ ଓ ଘର ମାନଙ୍କରେ ଧୂଆଁ ଧୂଳି ପଶି ବ୍ୟାପକ ଅବ୍ୟବସ୍ଥା ସାଙ୍ଗକୁ ଦୋକାନ ବନ୍ଦ କରି ମହାଜନୀ ସ୍ଥାନାନ୍ତରିତ ହେଉଥିବା ସ୍ଥାନୀୟ ବସ୍ତି ବାସିନ୍ଦା ଜଣାଇଛନ୍ତି । ଉପରୋକ୍ତ ସମସ୍ୟାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବଢିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ, କ୍ଷତିଗ୍ରସ୍ତ ରାସ୍ତାକୁ ପୂର୍ବାବସ୍ଥାକୁ ଫେରାଇବା ଏବଂ ଜନସାଧାରଣଙ୍କ ସୁରକ୍ଷା ସହ ଯାତାୟାତ ସୁବିଧା ସୁନିଶ୍ଚିତ କରିବାକୁ ଦାବି ଜୋର ଧରିଛି ।

## ଇଣ୍ଡୋନେସିଆର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଆଇଆଇଟି ଭୁବନେଶ୍ୱର ପରିଦର୍ଶନ

ଜଟଣୀ,୭ ।୮(ନିପ୍ର):ଇଣ୍ଡୋନେସିଆ ଗଣରାଜ୍ୟର ଉଚ୍ଚଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ବ୍ରାଏନ୍ ୟୁଲିଆର୍ତୋ ଆଜି ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ଆଇଆଇଟି ଭୁବନେଶ୍ୱରର ଶିକ୍ଷା, ଗବେଷଣା ଓ ନବସୃଜନର ବିଭିନ୍ନ କ୍ଷେତ୍ର ସମ୍ପର୍କରେ ଅବଗତ ହୋଇଥିଲେ । ଆଲୋଚନା ସମୟରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ ଦ୍ୱାରା ପ୍ରତିଷ୍ଠାନର ବିଭିନ୍ନ ଦିଗ ଉପସ୍ଥାପନ କରିବା ସହ ଏଠାରେ ଚାଲିଥିବା ଗବେଷଣା



ଓ ବିକାଶର ବିଭିନ୍ନ କ୍ଷେତ୍ର ସମ୍ପର୍କରେ ପ୍ରତିନିଧିମଣ୍ଡଳୀକୁ ଅବଗତ କରାଇଥିଲେ । ସେମାନେ ପ୍ରତିଷ୍ଠାନର ସେମିକଣ୍ଡକ୍ଟର ପରୀକ୍ଷାଗାରଗୁଡ଼ିକ ମଧ୍ୟ ପରିଦର୍ଶନ କରିଥିଲେ । ପ୍ରତିନିଧିମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡୋନେସିଆ ସାଧାରଣତନ୍ତ୍ରର ଦୂତାବାସର ଶିକ୍ଷା ଓ ସଂସ୍କୃତି ଆଟାଚେ ପ୍ରଫେସର ଫୁଆଦ ଏବଂ ଶିଳ୍ପ ସମ୍ପର୍କ ଓ ଅନ୍ତର୍ଜାତୀୟ ସହଯୋଗ ବିଷୟରେ ମନ୍ତ୍ରୀଙ୍କ ସ୍ୱତନ୍ତ୍ର ପରାମର୍ଶଦାତା ଓ.କେ. ଆର୍ଲିଭାନ୍ ସାମ୍ପୁର୍ନୋ ମଧ୍ୟ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ । ଆଇଆଇଟି ଭୁବନେଶ୍ୱର ପକ୍ଷରୁ ପ୍ରଫେସର ଅନିମେଶ ମଣ୍ଡଳ, ଡିନ୍ ପ୍ରଫେସର ଶ୍ୟାମଲ ଚାଟାର୍ଜୀ, ଡିନ୍ ପ୍ରଫେସର ଉମାପ୍ରସନ୍ନ ଓଝା, ଡିନ୍ ; ପ୍ରଫେସର ଚନ୍ଦ୍ରଶେଖର ଏନ୍. ଭେଣ୍ଡେ, ମୁଖ୍ୟ, ବୈଦ୍ୟୁତିକ ଯାନ୍ତ୍ରିକ ବିଭାଗ ଓ ସମନ୍ୱୟକାରୀ ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିଲିକାରୁ ୧୦୦୦ ଏକର ବେଆଇନ ଘେରି ଉଚ୍ଛେଦ

କୃଷ୍ଣପ୍ରସାଦ,୭ ।୮ (ନିପ୍ର): ନୀଳାମ୍ବୁ ଚିଲିକାରୁ ଘେରି ମୁକ୍ତ ଅଭିଯାନ ଆରମ୍ଭ ହୋଇଛି । ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ତହସିଲ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବେଆଇନ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ଗୁରୁବାର ବଜ୍ରକୋଟ ରାଜସ୍ୱ ସର୍କଲ ଅଧୀନ ତାଳତଳା ନାସି ଚିଲିକା ଅଞ୍ଚଳରୁ ୧୦୦୦ ଏକର ଚିଲିକାରେ ହୋଇଥିବା ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି । ଘେରିରେ ବ୍ୟବହାର ହୋଇ ଥିବା ଜାଲ, କିଳା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି । ଏହି ଉଚ୍ଛେଦରେ କୃଷ୍ଣପ୍ରସାଦ ଅତିରିକ୍ତ ତହସିଲଦାର ବିକାଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଜ ଜେସିବ ମେସିନ ସହିତ ୩୦ ଜଣ ଶ୍ରମିକଙ୍କୁ ନେଇ ଉଚ୍ଛେଦ କାର୍ଯ୍ୟ ଚାଲିଥିବା ବେଳେ ଶାନ୍ତି ଶୃଙ୍ଖଳା ଲାଗି



କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ତହସିଲ ବଡ଼ବାବୁ କୁବେର ଜେନା,ରାଜସ୍ୱ ସୁପରଭାଇଜର ବିଜୟରାଜ ସାହୁ, ବଜ୍ରକୋଟ ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ସାହୁ, ଚିଲିକା ନୂଆପଡା ରାଜସ୍ୱ ନିରୀକ୍ଷକ ମୋହନ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ । ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ଜଣାପଡିଛି ।

# ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ସମୀକ୍ଷା କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଯାଜପୁର,୭ ।୮(ନିପ୍ର):ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯାଜପୁର ଜିଲ୍ଲା ଗସ୍ତରେ ଆସି ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ଓ ଜନସ୍ୱାସ୍ଥ୍ୟ ପରିଚାଳନାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ଗସ୍ତ ଅବସରରେ ମନ୍ତ୍ରୀ ଡ. ମହାଲିଙ୍ଗ ପ୍ରଥମେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ମା'–ଶିଶୁ ୱାର୍ଡ ଏବଂ ଅନ୍ୟାନ୍ୟ ବିଭାଗ ବୁଲି ଦେଖିଥିଲେ । ସେଠାରେ ବନ୍ୟା ସମୟରେ ଉଦ୍ଧାର କରାଯାଇଥିବା ଗର୍ଭବତୀମାନଙ୍କ ସମେତ ଚିକିତ୍ସାଧୀନ ଅନ୍ୟ ରୋଗୀମାନଙ୍କ ସହ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ସମ୍ପର୍କରେ ସିଧାସଳଖ ପଚାରି ବୁଝିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାର ସ୍ୱାସ୍ଥ୍ୟସେବା, ରୋଗ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅନୁଧ୍ୟାନ କରିଥିଲେ । ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ ଯେ ବନ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ବନ୍ୟା ଜଳ ଅପସାରଣ ପରେ ଝାଡ଼ାବାନ୍ତି (ଡାଇରିଆ), କଲେରା, ମ୍ୟାଲେରିଆ ଓ ଡେଙ୍ଗୁ ଭଳି ଜଳ ଓ ବାହକବାହିତ ରୋଗ ବ୍ୟାପିବାର ସମ୍ଭାବନା ଅଧିକ ଥାଏ । ଏହି ସମ୍ଭାବ୍ୟ ସଂକ୍ରମଣକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ଭାବେ 'ଆଗୁଆ ଯୋଜନା' ଏବଂ 'ବିସ୍ତୃତ ଯୋଜନା' ଆଧାରରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଉଦ୍ୟମକୁ ପ୍ରଶଂସା କରି କହିଥିଲେ ଯେ ବନ୍ୟା ସମୟରେ ୬୦ ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୪୭ ଜଣ ସୁସ୍ଥ ମାତୃତ୍ୱ ଲାଭ କରିସାରିଥିବା ବେଳେ ୪୦ ଜଣ ହସ୍ପିଟାଲରୁ ଡିସଚାର୍ଜ ହୋଇସାରିଛନ୍ତି । ଏହାସହିତ ବନ୍ୟା ସମୟରେ ସର୍ପାଘାତ ରୋଗୀଙ୍କ ଚିକିତ୍ସା ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତର ପର୍ଯ୍ୟନ୍ତ ଆଣ୍ଟି-ସ୍ନେକ୍ ଭେନମ୍ ଇଞ୍ଜେକସନ ଯୋଗାଇ ଦିଆଯାଇଛି । ପ୍ରଭାବିତ ଅଂଚଳ ରେ ଷ୍ଟପ ଡାଇରିଆ ଅଭିଯାନ ସକ୍ରିୟ ଭାବେ କାର୍ଯ୍ୟ କରିବା ଆଶା, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ଘରେ ଘରେ ସଚେତନତା ସୃଷ୍ଟି ପାନୀୟ ଜଳ ଫୁଟାଇ ପିଇବା,ଜଳ ଉତ୍ସ ଗୁଡିକର ନିୟମିତ ବିଶୋଧନ ଆବଶ୍ୟକୀୟ ଔଷଧର ପର୍ଯ୍ୟାପ୍ତ ମହଜୁଦ ସୁନିଶ୍ଚିତ କରିବା ସହ ମେଡିକାଲ ଟିମ୍‌କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ରାସ୍ତା କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ, ଭିଜିଲାନ୍ସ ତଦନ୍ତ ଦାବି

କେନ୍ଦୁଝର,୭ ।୮ (ନିପ୍ର):ଗାଁ ଗଣ୍ଡା ରାସ୍ତା ଘାଟର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରି କାର୍ଯ୍ୟ କରୁଥିବା ବେଳେ ଅତି ଦୁଃଖ ଓ ପରିତାପର ବିଷୟ । ବିଭାଗୀୟ ଅଧିକାରୀ ଓ ଗାଁର କିଛି ଲୋକଙ୍କ ଅସାଧୁ ମେଣ୍ଟ ପାଇଁ ରାସ୍ତା ଘାଟ ଉନ୍ନତି ବଦଳରେ ଦୁର୍ବିସହ ହୋଇ ପଡିଛି । ଏହା ଦେଖିବାକୁ ମିଳିଛି ଖୋଦ ମୁଖ୍ୟମନ୍ତ୍ରୀଙ୍କ ବ୍ଲକରେ । ସଦର ବ୍ଲକ ଗୋବର୍ଦ୍ଧନ ଗ୍ରାମପଂଚାୟତ ସେଣ୍ଡକାପ ଗ୍ରାମରେ ବିଗତ କିଛି ମାସ ପୂର୍ବରୁ ଆରଡ଼ି ରାସ୍ତା ଠାରୁ ରଇଦାସ ପର୍ଯ୍ୟନ୍ତ ଜ଼ିଲ୍ଲା ଖଣିଜ ପ୍ରତିଷ୍ଠାନ ତରଫରୁ ଦଶ ଲକ୍ଷ ଟଙ୍କାର କାର୍ଯ୍ୟ ଭାର ଦିଆ ଯାଇ ଥିଲା ଏବଂ କାର୍ଯ୍ୟ ନିର୍ବାହୀ ସଂସ୍ଥା ଦ୍ୱାରା କାର୍ଯ୍ୟ କରାଯାଇ ଥିବା ବେଳେ ବିଭାଗୀୟ ଅଧିକାରୀ ପରୋକ୍ଷରେ ସ୍ଥାନୀୟ ଦୁଇ ଜଣ ଲୋକଙ୍କୁ କାର୍ଯ୍ୟଭାର ଦେଇ ନିଘୋଡ଼ ନିଦ୍ରାରେ । ଫଳରେ ଉକ୍ତ ରାସ୍ତାରେ ଗାଡୁଆଲ ନ କରି ଅତି ନିମ୍ନମାନର ଅନାମଧେୟ କମ୍ପାନୀର ବହୁ ଦିନର ସିମେଣ୍ଟ, ବାଲି ଚିପ୍ସ,ମେଣ୍ଟାଲ ଆଦି ଦ୍ୱାରା କଂକ୍ରିଟ କରାଯାଇଥିଲା ସେତେବେଳେ ବିଭିନ୍ନ ଗଣମାଧ୍ୟମ ଦ୍ୱାରା ମୁଖ୍ୟ ଖବର ହୋଇ ଥିଲା । ତଥାପି ଉକ୍ତ ଦୁଇ ଜଣଙ୍କୁ ତାପରେ ମଧ୍ୟ ମହାଶୟା ଜଣକ ଗାଁର ସମସ୍ତ ରାସ୍ତା ଘାଟ ପାଚେରୀ କାର୍ଯ୍ୟ ପାଇଁ ତଦାରଖ ଭାର ଦେଉଛନ୍ତି ।

ଉପ୍ରା ବିଦ୍ୟାଳୟରେ ନୂଆଁ ଗେଟ ନିର୍ମାଣ ପାଇଁ ଅର୍ଥ ବରାଦ ହୋଇଥିବାବେଳେ ପୁରୁଣା ସ୍କୁଲ ଗେଟ କେବଳ ରଙ୍ଗ ମାରି ବିଲ ଉଠାଇ ନିଆ ଯାଇଛି । ପୁଣି ସେହି ବିଦ୍ୟାଳୟ ସମ୍ମୁଖ ଭାଗ କଂକ୍ରିଟ ରାସ୍ତା ମାସେ ନ ଯାଉଣୁ ଫାଟି ଆଁ ହୋଇ ଯାଇଥିବାବେଳେ ଏବେ ଆରଡି ରାସ୍ତା ଠାରୁ ବଡ଼ ସାହି ନେତାଜୀ ଯୁବକ ସଂଘ ରାସ୍ତା ପରବାସୀ ଓ ବୈଶାଖୁଙ୍କ ପାଖରେ ଭାଙ୍ଗି ବିରାଟ ଗର୍ତ୍ତ ସୃଷ୍ଟି ହେବା ସହ ଦୁର୍ବିସହ ହୋଇ ପଡ଼ିଲାଣି । ଏହା ପରେ ମଧ୍ୟ ନୀଳଗିରି ସାହି ଅଙ୍ଗନବାଡି କେନ୍ଦ୍ର ନିକଟରେ ଏବଂ ରଇଦାସ ନାଏକ ଘରଠାରୁ ନୁଟାପଶିଆଙ୍କ ରାସ୍ତା,ଆରଡି ରାସ୍ତା ଠାରୁ ସହଦେବ ନାଏକଙ୍କ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା କାର୍ଯ୍ୟ ଅତି ନିକୃଷ୍ଟ ଧରଣ ।

ନୂଆ ପୋଖରୀରେ ଆଦର୍ଶ ପୋଖରୀ କାର୍ଯ୍ୟ ଅତି ନିମ୍ନ ମାନର କରା ଯାଇ ଥିବା ଏବଂ ଗାୟତ୍ରୀ ମନ୍ଦିର ପାଚେରୀ ନିମ୍ନ ମାନର କାର୍ଯ୍ୟ ଦେଖିବାକୁ ମିଳିଛି । ବାରମ୍ବାର ଉକ୍ତ ଦୁର୍ନୀତୀଗ୍ରସ୍ତ ଲୋକଙ୍କୁ କାର୍ଯ୍ୟ ତଦାରଖରୁ ବାରଣ କରିବାକୁ ନିବେଦନ କଲେ ମଧ୍ୟ ମହାଶୟା ଜଣଙ୍କ କିମ୍ବା ବିଭାଗୀୟ ଅଧିକାରୀ ମାନେ କର୍ଣ୍ଣପାତ କରୁ ନାହାନ୍ତି ।ପୁଣି ଏବେ ନୂଆ ସ୍କୁଲ,ଅଙ୍ଗନବାଡି, ଷ୍ଟାଡିୟମ ପାଚେରୀ ଏବଂ ବିଭିନ୍ନ ରାସ୍ତା କଂକ୍ରିଟ କାର୍ଯ୍ୟ ପାଇଁ ପ୍ରାୟ ଏକ କୋଟିରୁ ଉର୍ଦ୍ଧ ଟଙ୍କା କାର୍ଯ୍ୟ ହେବାକୁ ଥିବା ବେଳେ ଉକ୍ତ କାର୍ଯ୍ୟ ପାଇଁ ନିମ୍ନମାନର ଚିପ୍ସ, ମେଣ୍ଟାଲ, ବାଲି, ଇଟା ପକାଇ ରଖି ଥିବା ଦେଖିବାକୁ ମିଳିଛି ।

ଏଣୁ ସେଣ୍ଡକାପ ଗ୍ରାମରେ ଲକ୍ଷ ଲକ୍ଷଟଙ୍କାର ଦୁର୍ନୀତିର ଗନ୍ଧ ବାରି ହେଉଛି । ତେଣୁ ଭିଜିଲାନ୍ସ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ସେଣ୍ଡକାପ ଗ୍ରାମରେ ହେଉ ଥିବା ଉନ୍ନତି ମୂଳକ କାର୍ଯ୍ୟରେ ଉକ୍ତ ଅସାଧୁ ଦୁର୍ନୀତିଗ୍ରସ୍ତଙ୍କୁ କାମ ତଦାରଖ କାର୍ଯ୍ୟ ବନ୍ଦ କରିବାକୁ ସସ୍ମିତା ନାଏକ, ସୁମିତ୍ରା ଦଣ୍ଡପାଟ, ସସ୍ମିତା ମହାନ୍ତ,ବସନ୍ତ ନାଏକ,ରାନୁ ନାଏକ, କୁଳ ନାଏକ ଭୀମସେନ ନାଏକ, ଦେବେନ୍ଦ୍ର ପାତ୍ର, ଇନ୍ଦ୍ର ନାଏକ, ପବନା ନାଏକ ପ୍ରମୁଖ ଜ଼ିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି ।



# ଏଲଏସିକୁ ନେଇ ଭାରତ-ଚୀନ୍ ମଧ୍ୟରେ କୂଟନୈତିକ ଆଲୋଚନା



ନୂଆଦିଲ୍ଲୀ, ୭/୮ : ଭାରତ ଓ ଚୀନ୍ ମଧ୍ୟରେ ନୂଆଦିଲ୍ଲୀଠାରେ ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)ର ସମଗ୍ର ସ୍ଥିତି ସମୀକ୍ଷା କରାଯିବା ସହ ସୀମା ନିର୍ଦ୍ଧାରଣ, ସୀମା ପରିଚାଳନା ଏବଂ ସୀମାପାର ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ନେଇ ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି। 'ୱାର୍କିଂ ମେକାନିଜିମ୍ ଫର୍ କନସଲଟେସନ୍ ଏଣ୍ଡ କୋଅର୍ଡିନେସନ୍ ଅନ୍ ଇଣ୍ଡିଆ-ଚାଇନା ବୋର୍ଡର ଆଫେୟାର୍ସ'' (ଡବ୍ଲୁଏମସିସି) ଢାଞ୍ଚା ଅଧୀନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଦୁଇ ପକ୍ଷ ମଧ୍ୟରେ ସୀମା ସ୍ଥିତିକୁ ନେଇ ଖୋଲାଖୋଲି ଆଲୋଚନା ହୋଇଛି। ସୀମାଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦ୍ୱିପାକ୍ଷିକ ସମ୍ପର୍କର ସମଗ୍ର ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ଉଭୟ ଦେଶ ଗୁରୁତ୍ୱାରୋପ କରିଛନ୍ତି। ଏହାସହ 'ଏଲଏସି'ରେ କୌଣସି ପ୍ରକାର ଭୁଲ୍ ବୁଝାମଣା ଏବଂ ସମସ୍ୟାକୁ ଏଡ଼ାଇବା ପାଇଁ ପୂର୍ବରୁ ରହିଥିବା କୂଟନୈତିକ ଓ ସାମରିକ ମାଧ୍ୟମଗୁଡ଼ିକର ନିରନ୍ତର ବ୍ୟବହାର କରିବାକୁ ସମ୍ମତି ପ୍ରକାଶ ପାଇଛି। ଏହା ବ୍ୟତୀତ, ବିଶେଷ ପ୍ରତିନିଧି ସ୍ତରୀୟ ଆଲୋଚନାର ନିଷ୍ପତ୍ତି ଆଧାରରେ ସୀମା ନିର୍ଦ୍ଧାରଣ ଓ ପରିଚାଳନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଭାରତ ପକ୍ଷରୁ ସୀମାପାର ନଦୀଗୁଡ଼ିକ ସମ୍ପର୍କିତ ବିଶେଷଜ୍ଞ ସ୍ତରୀୟ ବୈଠକ ଶୀଘ୍ର ଡାକିବା ଏବଂ ନଦୀର ଉପରମୁଣ୍ଡ ପ୍ରକଳ୍ପ ସମ୍ବନ୍ଧୀୟ ବୈଷୟିକ ତଥ୍ୟ ଆଦାନପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଆଲୋଚନାରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ବୈଦେଶିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜିତ୍ ଘୋଷ ନେଇଥିବା ବେଳେ ଚୀନ୍ ପ୍ରତିନିଧି ଦଳର ନେତୃତ୍ୱ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ସୀମା ଓ ମହାସାଗରୀୟ ବ୍ୟାପାର ବିଭାଗର ମହାନିର୍ଦ୍ଦେଶକ ହାଓ ୟାନକି ନେଇଥିଲେ।

## ପଶ୍ଚିମ ଏସିଆ ଓ ଦ୍ୱିପାକ୍ଷିକ ପ୍ରସଙ୍ଗରେ କଥା ହେଲେ ମୋଦୀ-ନେତାନ୍ୟାହୁ



ନୂଆଦିଲ୍ଲୀ, ୭/୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗୁରୁବାର ଦ୍ୱିପାକ୍ଷିକ ସମ୍ପର୍କ ସମୀକ୍ଷା କରିବା ସହିତ ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ନେତାନ୍ୟାହୁ ତାଙ୍କୁ ଫୋନ କରିଥିବା କଥା କହିଛନ୍ତି। ଭାରତ-ଇସ୍ରାଏଲ ସ୍ୱତନ୍ତ୍ର ରଣନୈତିକ ସହଭାଗୀର ବିଭିନ୍ନ ଦିଗ ଉପରେ ପ୍ରଗତି ନେଇ ଉଭୟ ସମୀକ୍ଷା କରିଥିବା କହିଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ମୋଦୀ ଓ ନେତାନ୍ୟାହୁ ଦୁଇ ଦେଶର ପାରସ୍ପରିକ ଲାଭ ପାଇଁ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜଭୁତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଫୋନ୍‌ରେ ଦୁଇ ରାଷ୍ଟ୍ର ମୁଖ୍ୟ ପଶ୍ଚିମ ଏସିଆ ସ୍ଥିତି ଉପରେ ଆଲୋଚନା କରିଥିଲେ ମଧ୍ୟ ଏ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇ ନାହିଁ।

## ଭାରତରୁ ନିଜ ଉଚ୍ଚାୟୁକ୍ତଙ୍କୁ ପ୍ରତ୍ୟାହାର କଲା ଦକ୍ଷିଣ ଆଫ୍ରିକା

ନୂଆଦିଲ୍ଲୀ, ୭/୮ : ଦକ୍ଷିଣ ଆଫ୍ରିକା ଭାରତରେ ଅବସ୍ଥାପିତ ଏହାର ଉଚ୍ଚାୟୁକ୍ତ ଅନିଲ ସୁକଲାଲଙ୍କୁ ଫେରାଇ ନେଇଛି। ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଜାକବ ଜୁମା ଓ ରାଜନୈତିକ ଦୁର୍ନୀତି ଅଭିଯୁକ୍ତ ଅଜୟ ଗୁପ୍ତାଙ୍କୁ ହରିଦ୍ୱାରରେ ଏକ ବୈଠକରେ ସାକ୍ଷାତ କରିଥିବା ଜଣାପଡ଼ିଛି। ଏହି କାରଣରୁ ଦକ୍ଷିଣ ଆଫ୍ରିକା ସରକାର ଏହି ପଦକ୍ଷେପ ନେଇଛନ୍ତି। ଜୁନ୍ ୨୬ ତାରିଖରେ ହରିଦ୍ୱାରର ଏକ ମନ୍ଦିରରେ ଏକ ସମାରୋହରେ ଅଜୟ ଗୁପ୍ତା ଓ ସୁକଲାଲଙ୍କ ସହିତ ଜୁମାଙ୍କ ଫଟୋ ପ୍ରକାଶ ପାଇବାର କିଛି ସପ୍ତାହ ପରେ



ଦକ୍ଷିଣ ଆଫ୍ରିକାର ବୈଦେଶିକ ମନ୍ତ୍ରୀ ରୋନାଲ୍ଡ ଲାମୋଲା ଏହି ପଦକ୍ଷେପ ଘୋଷଣା କରିଥିଲେ। ଦକ୍ଷିଣ ଆଫ୍ରିକାରେ ଗୁପ୍ତା ଭ୍ରାତାଙ୍କ ବ୍ୟବସାୟିକ କାର୍ଯ୍ୟକୁ ସମର୍ଥନ କରିବାର ଅଭିଯୋଗର ସମ୍ମୁଖୀନ ହୋଇଥିବା ଜୁମା ଜୁନ୍ ମାସରେ ବ୍ୟକ୍ତିଗତ ଭାବରେ ଭାରତ ଗସ୍ତ କରିଥିଲେ। ସୁକଲାଲ ୧୯୯୫ ମସିହାରେ ବୈଦେଶିକ ମନ୍ତ୍ରଣାଳୟରେ ଯୋଗ ଦେଇଥିଲେ ଓ ଦକ୍ଷିଣ ଆଫ୍ରିକାର ସବୁଠାରୁ ଦୀର୍ଘ ସମୟ ଧରି ବ୍ରିକ୍ସ ଶେର୍ପା ଥିଲେ। କୂଟନୀତିରେ ତାଙ୍କ ଅବଦାନ ପାଇଁ ତାଙ୍କୁ ୨୦୧୯ ମସିହାରେ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯାଇଥିଲା। ସେ ୨୦୦୬-୨୦୧୨ ମଧ୍ୟରେ ଦକ୍ଷିଣ ଆଫ୍ରିକାର ଜି୨୦ ଶେର୍ପା ଓ ୟୁରୋପୀୟ ସଂଘ ଏବଂ ବେଲଜିୟମରେ ରାଷ୍ଟ୍ରଦୂତ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ୨୦୨୪ ଜୁନରେ ଭାରତରେ ଉଚ୍ଚାୟୁକ୍ତ ଭାବରେ ନିଯୁକ୍ତ ହୋଇଥିଲେ। ସୂଚନାଯୋଗ୍ୟ, ଗୁପ୍ତା ଭାଇଙ୍କ ପ୍ରସଙ୍ଗ ଦକ୍ଷିଣ ଆଫ୍ରିକାରେ ଏକ ସମ୍ବେଦନଶୀଳ ବିଷୟ ହୋଇ ରହିଛି କାରଣ ସେମାନେ ୨୦୦୯ ରୁ ୨୦୧୮ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥିବା ଜୁମାଙ୍କ ସହ ସେମାନଙ୍କର ସମ୍ପର୍କକୁ ବ୍ୟବହାର କରି ଚୁକ୍ତିନାମା ଜିତିବା, କ୍ୟାବିନେଟ ନିଯୁକ୍ତିକୁ ପ୍ରଭାବିତ କରିବା ତଥା ଦେଶରେ ପାଣ୍ଠି ହଡ଼ପ କରିବାର ଅଭିଯୋଗ ହୋଇଥିଲା।

### ପୂର୍ବତନ ଆଇଏଏସ୍ ଅଧିକାରୀଙ୍କ ଜାମିନ ଆବେଦନ ଖାରଜ କଲେ ହାଇକୋର୍ଟ

## ପେପର ଲିକ୍, ହତ୍ୟା ଅପେକ୍ଷା ଅଧିକ ଜଘନ୍ୟ

ବିଲାସପୁର, ୭/୮ : ଛତିଶଗଡ଼ ଲୋକସେବା ଆୟୋଗ (ସିଜିପିଏସସି) ନିଯୁକ୍ତି ଦୁର୍ନୀତି ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଜୀବନ କିଶୋର ଧ୍ରୁବଙ୍କ ଜାମିନ ଆବେଦନକୁ ଛତିଶଗଡ଼ ହାଇକୋର୍ଟ ନାକଚ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ହାଇକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇ କହିଛନ୍ତି ଯେ, ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ କରିବା ''ହତ୍ୟା ଅପରାଧଠାରୁ ବି ଅଧିକ ଜଘନ୍ୟ''। କାରଣ ଜଣକୁ ହତ୍ୟା କଲେ ଗୋଟିଏ ପରିବାର ପ୍ରଭାବିତ ହୋଇଥାଏ, କିନ୍ତୁ ପ୍ରଶ୍ନପତ୍ର ଲିକ୍ ଦ୍ୱାରା ଦିନରାତି ଏକ କରି ପରିଶ୍ରମ କରୁଥିବା ଲକ୍ଷ ଲକ୍ଷ



ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ନଷ୍ଟ ହୋଇଥାଏ ଏବଂ ସମଗ୍ର ସମାଜ ପ୍ରଭାବିତ ହୁଏ। ଜଷ୍ଟିସ ବିଭୁ ଦତ୍ତ ଗୁରୁଙ୍କ ଖଣ୍ଡପୀଠ ଏହି ମାମଲାର ଗାମ୍ଭୀର୍ଯ୍ୟ ଏବଂ ସରକାରୀ ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପଡ଼ିଥିବା କୁପ୍ରଭାବକୁ ଦୃଷ୍ଟିରେ ରଖି ଜାମିନ ପ୍ରଦାନ କରିବାକୁ ମନା କରିଦେଇଛନ୍ତି। ଯଦିଓ ଧ୍ରୁବଙ୍କ ଓକିଲ ଦାବି କରିଥିଲେ ଯେ ତାଙ୍କୁ ମିଛରେ ଫସାଯାଇଛି ଏବଂ ସେ ନିଜେ ପୁଅମାନେ ପରୀକ୍ଷା ଦେଉଥିବା ନେଇ ବୋର୍ଡକୁ ଜଣାଇ ଗୋପନୀୟ କାର୍ଯ୍ୟରୁ ଓହରି ଯାଇଥିଲେ, ତଥାପି ସିବିଆଇର ଦୃଢ଼ ଯୁକ୍ତି ଓ ପ୍ରମାଣ ଆଧାରରେ କୋର୍ଟ ଜାମିନ ଖାରଜ କରିଛନ୍ତି। ୬୨ ବର୍ଷୀୟ ଜୀବନ କିଶୋର ଧ୍ରୁବ ୨୦୨୦-୨୦୨୨ ମସିହା ନିଯୁକ୍ତି ପ୍ରକ୍ରିୟା ସମୟରେ 'ସିଜିପିଏସସି'ର ସଚିବ ଭାବେ କାର୍ଯ୍ୟରତ ଥିଲେ। ନିଜ ପଦବୀର ଦୁରୁପଯୋଗ କରି ସେ ୨୦୨୧ ମୁଖ୍ୟ ପରୀକ୍ଷାର ଗୋପନୀୟ ପ୍ରଶ୍ନପତ୍ର ନିଜ ପାଖରେ ରଖି ପୁଅ ସୁମିତ ଧ୍ରୁବଙ୍କୁ ଯୋଗାଇ ଦେଇଥିବା ନେଇ ସିବିଆଇ ପ୍ରାଥମିକ ପ୍ରମାଣ ସଂଗ୍ରହ କରିଛି। ଏହି ପରୀକ୍ଷାରେ ସୁମିତ ଡେପୁଟି କଲେକ୍ଟର ଭାବେ ଚୟନ ହୋଇଥିଲେ ଏବଂ ସେ ମଧ୍ୟ ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ। ଧ୍ରୁବଙ୍କ ଘରୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଓ ଉତ୍ତର ସମ୍ବଳିତ କାଗଜପତ୍ର ଜବତ ହୋଇଛି।

## ତୁର୍କୀ, ସାଉଦି ଆରବ ଓ ପାକିସ୍ତାନ ମଧ୍ୟରେ ତ୍ରିପାକ୍ଷିକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ



ନୂଆଦିଲ୍ଲୀ, ୭/୮ : ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ସୁରକ୍ଷା ସଙ୍କଟ ଓ ଯୁଦ୍ଧ ପରିସ୍ଥିତି ମଧ୍ୟରେ ସାଉଦି ଆରବ, ତୁର୍କୀ ଓ ପାକିସ୍ତାନ ମଧ୍ୟରେ ଏକ ପ୍ରମୁଖ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିର ନାମ 'ମକ୍କା ମିଳିତ ପ୍ରତିରକ୍ଷା ଚୁକ୍ତି' ରଖାଯାଇଛି। ଏହି ନୂତନ ସାମରିକ ବୁଝାମଣା ଫଳରେ ତିନି ଦେଶ ମଧ୍ୟରେ ସୁରକ୍ଷା ଓ ପ୍ରତିରକ୍ଷା ସହଯୋଗ ଆହୁରି ମଜଭୁତ୍ ହେବ। ସାଉଦି ଆରବରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍, ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦୋଗାନ୍ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମଧ୍ୟପ୍ରାଚ୍ୟରେ ଦିନକୁ ଦିନ ବିଗୁଡୁଥିବା ସୁରକ୍ଷା ବାତାବରଣକୁ ଦୃଷ୍ଟିରେ ରଖି ଏହି ତ୍ରିପାକ୍ଷିକ ଚୁକ୍ତି କରାଯାଇଛି, ଯାହାକି ଆଞ୍ଚଳିକ କୂଟନୀତି ଓ ସାମରିକ ସମୀକରଣରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି, ଏବଂ ଏକ 'ଇସଲାମିକ୍ ନାଟୋ' ଗଠନ ନେଇ ଚର୍ଚ୍ଚା ଜୋର୍ ଧରିଛି।

### ଥାଇଲ୍ୟାଣ୍ଡ ସ୍କୁଲରେ ଛାତ୍ରଙ୍କ ଗୁଳିକାଣ୍ଡ

## ଶିକ୍ଷକଙ୍କ ସମେତ ୩ ମୃତ

ବ୍ୟାଙ୍କକ୍, ୭/୮ : ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକ୍ ଉପକଣ୍ଠ ନୋନ୍ଥାବୁରୀ ଜିଲ୍ଲାର ''ଦେବସିରିନ୍ ସ୍କୁଲ''ରେ ଶୁକ୍ରବାର ସକାଳ ପ୍ରାୟ ୧୦ଟା ସମୟରେ ଜଣେ ଛାତ୍ର ଆକସ୍ମିକ ଭାବେ ଗୁଳିଚାଳନା କରିବାରୁ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମେତ ୩



ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଥାଇଲ୍ୟାଣ୍ଡ ଶିକ୍ଷାମନ୍ତ୍ରୀ ପ୍ରସେର୍ଟ ଜାନ୍ତା ରୁଆଙ୍ଗଥୋଙ୍ଗ୍ ଏହି ମୃତ୍ୟୁ ସଂଖ୍ୟା ନିଶ୍ଚିତ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗୁଳିକାଣ୍ଡ ପରେ ସନ୍ଦିଗ୍ଧ ବନ୍ଧୁକଧାରୀ ଛାତ୍ରଜଣକ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛି। ଘଟଣାପରେ ବିଦ୍ୟାଳୟ ପରିସରରେ ଆତଙ୍କ ଖେଳିଯାଇଥିଲା ଏବଂ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ପ୍ରାଣବିକଳରେ ବାହାରକୁ ଦୌଡ଼ି ପଳାଇଥିଲେ। ପ୍ରାଥମିକ ଉଦ୍ଧାରକାରୀ ଦଳ ଓ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଗ୍ରାହକଙ୍କୁ ଦେବାକୁ ପଡ଼ିବନି ୟୁପିଆଇ ଶୁଳ୍କ: ଅର୍ଥମନ୍ତ୍ରୀ



ନୂଆଦିଲ୍ଲୀ, ୭/୮ : ୟୁପିଆଇ କାରବାର ଉପରେ ଶୁଳ୍କ ଲଗାଇବା ସଂକ୍ରାନ୍ତ ବିଲ୍ ଲୋକସଭାରେ ଗୃହୀତ ହେବା ପରେ ଲୋକଙ୍କୁ ପେମେଣ୍ଟ ବେଳେ ଶୁଳ୍କ ଦେବାକୁ ପଡ଼ିବ ନେଇ ଚର୍ଚ୍ଚା ହେଉଛି। କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ସେଭଳି ଆଶଙ୍କା ପ୍ରକଟ କରିଛନ୍ତି। ତେବେ ଏଭଳି ଆଶଙ୍କାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଯେଉଁ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ (ଏମ୍‌ଡିଆର) ବିଷୟରେ ଚର୍ଚ୍ଚା ହେଉଛି ତାହା ବ୍ୟବସାୟୀଙ୍କୁ ଦେବାକୁ ପଡ଼ିବ, ଗ୍ରାହକଙ୍କୁ ନୁହେଁ। ଜୟରାମ ରମେଶଙ୍କ ସୋସିଆଲ ମିଡିଆ ପୋଷ୍ଟ ଉପରେ ଉତ୍ତର ଦେଇ ସୀତାରମଣ କହିଛନ୍ତି ଯେ ଏମ୍‌ଡିଆର ଶୁଳ୍କ କେବଳ ବ୍ୟବସାୟୀଙ୍କ ଉପରେ ଲାଗିଥାଏ।

## ଦିଲ୍ଲୀରେ ପ୍ରବଳ ବର୍ଷା: ବହୁ ଅଞ୍ଚଳରେ ଜଳବନ୍ଦୀ



ନୂଆଦିଲ୍ଲୀ, ୭।୮ : ଶୁକ୍ରବାର ରାଜଧାନୀ ଦିଲ୍ଲୀରେ ପ୍ରବଳ ବର୍ଷା ହେବା ଫଳରେ ବ୍ୟାପକ ଯାତାୟାତ ସମସ୍ୟା ଏବଂ ଅନେକ ଅଞ୍ଚଳରେ ଜଳବନ୍ଦୀ ସୃଷ୍ଟି ହୋଇଥିଲା, ।ଭାରତ ପାଣିପାଗ ବିଭାଗ ଏକ ରେଡ୍ ଆଲର୍ଟ ଜାରି କରିଛି। ବହୁ ସ୍ଥାନରେ ମଧ୍ୟମ ବର୍ଷା ହୋଇଛି। ମଧ୍ୟମ ଝଡ଼ ଏବଂ ବଜ୍ରପାତ ହେବାର ପୂର୍ବାନୁମାନ କରିଛି। ମେହରୌଲି-ବଦରପୁର ରୋଡ୍, ୱାଜିରାବାଦ ରୋଡ୍, ପଟେଲ ରୋଡ୍, ରୋହତକ୍ ରୋଡ୍, ଶଙ୍କର ରୋଡ୍, କୀର୍ତ୍ତି ନଗର ଷ୍ଟ୍ରେଚ୍, ଦିଲ୍ଲୀ-ଜୟପୁର ହାଇୱେ, ପିରାଗଢ଼ୀ ଏବଂ ଶାହିନ ବାଗ୍‌ରେ ଯାତାୟାତ ପ୍ରଭାବିତ ହୋଇଥିବା ଖବର ମିଳିଛି।

## '୮ ସେକେଣ୍ଡରେ ନିଦ ହୁଏ, ମାତ୍ର ୩ ଘଣ୍ଟା ଶୁଏ'

ନୂଆଦିଲ୍ଲୀ, ୭/୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ରାଜ୍ୟସଭାର ନୂତନ ଏନଡିଏ ସାଂସଦମାନଙ୍କୁ ଭେଟିଛନ୍ତି। ସକାଳ ଜଳଖିଆରେ ଅନୁଷ୍ଠିତ ଏହି ବୈଠକରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ମଧ୍ୟ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆମ ଆଦମୀ ପାର୍ଟି (ଆପ), ବିଜେଡି ଏବଂ ଟିଏମସିରୁ ଦଳରେ ଯୋଗ ଦେବା ପରେ ବିଜେପି ଟିକେଟରେ ନିର୍ବାଚିତ ସାଂସଦମାନଙ୍କ ସହିତ ସାକ୍ଷାତ କରିଥିଲେ। ସେ ସାଂସଦମାନଙ୍କୁ ଗୃହକୁ ଯଥାସମ୍ଭବ ସମୟ ଦେବା ପାଇଁ ଅନୁରୋଧ କରିଥିଲେ ଏବଂ ସହଯୋଗ ଭାବନାରେ ଏକାଠି କାମ କରିବାକୁ ଆହ୍ୱାନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଂସଦମାନଙ୍କୁ ସେମାନଙ୍କ ସାଥୀ ସାଂସଦମାନଙ୍କ ଭାଷଣକୁ ଧ୍ୟାନର ସହିତ ଶୁଣିବାକୁ ଅନୁରୋଧ କରିଥିଲେ, ଏବଂ କହିଥିଲେ ଯେ, ସେମାନଙ୍କଠାରୁ ବହୁତ କିଛି ଶିଖିବାର ଅଛି। ସେ ସହଯୋଗର ମନୋଭାବରେ ଏକାଠି କାମ କରିବାକୁ ଆହ୍ୱାନ କରିଥିଲେ ଏବଂ ଗୃହରେ ୧୦୦% ଉପସ୍ଥିତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶାସକ ଦଳ କିମ୍ବା ବିରୋଧୀ ଦଳ ସମସ୍ତଙ୍କଠାରୁ ଶିଖିବା ପାଇଁ ଖୋଲା ହୃଦୟ ରଖିବା ଉଚିତ।



## ନାରାୟଣଙ୍କ ଆଜୀବନ କାରାଦଣ୍ଡ ରଦ୍ଦ କରିବାକୁ ମନା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୭/୮ : ଆତ୍ମଘୋଷିତ ଧର୍ମଗୁରୁ ଆଶାରାମଙ୍କ ପୁଅ ନାରାୟଣ ସାଇଙ୍କୁ ୨୦୧୩ ମସିହାର ଏକ ଦୁଷ୍କର୍ମ ମାମଲାରେ ଦିଆଯାଇଥିବା ଆଜୀବନ କାରାଦଣ୍ଡ ରଦ୍ଦ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଦୁଷ୍କର୍ମ ମାମଲାରେ ଦୋଷୀସାବ୍ୟସ୍ତତା ବିରୋଧରେ ସାଇ ଦାଖଲ କରିଥିବା ଆବେଦନ ଉପରେ ନିଷ୍ପତ୍ତି ନେବାକୁ ଜଷ୍ଟିସ୍ ଏମଏମ ସୁନ୍ଦ୍ରେଶ ଏବଂ ପିବି ଭରାଲେଙ୍କ ଖଣ୍ଡପୀଠ ଗୁଜରାଟ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି , ତିନି ମାସ ମଧ୍ୟରେ ଆବେଦନ ଉପରେ ନିଷ୍ପତ୍ତି ନେବାକୁ ସର୍ବୋତ୍ତମ ପ୍ରୟାସ କରିବାକୁ ଆମେ ହାଇକୋର୍ଟଙ୍କୁ ଅନୁରୋଧ କରୁଛୁ। ଆବେଦନକାରୀ ଏବଂ ରାଜ୍ୟ ସରକାର ଏହି ପ୍ରକ୍ରିୟାରେ ସହଯୋଗ କରିବେ ବୋଲି ଆମେ ସ୍ପଷ୍ଟ କରୁଛୁ। ନାରାୟଣ ସାଇଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ ଏନ୍. ହରିହରନ କହିଥିଲେ ଯେ, ଶୀଘ୍ର ଶୁଣାଣି ପାଇଁ ଆବେଦନ କରାଯାଇଥିଲେ ମଧ୍ୟ ଆବେଦନର ଶୁଣାଣି ଆରମ୍ଭ ହୋଇନାହିଁ।

### ଭାରତୀୟ ବାୟୁସେନାର ପ୍ରଥମ ମହିଳା 'ଟପ୍ ଗନ୍' ପାଇଲଟ୍ ହେଲେ...

## ସ୍କ୍ୱାଡ୍ରନ୍ ଲିଡର ଭାବନାକାନ୍ତ

ନୂଆଦିଲ୍ଲୀ, ୭/୮ : ଭାରତୀୟ ବାୟୁସେନାର ଇତିହାସରେ ସ୍କ୍ୱାଡ୍ରନ୍ ଲିଡର ଭାବନା କାନ୍ତ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ସେ ବାୟୁସେନାର ପ୍ରଥମ ମହିଳା 'ଟପ୍ ଗନ୍' ପାଇଲଟ୍ ହେବାର ଗୌରବ ହାସଲ କରିଛନ୍ତି। ବାୟୁସେନାର ସବୁଠାରୁ କଠିନ 'ଏୟାର-ଟୁ-ଏୟାର' ଯୁଦ୍ଧ ପ୍ରଶିକ୍ଷଣ ପାଠ୍ୟକ୍ରମ ସଫଳତାର ସହ ସମ୍ପୂର୍ଣ୍ଣ କରି ସର୍ବୋଚ୍ଚ ପ୍ରଦର୍ଶନ କରିବା ପରେ ସେ ଏହି ସମ୍ମାନ ହାସଲ କରିଛନ୍ତି। ଏହା ଭାରତୀୟ ବାୟୁସେନାରେ ମହିଳା ଯୁଦ୍ଧ ବିମାନ ଚାଳକଙ୍କ ଅଗ୍ରଗତିରେ ଏକ ବଡ଼ ସଫଳତା ବୋଲି କୁହାଯାଉଛି। 'ଟପ୍ ଗନ୍' ମାନ୍ୟତା ସେହି ପାଇଲଟ୍‌ଙ୍କୁ ଦିଆଯାଏ, ଯିଏ ଉନ୍ନତ ଆକାଶଯୁଦ୍ଧ କୌଶଳ, ଅସ୍ତ୍ର ପ୍ରୟୋଗ, ରଣନୈତିକ ପରିକଳ୍ପନା ଏବଂ ଯୁଦ୍ଧ ପରିସ୍ଥିତିରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥାନ୍ତି। ଭାବନା କାନ୍ତ ଏହି କଠିନ ପ୍ରଶିକ୍ଷଣରେ ସର୍ବାଧିକ ଦକ୍ଷତା ପ୍ରଦର୍ଶନ କରି ଏହି ମାନ୍ୟତା ଅର୍ଜନ କରିଛନ୍ତି। ଏହା କେବଳ ତାଙ୍କ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ



ବାୟୁସେନାରେ ମହିଳାଙ୍କ ବଢୁଥିବା ଭୂମିକାର ଏକ ପ୍ରତୀକ ବୋଲି ବାୟୁସେନା କହିଛି। ଭାବନା କାନ୍ତ ୨୦୧୬ରେ ଅବନୀ ଚତୁର୍ବେଦୀ ଓ ମୋହନା ସିଂହଙ୍କ ସହ ଭାରତୀୟ ବାୟୁସେନାର ପ୍ରଥମ ମହିଳା ଫାଇଟର ପାଇଲଟ୍ ବ୍ୟାଚ୍‌ରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ମିଗ୍-୨୧ ବାଇସନ୍ ଯୁଦ୍ଧ ବିମାନ ଉଡ଼ାଇବା ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟତା ହାସଲ କରିଥିଲେ। ବିହାରର ଦରଭଙ୍ଗାରେ ଜନ୍ମିତ ଭାବନା ବେଙ୍ଗାଲୁରୁର ଏକ ଇଞ୍ଜିନିୟରିଂ କଲେଜରୁ ଡିଗ୍ରି ହାସଲ କରିବା ପରେ ବାୟୁସେନାରେ ଯୋଗ ଦେଇଥିଲେ।

## ସଂସଦରେ ହଙ୍ଗାମା ମଧ୍ୟରେ ଅମିତ ଶାହଙ୍କୁ ସମର୍ଥନ କଲେ ରିଜିଜୁ

ନୂଆଦିଲ୍ଲୀ, ୭/୮ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ନେଇ ସଂସଦରେ ଜାରି ଥିବା ଅଚଳାବସ୍ଥା ମଧ୍ୟରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଗୃହମନ୍ତ୍ରୀଙ୍କୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ଲୋକସଭାରେ ସେ କହିଛନ୍ତି, ଅମିତ ଶାହଙ୍କ ନାମ ଶୁଣିଲେ ଆତଙ୍କବାଦୀମାନେ ଥରହର ହୁଅନ୍ତି। ଏଭଳି ଜଣେ ଗୃହମନ୍ତ୍ରୀଙ୍କୁ ଅପମାନିତ କରିବା ନିନ୍ଦନୀୟ। ବିରୋଧୀ ଦଳଗୁଡ଼ିକ ଅମିତ ଶାହଙ୍କ ଏକ ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିବାଦ କରିଥିଲେ। ସଦନରେ ଆଲୋଚନା ବେଳେ ଶାହ କହିଥିଲେ ଯେ, ସରକାର ଓ ଦେଶ ବିରୋଧରେ ରାସ୍ତାକୁ ଓହ୍ଲାଇଥିବା ଲୋକଙ୍କ ପାଇଁ ଯଦି ବିରୋଧୀ ଦଳର ଲୁହ ଝରୁଛି, ତେବେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ବିରୋଧୀମାନଙ୍କ ଅଭିଯୋଗ ହେଉଛି, ଏହି ମନ୍ତବ୍ୟ ଦିଲ୍ଲୀ ସହ ବିଭିନ୍ନ ସ୍ଥାନରେ ପୁଲିସ କାର୍ଯ୍ୟାନୁଷ୍ଠାନରେ ଆହତ ଛାତ୍ର ଓ ପ୍ରଦର୍ଶନକାରୀଙ୍କୁ ଅପମାନିତ କରିଛି। ଏହାକୁ ନେଇ ସେମାନେ ଗୃହମନ୍ତ୍ରୀଙ୍କଠାରୁ କ୍ଷମାପ୍ରାର୍ଥନା ଦାବି କରିଥିଲେ। ଏହାର ଜବାବରେ କିରଣ ରିଜିଜୁ କହିଥିଲେ, ଗୃହମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ବକ୍ତବ୍ୟକୁ ପ୍ରସଙ୍ଗରୁ ଅଲଗା କରି ବିକୃତ ଭାବେ ଉପସ୍ଥାପନ କରାଯାଉଛି। ସେ କହିଥିଲେ, ଅମିତ ଶାହ ଦୀର୍ଘ ସମୟ ଧରି ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବା, ଆତଙ୍କବାଦ ଓ ନକ୍ସଲବାଦ ବିରୋଧରେ କଠୋର ପଦକ୍ଷେପ ନେବାରେ ନେତୃତ୍ୱ ନେଇଆସିଛନ୍ତି।

## 'ସ୍ୱାଧୀନତା ସଂଗ୍ରାମୀ ଗୁଳି ଖାଇଥିଲେ, ଆପଣ ଅଣ୍ଡାକୁ ଡରୁଛନ୍ତି କାହିଁକି ?'

ନୂଆଦିଲ୍ଲୀ, ୭/୮: ଏକ ମାମଲାର ତଦନ୍ତ ପାଇଁ ପୁଲିସ ନିକଟରେ ବ୍ୟକ୍ତିଗତ ଭାବେ ହାଜର ହେବା ପରିବର୍ତ୍ତେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେବାକୁ ଅନୁମତି ଲୋଡ଼ିଥିବା ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ରଙ୍କୁ ଶୁକ୍ରବାର ସୁପ୍ରିମ୍‌କୋର୍ଟରୁ ନିରାଶ ହେବାକୁ ପଡ଼ିଛି। ତାଙ୍କ ଆବେଦନ ଉପରେ ଶୁଣାଣି ବେଳେ ଅଣ୍ଡାମାଡ଼ ଆଶଙ୍କାକୁ ନେଇ ସୁପ୍ରିମ୍‌କୋର୍ଟ କଡ଼ା ମନ୍ତବ୍ୟ କରିବା ପରେ ମହୁଆଙ୍କ ଓକିଲ ଆବେଦନ ପ୍ରତ୍ୟାହାର କରିନେଇଛନ୍ତି। ବିଚାରପତି ଦୀପଙ୍କର ଦତ୍ତ ଓ ଶୀଲ ନାଗୁଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ମହୁଆଙ୍କ ପକ୍ଷରୁ ବରିଷ୍ଠ ଓକିଲ



ଗୋପାଳ ଶଙ୍କରନାରାୟଣ ହାଜର ହୋଇ କହିଥିଲେ ଯେ, ତଦନ୍ତରେ ସହଯୋଗ କରିବା କିମ୍ବା ପୁଲିସ ନିକଟରେ ହାଜର ହେବାକୁ ନେଇ ତାଙ୍କ ମହକିଲଙ୍କର କୌଣସି ଆପତ୍ତି ନାହିଁ। କିନ୍ତୁ ଏହା ଭର୍ଚୁଆଲ୍ ମାଧ୍ୟମରେ କରାଯାଇପାରିବ। ପୂର୍ବରୁ ମହୁଆ ନିଜ ନିର୍ବାଚନମଣ୍ଡଳୀକୁ ଯିବା ସମୟରେ ତାଙ୍କୁ ଅଣ୍ଡାମାଡ଼ କରାଯାଇଥିବାରୁ ପୁଣି ସେଭଳି ଘଟଣା ଘଟିବାର ଆଶଙ୍କା ରହିଛି ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ଏହା ଉପରେ ବିଚାରପତି ଦତ୍ତ ପ୍ରଶ୍ନ କରିଥିଲେ, ସାଂସଦ ହୋଇଥିବାରୁ କ'ଣ ଏଭଳି ସୁବିଧା ମିଳିବ? ରାଜନୀତିରେ ପ୍ରବେଶ କରିବା ପରେ ଅଣ୍ଡାମାଡ଼କୁ କାହିଁକି ଭୟ କରୁଛନ୍ତି ସ୍ୱାଧୀନତା ସଂଗ୍ରାମୀମାନେ ଛାତିରେ ଗୁଳି ଖାଇଥିଲେ ବୋଲି ଖଣ୍ଡପୀଠ ମୌଖିକ ମନ୍ତବ୍ୟ ଦେଇଥିଲେ। ଏଭଳି ଆବେଦନ ସୁପ୍ରିମ୍‌କୋର୍ଟକୁ ଆସିବା ଉଚିତ ନୁହେଁ ବୋଲି ମଧ୍ୟ ଖଣ୍ଡପୀଠ କହିଥିଲେ। ଏହାପରେ ମହୁଆଙ୍କ ପକ୍ଷରୁ ଆବେଦନ ପ୍ରତ୍ୟାହାର ପାଇଁ ଅନୁମତି ମଗାଯାଇଥିଲା ଏବଂ ଅଦାଲତ ତାହାକୁ ଅନୁମତି ଦେଇଥିଲେ। ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗରେ ନଦିଆ ଜିଲ୍ଲାରେ ମହୁଆଙ୍କ ବିରୋଧରେ ରୁଜୁ ମାମଲାକୁ ନେଇ ଏହି ବିବାଦ ସୃଷ୍ଟି ହୋଇଛି। ମହୁଆ ଏହି ଅଭିଯୋଗକୁ ମନଗଢ଼ା ବୋଲି ଦାବି କରିଛନ୍ତି। ଜୁଲାଇ ୨୧ରେ କଲିକତା ହାଇକୋର୍ଟର ବିଚାରପତି ସୌଗତ ଭଟ୍ଟାଚାର୍ଯ୍ୟ ତାଙ୍କୁ ଅକ୍ଟୋବର ୫ ପର୍ଯ୍ୟନ୍ତ ଦଣ୍ଡମୂଳକ ପଦକ୍ଷେପରୁ ମଧ୍ୟବର୍ତ୍ତିକାଳୀନ ସୁରକ୍ଷା ଦେଇଥିଲେ।

# ଠେଙ୍ଗାରେ ପିଟିପିଟି ଯୁବକଙ୍କୁ ହତ୍ୟା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ପୂର୍ବ ବିବାଦକୁ ନେଇ ଜଣେ ଯୁବକଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିବା ଅଭିଯୋଗରେ ଚନ୍ଦକା ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବ୍ରଜକିଶୋର ଭୋଇ ଓରଫ ବାପି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ କବିତା ଦାସ ପରିବାର ସହ ଚନ୍ଦକା ଥାନା ଅନ୍ତର୍ଗତ ପାଇକରାପୁର ଗ୍ରାମରେ ରହିଆସୁଛନ୍ତି। ପାଇକରାପୁର ଗ୍ରାମରେ ଥିବା ଏକ ପରିତ୍ୟକ୍ତ କୋଠାକୁ ସ୍ଥାନୀୟ ଲୋକେ "ଭୂତ ବଙ୍ଗଳା" ବୋଲି କହୁଥିଲେ। ଉକ୍ତ କୋଠାର ଦେଖାଶୁଣା ଦିବାକର ଭୋଇ ଓ ତାଙ୍କ ପୁଅ ବ୍ରଜକିଶୋର ଭୋଇ ଓରଫ ବାପି ଭୋଇ କରୁଥିଲେ। ମୃତକ ମହନୀ ଦାସ, ବଳରାମ ଭୋଇ ଓରଫ ବିନୁ, ବିଷ୍ଣୁ ବେହେରା ଓରଫ ହନୁ, ଲିପୁ ଓରଫ ସନ୍ଦୀପ ଭୋଇ ଏବଂ ବ୍ରଜକିଶୋର ଭୋଇ ଓରଫ ବାପି ଭୋଇ ରାତିରେ ସେହି କୋଠାରେ ଶୋଉଥିଲେ। ଗତ ୦୧ ତାରିଖ ରାତି ପ୍ରାୟ ୧୧.୩୦ ସମୟରେ ବଳରାମ ଭୋଇ, ବିଷ୍ଣୁ ବେହେରା, ମହାନୀ ଦାସ ଓ ସନ୍ଦୀପ ଭୋଇ ଆଲୁଅ ଲିଭାଇ ଶୋଇଥିବା ସମୟରେ ଅଭିଯୁକ୍ତ ବ୍ରଜକିଶୋର ଭୋଇ ଓରଫ ବାପି ଭୋଇ ଏକ ମୋଟା ବାଉଁଶ ଲାଠି ଧରି କୋଠା ଭିତରକୁ ପ୍ରବେଶ କରିଥିଲେ। ସେ ଆଲୁଅ ଜଳାଇ ସେଠାରେ ଥିବା ସମସ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ବାପି ଭୋଇ ପ୍ରଥମେ ବିଷ୍ଣୁ ବେହେରାଙ୍କୁ ବାଉଁଶ ଲାଠିରେ ମାଡ଼ ମାରିଥିଲେ। ପରେ ବଳରାମ ଭୋଇଙ୍କ ହାତରେ ମଧ୍ୟ ଆଘାତ କରିଥିଲେ। ଏହି ଆକ୍ରମଣରେ ଉଭୟେ ଆହତ ହୋଇଥିଲେ। ଏଥିସହ ଅଭିଯୁକ୍ତ ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ସମୟରେ ମହନୀ ଦାସ ନିଦ୍ରାରେ ଥିବାରୁ ତୁରନ୍ତ ସେଠାରୁ ଯାଇ ପାରିନଥିଲେ। ଅଭିଯୁକ୍ତ ବାପି ଭୋଇ ତାଙ୍କୁ ମାରିଦେବା ଉଦ୍ଦେଶ୍ୟରେ ବାଉଁଶ ଲାଠିରେ ମହନୀ ଦାସଙ୍କ ମୁଣ୍ଡକୁ ଜୋରରେ ଆଘାତ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା ଏବଂ ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡ଼ିଥିଲେ । ଘଟଣାକୁ ଦେଖି ଭୟଭୀତ ହୋଇ ବିନୁ ଓ ହନୁ ସେଠାରୁ ପଳାଇ ଯାଇଥିଲେ । ମହନୀ ଦାସଙ୍କ ମୃତ୍ୟୁ ହୋଇଥିବା ଭାବି ଅଭିଯୁକ୍ତ ବାପି ଭୋଇ ମଧ୍ୟ ଘଟଣାସ୍ଥଳରୁ ପଳାଇ ଯାଇଥିବା ଜଣାପଡ଼ିଥିଲା । ତଦନ୍ତ ସମୟରେ ଜଣାପଡ଼ିଲା ଯେ, ଘଟଣା ପରେ ଅଭିଯୁକ୍ତ ବ୍ରଜକିଶୋର ଭୋଇ ଓରଫ ବାପି ଭୋଇ ତାଙ୍କ ବନ୍ଧୁ ମାନସ କୁମାର ଭୋଇଙ୍କୁ ଫୋନ୍ କରିଥିଲେ। ସେ ମାନସଙ୍କୁ କହିଥିଲେ ଯେ, ମହନୀ ଦାସ ଛାତରୁ ଖସିପଡ଼ି ଆହତ ହୋଇଛନ୍ତି। ଏହାପରେ ବାପି ଭୋଇ ଓ ମାନସ କୁମାର ଭୋଇ ଆହତ ମହନୀ ଦାସଙ୍କୁ ପ୍ରଥମେ ସମ୍ ହସ୍ପିଟାଲ୍ ଏବଂ ପରେ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ନେଇଥିଲେ। ପ୍ରକୃତ ଘଟଣାକୁ ଲୁଚାଇବା ଉଦ୍ଦେଶ୍ୟରେ ବାପି ଭୋଇ ଡାକ୍ତରଙ୍କୁ ମଧ୍ୟ ମିଥ୍ୟା ସୂଚନା ଦେଇଥିଲେ ଯେ, ମହନୀ ଦାସ ଛାତରୁ ଖସିପଡ଼ି ଆହତ ହୋଇଛନ୍ତି। ଏହି ସମୟରେ ମହନୀ ଦାସ ଏମ୍ସରେ ଚିକିତ୍ସାଧୀନ ଥିବାବେଳେ ବାପି ଭୋଇ ଅଭିଯୋଗକାରିଣୀ କବିତା ଦାସ ଓ ତାଙ୍କ ପରିବାରକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ମହନୀ ଦାସ ଦୁର୍ଭାଗ୍ୟବଶତଃ ଛାତରୁ ଖସିପଡ଼ିଥିବା ଏବଂ ଚିକିତ୍ସା ପାଇଁ ତାଙ୍କୁ ହସ୍ପିଟାଲ ନିଆଯାଇଥିବା ସେ କହିଥିଲେ। ଏହା କହିବା ପରେ ବାପି ଭୋଇ ସେହି ଅଞ୍ଚଳରୁ ପଳାଇ ଯାଇଥିଲେ। ପରଦିନ ସକାଳେ ଅଭିଯୋଗକାରିଣୀ କବିତା ଦାସ ଘଟଣା ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀ ହନୁ ଓ ବିନୁଙ୍କୁ ପଚାରିଥିଲେ। ସେମାନେ କହିଥିଲେ ଯେ, ମହନୀ ଦାସ ଛାତରୁ ଖସିପଡ଼ିନଥିଲେ, ବରଂ ବ୍ରଜକିଶୋର ଭୋଇ ଓରଫ ବାପି ଭୋଇ ତାଙ୍କୁ ଏକ ବାଉଁଶ ଲାଠିରେ ଆକ୍ରମଣ କରିଥିଲେ। ପରେ ମହନୀ ଦାସଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକସ୍ଥିତ ଏସସିବି ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମହନୀ ଦାସଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ବ୍ରଜକିଶୋର ଭୋଇ ଓରଫ ବାପିଙ୍କୁ ଗିରଫ କରିଥିଲେ। ପଚରାଉଚରା ବେଳେ, ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲେ।

## ଗୁଣି ଗାରେଡ଼ି ସନ୍ଦେହରେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ: ୫ ଗିରଫ

ଯୋଡ଼ା(ନିପ୍ର): ଯୋଡ଼ା ଥାନା ଅଂସେଇକଳା ପଞ୍ଚାୟତ ପଞ୍ଚାନନପୁର ଗ୍ରାମରେ ଗୁଣି ଗାରେଡ଼ିକୁ ସନ୍ଦେହ କରି ଜଣେ ବୃଦ୍ଧା ସୁରୁ ମୁଣ୍ଡା (୬୪) ଆକ୍ରମଣ ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଞ୍ଚାନନପୁର ଗ୍ରାମର ବିରଜ ମୁଣ୍ଡା, କ୍ରିଷ୍ଣା ଗାଗରାଇ, ଏମ୍‌ଏଲ ତୁରୀ ମୁଣ୍ଡା, ଗଣେଶ ମୁଣ୍ଡା ଓ ଦିଗରାଜ ଗାଗରାଇ ବୋଲି ଜଣାପଡ଼ିଛି। ପୋଲିସର ସୂଚନା ଅନୁଯାୟୀ, ଗତ ଜୁଲାଇ ମାସ ୩୦ ତାରିଖ ରାତିରେ ସୁରୁ ମୁଣ୍ଡା ଓ ତାଙ୍କ ବୋହୂ ପେଲାଙ୍ଗ ମୁଣ୍ଡା ଘରେ ଶୋଇଥିବା ବେଳେ ଅଭିଯୁକ୍ତ ମାନେ ଘରର କବାଟ ଭାଙ୍ଗି ସୁରୁ ମୁଣ୍ଡାକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସୁରୁର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏନେଇ ଯୋଡ଼ା ଥାନାରେ କେସ ନମ୍ବର ୨୫୯/୨୬, ଓଡ଼ିଶା ପ୍ରିଭନସନ୍ ଅଫ ହ୍ୱିଚ ହଣ୍ଟିଂ ଆକ୍ଟ (ଓପିଡବ୍ଲ୍ୟୁଏଚ) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରିଥିଲା। ଏନେଇ ଯୋଡ଼ା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାମଲଙ୍କ ତଦନ୍ତ ଅନୁଯାୟୀ, ଗିରଫ ହୋଇଥିବା ଅଭିଯୁକ୍ତ ବିରାଜର ଦେହ ଅସୁସ୍ଥ ଲାଗି ରହିଥିଲା । ଦେହ ଭଲ ହେଉନଥିବାରୁ ସୁରୁ ମୁଣ୍ଡା ଗୁଣି ଗାରେଡ଼ି କରିଥିବା ସନ୍ଦେହରେ ସେ ଓ ଅନ୍ୟ ୪ ଜଣ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ।

## ବାଇକ ଚୋରି ଅଭିଯୋଗରେ ୨ ଗିରଫ: ଦୁଇ ବାଇକ ଓ ସ୍କୁଟି ଉଦ୍ଧାର



ବୁଗୁଡ଼ା(ନିପ୍ର): ବୁଗୁଡ଼ା ସହରରେ ବାଇକ ଚୋରି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିବା ସହ ଦୁଇଟି ବାଇକ ଓ ଗୋଟିଏ ସ୍କୁଟି ଜବତ କରିଛି । ଗିରଫ ଅଭିଯୁକ୍ତ ହେଲେ ବୁଗୁଡ଼ା ମହାପାତ୍ର ସାହିର ରୁଦ୍ର ପ୍ରତାପ ସାମନ୍ତରାୟ(୨୭) ଏବଂ ତାର ସହଯୋଗୀ ଯାଦବ ସାହିର ଏମ୍.ଦୀନବନ୍ଧୁ ପାତ୍ର(୨୨) । ପୋଲିସ ସୂଚନା ଅନୁସାରେ ଗତ ୩ ତାରିଖରେ ଭଞ୍ଜନଗର ଥାନା ଅନ୍ତର୍ଗତ ଜିଲୁଣ୍ଡି ଗ୍ରାମର ଦିପୁ ସାହୁ ଗୋଲିଆ ଗ୍ରାମରେ ରହୁଥିବା ତାଙ୍କ ଭଣଜା ଶୁଭମଙ୍କ ଚିକିତ୍ସା ପାଇଁ ବିଲେଇ ଗଳି ପଛପଟ ଷଡଙ୍ଗୀ କ୍ଲିନିକକୁ ଆସିଥିବା ବେଳେ ତାଙ୍କ ସ୍କୁଟି ଚୋରି ହୋଇଯାଇଥିଲା । ଏ ନେଇ ପୋଲିସରେ ଅଭିଯୋଗ କରିବା ପରେ ଆଖପାଖରେ ଲାଗିଥିବା ସିସିଟିଭି ଚେକକରି ପୋଲିସ ବୁଗୁଡ଼ା ମହାପାତ୍ର ସାହିର ରୁଦ୍ର ପ୍ରତାପ ସାମନ୍ତରାୟକୁ ଧରି ଜେରା କରିବା ପରେ ଗତ ୩୧ ତାରିଖରେ ଆହାର କେନ୍ଦ୍ର ନିକଟରୁ ଚିରିକିପଡା ଶାସନ ଗ୍ରାମର ଜୟରାମ ସାହୁଙ୍କ ଚୋରି ଯାଇଥିବା ପେସନ୍ ପ୍ରୋ ବାଇକ ଏବଂ ଗୋଲିଆ ନିକଟରୁ ଏକ ଆର ୱାନ ଫାଇଭ ବାଇକ ଜବତ କରିଥିଲା ପୋଲିସ । ଏ ନେଇ କେସ ନଂ ୩୭୮/୨୬ରେ ଏକ ମାମଲା ରୁଜୁକରି ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସଆଇ ସୁମନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ, ଜଣେ ଗୁରୁତର

ଆସିକା(ନିପ୍ର): ଆସିକା ଥାନା ଅଧୀନ ଆଲିପୁର ପଞ୍ଚାୟତର କୋଟିବାଡ଼ି ଗ୍ରାମରେ ଥିବା ପଞ୍ଚାୟତ କାର୍ଯ୍ୟାଳୟର ଛାତ ଢଳେଇ କାମ ପାଇଁ ଲୁହାଛଡ ବାଇଣ୍ଡ କରିବା ବେଳେ ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମିସ୍ତ୍ରୀଙ୍କ ମୃତ ହୋଇଥିବା ବେଳେ ଜଣେ ମହିଳା ଶ୍ରମିକ ଗୁରୁତର ହୋଇଛନ୍ତି । ମୃତ ମିସ୍ତ୍ରୀ ଜଣଙ୍କ ହେଲେ ୫୦ ବର୍ଷୀୟ ଭିକାରୀ ଗୌଡ ଓ ଗୁରୁତର ମହିଳା ଶ୍ରମିକ ଜଣଙ୍କ ୩୨ ବର୍ଷୀୟା ସୁମିତ୍ରା ନାୟକ ବୋଲି ଜଣାପଡିଛି । ଏନେଇ ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଥାନା କେସ ନମ୍ବର ୨୩/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଥାଉକି ଆଲିପୁର ପଞ୍ଚାୟତର କୋଟିବାଡ଼ି ଗ୍ରାମରେ ଥିବା ପଞ୍ଚାୟତ କାର୍ଯ୍ୟାଳୟର ଛାତ ପକାଇବା ପାଇଁ ବାବନପୁର ଗ୍ରାମର ରାଜ ମିସ୍ତ୍ରୀ ଭିକାରୀ ଗୌଡ (୫୦) ଓ ମହିଳା ଶ୍ରମିକ ସୁମିତ୍ରା ନାୟକ(୩୨) ଲୁହା ଛଡ଼ ସିଧା କରୁଥିବା ବେଳେ ହଠାତ ଉଭୟ ଉଚ୍ଚ କ୍ଷମତା ସମ୍ପନ୍ନ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ଉଭୟ ଚେତାଶୂନ୍ୟ ହୋଇଯାଇଥିଲେ । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ଉଭୟ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏଠାରେ କାର୍ଯ୍ୟରତ ଡାକ୍ତର ଭିକାରୀଙ୍କ ମୃତ୍ୟୁ ଘୋଷଣା କରିଥଲେ। ଏନେଇ ମୃତ ଭିକାରୀଙ୍କ ପୁତୁରା ପ୍ରଶାନ୍ତ କୁମାର ଗୌଡ଼ ଆସିକା ଥାନାରେ ଲିଖିତ ଅଭିଯୋଗରେ ଗତକାଲି ସକାଳୁ ବିଦ୍ୟୁତ କାଟ ପାଇଁ ଟାଟା ପାୱାର ପକ୍ଷରୁ ଘୋଷଣା କରାଯାଇଥିଲା । କିନ୍ତୁ କୌଣସି କାରଣ ବଶତଃ ବିଦ୍ୟୁତ କାଟ ହୋଇନଥିଲା। କିନ୍ତୁ ଏସମ୍ପର୍କରେ ଟାଟା ପାୱାର ପକ୍ଷରୁ କୌଣସି ସୂଚନା ଦିଆଯାଇନଥିଲା । ତେଣୁ ଭିକାରି ଗୌଡ଼ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିବା ଅଭିଯୋଗ କରିଥିଲେ । ଏନେଇ ଆସିକା ଥାନା ପକ୍ଷରୁ ଏକ ଅପମୃତ୍ୟ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା ବେଳେ ଗୁରୁତର ମହିଳା ଶ୍ରମିକ ସୁମିତ୍ରା ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ଏହି ଘଟଣା ଘଟିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା । କିନ୍ତୁ ଟାଟା ପାୱାରର କେହି ଅଧିକାରୀ ପହଞ୍ଚି ନଥିଲେ ଫଳରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା । ଗ୍ରାମବାସୀ ଓ ପରିବାର ଲୋକଙ୍କ ପକ୍ଷରୁ ଆସିକା ଥାନା ଘେରାଓ କରାଯାଇଥିଲା । ଶେଷରେ ଟାଟା ପାୱାର କର୍ମଚାରୀ ଥାନାରେ ପହଞ୍ଚି ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ପାଇଁ ସ୍ଥିର ହେବାପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଧାରଣା ଭାଙ୍ଗିଥିଲେ। ଏବଂ ପୋଲିସ ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

## ପିସିଆର ଟିମ୍‌ର ତ୍ୱରିତ ପଦକ୍ଷେପ: ଯୁବକଙ୍କ ଜୀବନ ବଞ୍ଚାଇଲା

ଭୁବନେଶ୍ୱର(ନି.ପ୍ର): ଚଳନ୍ତା ଟ୍ରେନରୁ ଜଣେ ଯାତ୍ରୀଙ୍କୁ ଅଜଣା ବ୍ୟକ୍ତି ଠେଲି ଦେବାରୁ ସେ ଟ୍ରେନରୁ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି। ଭୁବନେଶ୍ୱର ମଞ୍ଚେଶ୍ୱର ରେଳ ଷ୍ଟେସନ ନିକଟରେ ଗୁରୁବାର ରାତିରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅଗଷ୍ଟ ୬ ତାରିଖ ରାତି ପ୍ରାୟ ୯ଟା ୨୬ ମିନିଟ୍ ସମୟରେ ରାକେଶ ପ୍ରଧାନ ନାମକ ଜଣେ ବ୍ୟକ୍ତି ପୁଲିସକୁ ଫୋନ୍ କରି ଜଣାଇଥିଲେ ଯେ, ଚଳନ୍ତା ଟ୍ରେନରେ ଯାତ୍ରା କରୁଥିବା ବେଳେ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଠେଲି ଦେଇଥିଲେ। ଫଳରେ ସେ ଟ୍ରେନରୁ ଖସିପଡ଼ି ତାଙ୍କ ଡାହାଣ ହାତରେ ଗୁରୁତର ଆଘାତ ପାଇଥିଲେ। ତେବେ ଘଟଣାସ୍ଥଳର ସଠିକ୍ ସ୍ଥାନ ସେ ଜଣାଇପାରି ନଥିଲେ। ଖବର ପାଇବା ପରେ ପିସିଆର-୦୭ର ଟିମ୍ ତୁରନ୍ତ ଘଟଣାସ୍ଥଳ ଅଭିମୁଖେ ବାହାରିଥିଲା। ଟିମ୍‌ରେ ହାବିଲଦାର ୧୨୧୫ ରୋହିତ କୁମାର ନାୟକ, ହୋମଗାର୍ଡ ୧୩୭୬ ରଶ୍ମି ରଞ୍ଜନ ସାହୁ, ହୋମଗାର୍ଡ ୯୩୦ ସ୍ୱପ୍ନାରାଣୀ ସେନ୍ ଏବଂ ଡ୍ରାଇଭର ଜିତେନ୍ଦ୍ରନାଥ ଭୋଳ ରହିଥିଲେ। ପିସିଆର ଇନ୍‌ଚାର୍ଜ ଆହତ ରାକେଶଙ୍କ ସହ ଫୋନ୍‌ରେ ଯୋଗାଯୋଗ କରି ତାଙ୍କୁ ଲାଇଭ୍ ଲୋକେସନ୍ ପଠାଇବାକୁ କହିଥିଲେ। ଲୋକେସନ୍ ମିଳିବା ପରେ ପୁଲିସ ଟିମ୍ ମଞ୍ଚେଶ୍ୱର ରେଳ ଷ୍ଟେସନରୁ ପଟିଆ ରେଳ ଷ୍ଟେସନ ଦିଗରେ ରେଳଧାରଣା କଡ଼ରେ ପ୍ରାୟ ୩ କିଲୋମିଟର ଦୂର ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲା। ପ୍ରବଳ ବର୍ଷା, ଅନ୍ଧାର ଏବଂ ଦୁର୍ଗମ ରାସ୍ତା ସତ୍ତ୍ୱେ ପୁଲିସ ଟିମ୍ ଅଭିଯାନ ଜାରି ରଖି ଶେଷରେ ଆହତ ରାକେଶଙ୍କୁ ଠାବ କରିଥିଲା। ଗୁରୁତର ଆହତ ରାକେଶଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଷ୍ଟ୍ରେଚରରେ ରେଳ ଧାରଣାରୁ ପ୍ରାୟ ୫୦୦ ମିଟର ଦୂର ରାସ୍ତା ପର୍ଯ୍ୟନ୍ତ ଅଣାଯାଇଥିଲା। ପରେ ତାଙ୍କୁ ଜରୁରୀ ଚିକିତ୍ସା ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ଉନ୍ନତ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲକୁ ରେଫର କରାଯାଇଥିଲା। ବର୍ତ୍ତମାନ ତାଙ୍କୁ କଟକ ଅଶ୍ୱିନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ସେଠାରେ ତାଙ୍କ ଚିକିତ୍ସା ଚାଲିଛି। ରାକେଶ ଭୁବନେଶ୍ୱର ରେଳ ଷ୍ଟେସନରୁ ମେରାମୁଣ୍ଡଳୀ ଅଭିମୁଖେ ଟ୍ରେନରେ ଯାତ୍ରା କରୁଥିବା ସମୟରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଭୁବନେଶ୍ୱର ଜିଆରପି ମାମଲା ରୁଜୁକରି ନିଜ ଅଧିକାର ପରିସର ଅନୁଯାୟୀ ତଦନ୍ତ ଆରମ୍ଭ କରିଛି। ପିସିଆର-୦୭ ଟିମ୍‌ର ତ୍ୱରିତ ପ୍ରତିକ୍ରିୟା ଓ ସମୟୋପଯୋଗୀ ଉଦ୍ଧାର କାର୍ଯ୍ୟ ଯୋଗୁଁ ଗୁରୁତର ଆହତ ରାକେଶଙ୍କୁ ଠିକ୍ ସମୟରେ ଉଦ୍ଧାର କରାଯାଇ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯାଇପାରିଥିଲା।

## କୁଆଖାଇରେ ଭାସିଗଲେ ଦୁଇ ସାଙ୍ଗ: ଜଣକ ମୃତଦେହ ଠାବ, ଆଉ ଜଣେ ନିଖୋଜ

ଭୁବନେଶ୍ୱର(ନି.ପ୍ର): କୁଆଖାଇ ନଦୀରେ ଭାସିଯାଇ ଦୁଇ ଜଣ ସାଙ୍ଗ ନିଖୋଜ ହୋଇଯାଇଛନ୍ତି । ବାଲିଅନ୍ତା ଇନ୍ଦ୍ରପାଳ ସାଇମନ୍ଦିର ନିକଟରେ ଏହି ଅଭାବନୀୟ ଘଟଣା ଘଟିଛି। ଅଗ୍ନିଶମ ବାହିନୀ ନଦୀ ମଧ୍ୟରେ ବହୁ ଖୋଜାଖୋଜି କରି ଜଣେ ଯୁବକଙ୍କ ମୃତଦେହକୁ ଠାବ କରିଛି। ହେଲେ ଆଉ ଜଣେ ଯୁବକଙ୍କୁ ଠାବ କରାଯାଇ ପାରିନାହିଁ। ମୃତ ଯୁବକ ହେଲେ ଧଉଳି ଥାନା ଅଞ୍ଚଳର ରୁଦ୍ର ନାରାୟଣ ସ୍ୱାଇଁ। ନିଖୋଜ ଥିବା ଯୁବକ ଜଣକ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ବୋଲି ସୂଚନା ମିଳିଛି। ତାଙ୍କୁ ଠାବ କରିବାକୁ ବାଲିଅନ୍ତା ଅଗ୍ନିଶମ କେନ୍ଦ୍ର ଟିମ୍ ସର୍ଚ୍ଚ ଅପରେସନ ଜାରି ରଖିଛି । ଭୋଜି କରିସାରି ବାସନ ଧୋଉଥିବା ବେଳେ ଯୁବକ ଦ୍ୱୟ ଭାସି ଯାଇଥିଲେ ବୋଲି ଜଣାପଡ଼ିଛି। ନଦୀରେ ପ୍ରବଳ ପାଣି ଥିବା ବେଳେ ପ୍ରଖର ସ୍ରୋତ ଉଭୟଙ୍କୁ ଭସାଇ ନେଇଥିଲା। ପୋଲିସ ସୂଚନା ଅନୁଯାୟୀ, ୪ ଜଣ ଯୁବକ ଆଜି ଭୋଜି କରିବାକୁ କୁଆଖାଇ ନଦୀ ପଠାକୁ ଯାଇଥିଲେ। ସେମାନେ ନଦୀ ପଠା ଜଙ୍ଗଲରେ ଭୋଜି କରିଥିଲେ। ଖାଇ ସାରିବା ପରେ ଅପରାହ୍ନରେ ଜଣେ ଯୁବକ ନଦୀ କୂଳକୁ ଯାଇ ବାସନ ଧୋଉଥିଲେ। ଏହି ସମୟରେ ଅଘଟଣ ଘଟିଥିଲା। ବାଲିରେ ତାଙ୍କ ଗୋଡ଼ ଖସି ଯିବାରୁ ସେ ଗଭୀର ପାଣି ମଧ୍ୟକୁ ଚାଲିଯାଇ ଥିଲେ। ଏହା ଦେଖି ଅନ୍ୟ ଜଣେ ଯୁବକ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସେ ମଧ୍ୟ ପାଣିରେ ଭାସି ଯାଇଥିଲେ। କୂଳରେ ଥିବା ଅନ୍ୟ ଦୁଇ ସାଙ୍ଗ ଓ ସ୍ଥାନୀୟ ଲୋକମାନେ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ବାଲିଅନ୍ତା ଅଗ୍ନିଶମ କେନ୍ଦ୍ରର ଷ୍ଟେସନ ଅଫିସର ଗୋବିନ୍ଦ ଚନ୍ଦ୍ର ଜେନା କହିଛନ୍ତି, ଖବର ପାଇ ଆମ ଟିମ୍ ସର୍ଚ୍ଚ ଅପରେଶନ ଜାରି ରଖିଛି। ରୁଦ୍ରଙ୍କ ମୃତଦେହକୁ ୩୦ ଫୁଟ ପାଣି ତଳୁ ବହୁ କଷ୍ଟରେ ଉଦ୍ଧାର କରିଥିଲୁ। ଆଉ ଜଣକର ଏଯାଏ ପତ୍ତା ମିଳିପାରି ନାହିଁ । ବାଲିଅନ୍ତା ପୁଲିସ କହିଛି, ରୁଦ୍ରଙ୍କ ମୃତଦେହକୁ ଜବତ କରାଯାଇ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ନିଖୋଜ ଥିବା ଯୁବକଙ୍କ ଠିକଣା ଜାଣିବାକୁ ପ୍ରୟାସ ଚାଲିଛି।

### ଅଘଟଣ ଘଟାଇବା ପୂର୍ବରୁ ମାଡି ବସିଲା ପୁଲିସ

## ପିସ୍ତଲ ସହ ୨ ଜୀବନ୍ତ ଗୁଳି ଓ ଖୋକା ଜବତ, ୨ ଗିରଫ



ହିଞ୍ଜିଳିକାଟୁ(ନିପ୍ର): ଦୁଇ ଯୁବକ ବନ୍ଧୁକ ଧରି କିଛି ଅଘଟଣ ଘଟାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ମାଡି ବସିଛି ବେଲଗାଁ ପୁଲିସ। ୨ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଏକ ପିସ୍ତଲ, ୨ଟି ଜୀବନ୍ତ ଗୁଳି, ୨ଟି ଖୋକା, ରାସାୟନିକ ତରଳ ପଦାର୍ଥ ଓ ୨ଟି ମୋବାଇଲ ଫୋନ୍ ଜବତ କରିଛି। ଗିରଫ ଯୁବକ ଦ୍ୱୟ ହେଲେ ବେଲଗାଁ ଥାନା ଡି. ପାଟପୁର ଗ୍ରାମର ରବି ସେଠି (୩୦) ଓ ଶିବ ଜେନା (୨୪)। ଏଭଳି ଏକ ଘଟଣା ଗଞ୍ଜାମ ଜିଲ୍ଲା ବେଲଗାଁ ଥାନା ଅଞ୍ଚଳରେ ଘଟିଛି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ବେଲଗାଁ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ହିଞ୍ଜିଳିକାଟୁ ବ୍ଲକ୍ ତଥା ବେଲଗାଁ ଥାନା ଡି. ପାଟପୁର ନିକଟବର୍ତ୍ତୀ ଏକ ପଥରକ୍ୱାରୀ ଓ ଦେଶୀ ମଦ ଦୋକାନ ମଧ୍ୟବର୍ତ୍ତୀ ରାସ୍ତାରେ ୨ ଯୁବକ କିଛି ଅଘଟଣ ଘଟାଇବା ପାଇଁ ଯୋଜନା ପ୍ରସ୍ତୁତ କରିବା ସହ ସନ୍ଦିହାନ ଭାବେ ବୁଲୁଥିଲେ । ପୁଲିସ ପାଟ୍ରୋଲିଂ ଗାଡିକୁ ଦେଖି ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବା ବେଳେ ମାଡି ବସିଥିଲା ପୁଲିସ। ଗିରଫ ୨ ଯୁବକଙ୍କଠାରୁ ଏକ ଦେଶୀ ପିସ୍ତଲ, ୨ଟି ଜୀବନ୍ତ ଗୁଳି, ୨ଟି ଖୋକା, ରାସାୟନିକ ତରଳ ପଦାର୍ଥ ଓ ୨ଟି ମୋବାଇଲ ଫୋନ୍ ଜବତ କରିଥିଲା। ଗିରଫ ୨ ଯୁବକ କେଉଁଠି ଡକାୟତି କରିବାକୁ ଯୋଜନା କରୁଥିଲେ ନା ଅନ୍ୟ କିଛି ଅଘଟଣ ଘଟାଇବାକୁ ଯୋଜନା ପ୍ରସ୍ତୁତ କରୁଥିଲେ, ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି। ଏ ନେଇ ବେଲଗାଁ ଥାନାରେ କେସ ନଂ -୧୧୬/୨୬ରେ ଏକ ମାମଲା ରୁଜୁକରି ଗିରଫ ୨ ଯୁବକଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ କହିଛନ୍ତି। ପ୍ରକାଶ ଥାଉକି, ଗତ କିଛିଦିନ ପୂର୍ବେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ପୁଲିସ ବହୁ ବନ୍ଧୁକ ଜବତ କରିବା ସହ ବହୁ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଅସାମାଜିକ ବ୍ୟକ୍ତିଙ୍କ ନିକଟକୁ ଚୋରା ବନ୍ଧୁକ କେଉଁଠାରୁ ଆସୁଛି, କିଏ ଆଣି ଯୋଗାଉଛି ତାହା ତଦନ୍ତ ସାପେକ୍ଷ। ଅନ୍ୟ ପକ୍ଷରେ ଚୋରା ବନ୍ଧୁକ କାରବାରର ଚେର କେଉଁଠାରୁ କେଉଁଠିକି ଲମ୍ବିଛି, ସେ ନେଇ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିସ୍ ବିସିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ଜାରି ରହିଥିବା ଆସିକା ଏସଡିପିଓ ସୌରଭ ରଞ୍ଜନ ପ୍ରଧାନ କହିଛନ୍ତି।

## ମହିଳା ଥାନାରୁ ଫେରାର ଅଭିଯୁକ୍ତ ବେଙ୍ଗାଲୁରୁରୁ ଗିରଫ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱର ମହିଳା ଥାନାରୁ ଫେରାର ହୋଇଯାଇଥିବା ଦୁଷ୍କର୍ମ ଅଭିଯୁକ୍ତକୁ କମିଶନରେଟ୍ ପୋଲିସ ବେଙ୍ଗାଲୁରୁରୁ ଗିରଫ କରିଛି । ଅଭିଯୁକ୍ତ ରୁଦ୍ର ପ୍ରସାଦ ସୂତାରକୁ କ୍ୟାପିଟାଲ ଥାନା ପୋଲିସ ଟିମ୍ ଟ୍ରେନ୍ ଯୋଗେ ଭୁବନେଶ୍ୱର ଆଣିଛି। ରୁଦ୍ରକୁ ସେଠାକାର ସ୍ଥାନୀୟ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇଛି। ଅଭିଯୁକ୍ତ ରୁଦ୍ର ଜଣେ ମହିଳାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା । ମାତ୍ର ପରେ ସେ ମହିଳାଙ୍କୁ ଧୋକା ଦେଇଥିଲା। ଏନେଇ ପୀଡ଼ିତା ଜଣକ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ମାମଲା ରୁଜୁ କରିବା ସହ ବହୁ ଖୋଜାଖୋଜି କରିଥିଲା। ପରେ ମହିଳା ଥାନା ପୋଲିସ ରୁଦ୍ରକୁ ଅଗଷ୍ଟ ୧ ରାତିରେ ଭଦ୍ରକରୁ ଗିରଫ କରିଥିଲା। ଅଗଷ୍ଟ ୨ (ରବିବାର) ଦିନ ତାକୁ କୋର୍ଟଚାଲାଣ କରାଯିବ ବୋଲି ପ୍ରସ୍ତୁତି ଚାଲିଥିଲା। ୨ ତାରିଖ ସକାଳ ସାଢେ ୮ଟା ସମୟରେ ରୁଦ୍ର ଟଏଲେଟ୍ ଯିବାକୁ କହିଥିଲା। ଜଗିଥିବା ସେଣ୍ଟ୍ରି ତାକୁ ପାଇଖାନା ପର୍ଯ୍ୟନ୍ତ ନେଇଥିଲେ। ତେବେ କୌଶଳ କରି ରୁଦ୍ର ଅଚାନକ ପାଇଖାନାରୁ ବାହାରି ଦୌଡ଼ି ପଳାଇଥିଲା। ସେଣ୍ଟ୍ରି ଓ ଅନ୍ୟ ପୋଲିସ କର୍ମଚାରୀମାନେ ରୁଦ୍ରକୁ ଧରିବାକୁ ଚାହିଁଥିଲେ ହେଁ, ବିଫଳ ହୋଇଥିଲେ। ମହିଳା ଥାନା ପକ୍ଷରୁ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରାଯାଇଥିଲା। ଏହି ଘଟଣାରେ ପୋଲିସର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏଥିପାଇଁ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇଥିଲା। ଫେରାର ବେଳେ ଡିସିଓ ଦାୟିତ୍ୱରେ ଥିବା ଏଏସଆଇ ତିଳୋତ୍ତମା ପୃଷ୍ଟି ଓ ସେଣ୍ଟ୍ରି ପ୍ରଦୀପ୍ତ କୁମାର ବେହେରାଙ୍କୁ ନିଲମ୍ବନ କରାଯାଇଥିଲା।

## ଦାଦାବଟି ନଦେବାରୁ ଆକ୍ରମଣ, ୩ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ଦାଦାବଟି ନଦେବାରୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମିଥୁନ ଭୋଇ, କାଳିଆ ଭୋଇ ଓ ଜିତେନ୍ଦ୍ର ଭୋଇ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ମାନସ ରଞ୍ଜନ ମଙ୍ଗରାଜ ଗଙ୍ଗପଡା ବାସିନ୍ଦା। ଗତ ୨୫.୦୭.୨୦୨୬ ଅପରାହ୍ନ ପ୍ରାୟ ୩ଟା ସମୟରେ ଗଙ୍ଗାପଡ଼ା ଗ୍ରାମ ରାସ୍ତା ନିକଟରେ ଏକ କଦଳୀ ବୋଝେଇ ଗାଡ଼ିରୁ ମାଲ୍ ଓହ୍ଲାଯାଉଥିବା ସମୟରେ ଗଙ୍ଗାପଡ଼ା ଭୋଇ ସାହିର କାଳୁଆ ଭୋଇଙ୍କ ପୁଅ ଅଭିଯୁକ୍ତ ମିଥୁନ୍ ଭୋଇ ଓ କାଳିଆ ଭୋଇ ସେଠାରେ ପହଞ୍ଚିଥିଲେ। ଉଭୟ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି 'ଦାଦାବଟି' ଦାବି କରିଥିଲେ। ସେମାନେ ପଥରରେ ଆକ୍ରମଣ କରିବା ସହ ଅଭିଯୋଗକାରୀଙ୍କୁ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଅଭିଯୋଗକାରୀ ଆହୁରି ଅଭିଯୋଗ କରିଥିଲେ ଯେ, ପରେ ଅଭିଯୁକ୍ତମାନେ ଜିତୁ ଭୋଇଙ୍କୁ ଡାକି ଟ୍ରକ୍ ଦୁର୍ଘଟଣା ଘଟାଇ ତାଙ୍କୁ ହତ୍ୟା କରିବା ପାଇଁ କହିଥିଲେ। ଏହି ଘଟଣା ସମ୍ପର୍କରେ ଅଭିଯୋଗକାରୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ରିପୋର୍ଟ କରିଥିଲେ। ତଦନ୍ତ ସମୟରେ ଜଣାପଡ଼ିଲା ଯେ, ଗତ ୨୫.୦୭.୨୦୨୬ ରିଖ ଅପରାହ୍ନ ପ୍ରାୟ ୨ଟାରୁ ୩ଟା ମଧ୍ୟରେ ଅଭିଯୁକ୍ତମାନେ ଗଙ୍ଗାପଡ଼ା ଠାରେ ଏକାଠି ହୋଇ ମଦ୍ୟପାନ କରିବା ସହ ଭୋଜି କରିଥିଲେ ଏବଂ ଗ୍ରାମ ରାସ୍ତାରେ ଅଶାନ୍ତି ସୃଷ୍ଟି କରିଥିଲେ। ସେହି ସମୟରେ ଗଙ୍ଗାପଡ଼ା ଗ୍ରାମ ରାସ୍ତା ନିକଟରେ ଏକ କଦଳୀ ବୋଝେଇ ଗାଡ଼ିରୁ ମାଲ୍ ଓହ୍ଲାଯାଉଥିବା ବେଳେ, ଅଭିଯୁକ୍ତ ମିଥୁନ୍ ଭୋଇ, ସହଯୋଗୀ କାଳିଆ ଭୋଇଙ୍କ ସହ ମିଶି ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେମାନେ ଅଭିଯୋଗକାରୀଙ୍କୁ 'ଦାଦାବଟି' ଦାବି କରିବା ସହ ପଥରରେ ଆକ୍ରମଣ କରିଥିଲେ ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହା ବ୍ୟତୀତ ଅଭିଯୁକ୍ତମାନେ ସହ-ଅଭିଯୁକ୍ତ ଜିତୁ ଓରଫ ଜିତେନ୍ଦ୍ର ଭୋଇଙ୍କୁ ଡାକି ଟ୍ରକ୍ ଦୁର୍ଘଟଣା ଘଟାଇ ତାଙ୍କୁ ହତ୍ୟା କରିବା ପାଇଁ କହିଥିଲେ। ପୁଲିସ ଏହି ମାମଲାରେ ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅଭିଯୁକ୍ତମାନେ ନିଜର ଦୋଷ ସ୍ୱୀକାର କରିଥିଲେ। ଗିରଫ ତିନି ଅଭିଯୁକ୍ତ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ସେମାନଙ୍କ ମଧ୍ୟରୁ ଅଭିଯୁକ୍ତ ମିଥୁନ ଭୋଇ ନାମରେ ଜଟଣୀ ଥାନାରେ ୨ଟି, ଅଭିଯୁକ୍ତ କାଳିଆ ଭୋଇ ଓରଫ ଶାନ୍ତନୁ ଭୋଇ ନାମରେ ଜଟଣୀ ଥାନାରେ ୨ଟି ଓ କ୍ୟାପିଟାଲ ଥାନାରେ ଗୋଟିଏ ମାମଲା ରହିଥିବା ବେଳେ, ଅଭିଯୁକ୍ତ ଜିତୁ ଓରଫ ଜିତେନ୍ଦ୍ର ଭୋଇ ନାମରେ ଇନଫୋସିଟି ଥାନାରେ ୨ଟି, ଚନ୍ଦ୍ରଶେଖରପୁର ଥାନା, ଇନ୍‌ଫୋସିଟି ଥାନା, ଜଟଣୀ ଥାନା ଓ ମଞ୍ଚେଶ୍ୱର ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି।

### ବଡ଼ବିଲ ଆଇସିଆଇସିଆଇ ବ୍ୟାଙ୍କରେ ଜାଲିଆତି

## ୪୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ: ବାପ-ପୁଅ ଗିରଫ



ଯୋଡା(ନିପ୍ର): ବଡ଼ବିଲ ଆଇସିଆଇସିଆଇ ବ୍ୟାଙ୍କରୁ ଜାଲିଆତି କରି ଲକ୍ଷାଧିକ ଟଙ୍କା ଠକେଇ ମାମଲାରେ ପୋଲିସକୁ ବଡ଼ ସଫଳତା ମିଳିଛି। ଜାଲ୍ ଦସ୍ତଖତ ଓ ନକଲି ଚେକ୍ ବହି ବ୍ୟବହାର କରି ଗ୍ରାହକଙ୍କ ଆକାଉଣ୍ଟରୁ ୪୨ ଲକ୍ଷ ଟଙ୍କା ହଡ଼ପ୍ କରିଥିବା ବ୍ୟାଙ୍କର ପୂର୍ବତନ ରିଲେସନସିପ୍ ମ୍ୟାନେଜର ଓ ତାଙ୍କ ପିତାଙ୍କୁ ଗିରଫ କରିଛି ବଡ଼ବିଲ ଥାନା ପୋଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲେ ବଡ଼ବିଲ ମ୍ରିନାଲ୍ କଲୋନୀର ବାସିନ୍ଦା ଜସପ୍ରିତ ସିଂହ ଓରଫ୍ ଜସି ଏବଂ ତାଙ୍କ ପିତା ବିକ୍ରମ ସିଂହ। ଗତ ମାର୍ଚ୍ଚ ୧୪ ତାରିଖରେ ମ୍ରିନାଲ୍ କଲୋନୀର ଅନୀତା ଅଗ୍ରୱାଲ ନାମକ ଜଣେ ମହିଳା ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କର ଆଇସିଆଇସିଆଇ ବ୍ୟାଙ୍କର ସେଭିଙ୍ଗସ୍ ଆକାଉଣ୍ଟରୁ ଜାଲ୍ ଦସ୍ତଖତ ଓ ନକଲି ଚେକ୍ ବହି ମାଧ୍ୟମରେ ପ୍ରାୟ ୧୬ ଲକ୍ଷ ଟଙ୍କା ହଡ଼ପ କରାଯାଇଥିଲା। ସେହିପରି ତାଙ୍କ ଅଜାଣତରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍‌ର ୨୦ ଲକ୍ଷ ଟଙ୍କାର ଜୀବନ ବୀମା ପଲିସିକୁ ସମୟ ପୂର୍ବରୁ ସେଟଲ୍ କରାଇ, ଦୁଇଟି କିସ୍ତିରେ ପ୍ରାୟ ୧୦ ଲକ୍ଷ ୩୪ ହଜାର ଟଙ୍କା ଉଠାଇ ନିଆଯାଇଥିଲା। ତଦନ୍ତ ସମୟରେ ବ୍ୟାଙ୍କ ରେକର୍ଡ, ଖାତା ସମ୍ବନ୍ଧୀୟ ଦସ୍ତାବିଜ ଏବଂ କଲ୍ ଡିଟେଲ୍ ରେକର୍ଡ (ସିଡିଆର) ସମେତ ବିଭିନ୍ନ ଇଲେକ୍ଟ୍ରୋନିକ୍ ପ୍ରମାଣ ସଂଗ୍ରହ ଓ ଯାଞ୍ଚ କରିବା ପରେ ପୋଲିସ ଜାଣିବାକୁ ପାଇଥିଲା ଯେ, ମୁଖ୍ୟ ଅଭିଯୁକ୍ତ ଜସପ୍ରିତ ସିଂହ ଓରଫ୍ ଜସି, ଆଇସିଆଇସିଆଇ ବ୍ୟାଙ୍କର ରିଲେସନସିପ୍ ମ୍ୟାନେଜର ଭାବେ କାର୍ଯ୍ୟରତ ଥିବା ସମୟରେ ଗ୍ରାହକଙ୍କ ଦସ୍ତଖତ ଜାଲିଆତି କରିବା, ନକଲି ଫିକ୍ସଡ୍ ଡିପୋଜିଟ୍ (ଏଫଡି) ରସିଦ ପ୍ରଦାନ କରିବା, ପ୍ରକୃତ ଏଫଡିକୁ ସମୟ ପୂର୍ବରୁ ବନ୍ଦ କରିବା, ଅନୁମତି ବିନା ରେଜିଷ୍ଟର୍ଡ ମୋବାଇଲ୍ ନମ୍ବର ପରିବର୍ତ୍ତନ କରିବା, ଗ୍ରାହକଙ୍କ ଖାତାକୁ ବେଆଇନ ଭାବେ ପରିଚାଳନା କରିବା ଏବଂ ବିଭିନ୍ନ ମ୍ୟୁଲ୍ ଆକାଉଣ୍ଟ ମାଧ୍ୟମରେ ଅର୍ଥ ସ୍ଥାନାନ୍ତର କରି ଏହି ଠକେଇ କାର୍ଯ୍ୟ କରୁଥିଲେ । ଜସପ୍ରିତ ଫେରାର୍ ହୋଇ ଲୁଚି ରହିଥିଲା ବେଳେ, ପୋଲିସ ତାଙ୍କୁ କୋଲକାତାର ଆଲିପୁର ଥାନା ଠାକୁର ପୁଖୁର ଅଞ୍ଚଳରୁ ଗିରଫ୍ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଥିଲା । ପରେ ପଚରାଉଚରାରୁ ତାଙ୍କ ପିତା ବିକ୍ରମ ସିଂହଙ୍କ ସମ୍ପୃକ୍ତି ପଦାକୁ ଆସିଥିଲା। ଏହାପରେ ପୋଲିସ ଚଢ଼ାଉ କରି ପିତା ବିକ୍ରମ ସିଂହଙ୍କୁ ତାଙ୍କ ବଡ଼ବିଲ ମ୍ରିନାଲ୍ କଲୋନୀ ସ୍ଥିତ ଘରୁ ଗିରଫ କରିଛି। କେବଳ ଅନୀତା ଅଗ୍ରୱାଲ ନୁହନ୍ତି, ଅନ୍ୟ ୩ ଜଣ ଗ୍ରାହକ - ସତ୍ୟାନନ୍ଦ ମହାନ୍ତ, ବଛି ଦେବୀ ଓ ଦେବସ୍ମିତା ଜେନାଙ୍କ ଆକାଉଣ୍ଟରୁ ମଧ୍ୟ ପ୍ରାୟ ୧୬ ଲକ୍ଷ ଟଙ୍କା ଠକେଇ ହୋଇଥିବା ପୋଲିସେ ତଦନ୍ତରୁ ସ୍ପଷ୍ଟ ହୋଇଛି। ଅଭିଯୁକ୍ତ ପିତା-ପୁତ୍ରଙ୍କୁ କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ରାକେଟ୍‌ରେ ବ୍ୟାଙ୍କର ଅନ୍ୟ କେଉଁ କର୍ମଚାରୀ ସାମିଲ ଅଛନ୍ତି କି ନାହିଁ, ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## କାଜୁ ତେଲ କାରଖାନାରେ ଅଗ୍ନିକାଣ୍ଡ: କାରଣ ଅସ୍ପଷ୍ଟ

କାଶୀନଗର(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ହାଡୁଭାଙ୍ଗି ଗ୍ରାମ ଲେବଲ କ୍ରସିଂ ନିକଟରେ ଥିବା ଶ୍ରୀ ସିରିଡ଼ି ସାଇ ଗାୟତ୍ରୀ କାଜୁ ତେଲ କାରଖାନାରୁ କୌଣସି କାରଣରୁ ହଠାତ ନିଆଁ ଲାଗି ପ୍ରବଳ ଧୂଆଁ ନିର୍ଗତ ହେଉଥିବା ଦୃଷ୍ଟିକୁ ଆସିଛି। କାରଖାନାରେ କାର୍ଯ୍ୟରତ କର୍ମଚାରୀମାନେ ସମସ୍ତେ ଭୟଭୀତ ହୋଇ କାରଖାନା ବାହାରକୁ ବାହାରି ଆସିଥିଲେ । ସେହି କାରଖାନାରେ କାଜୁ ଚୋପାରୁ ଏକ ପ୍ରକାର ତେଲ ମଧ୍ୟ ବାହାର କରାଯାଉଛି । ସେଠାକାର ଲୋକମାନେ ଜମିରେ ସେହି ସମୟରେ



କାମ କରୁଥିଲେ। କାରଖାନାରୁ ଏହିପରି ଅସ୍ୱାଭାବିକ ଭାବେ ଧୂଆଁ ନିର୍ଗତ ହେବାରୁ ସେମାନେ ଆତଙ୍କିତ ହୋଇ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେବାରୁ ତୁରନ୍ତ କାମ ଛାଡି ଦୂରକୁ ଚାଲି ଯାଇଥିଲେ । କାଜୁ କାରଖାନା ମାଲିକ କୋଟନୀ ଭାସ୍କର ରାଓଙ୍କ ପୁତ୍ର କୋଟନୀ ସାଇ ବିଶ୍ୱନାଥ ସହ ଯୋଗାଯୋଗ ସମ୍ଭବପର ହୋଇପାରି ନଥିଲା। କିଛି ସମୟ ମଧ୍ୟରେ ନିଆଁକୁ ଆୟତ୍ତ ମଧ୍ୟ କରିଦେଇଥିଲେ । ସେହି କାରଖାନାରୁ ନିର୍ଗତ ହେଉଥିବା ଦୂଷିତ ଜଳ ମଧ୍ୟ ନିକଟରେ ଥିବା ଚାଷ ଜମି ଉପରେ ବିଶେଷ ଭାବେ ଖରାପ ପ୍ରଭାବ ପଡୁଥିବା ସ୍ଥାନୀୟ ଜମି ମାଲିକମାନେ ଅଭିଯୋଗ କରିଛନ୍ତି।

## ହସ୍ତତନ୍ତ ପରିଧାନ ପ୍ରତି ଯୁବପିଢ଼ିଙ୍କୁ ସଚେତନ କରିବାକୁ ଆହ୍ୱାନ

ପୁରୀ, ୭/୮(ନିପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସଂପର୍କ" ଓ "ଶ୍ରଦ୍ଧା ର" ମିଳିତ ଆନୁକୂଲ୍ୟରେ ଆଜି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ପୁରୀସ୍ଥିତ ପ୍ରେକ୍ଷାଳୟରେ ଜାତୀୟ ହସ୍ତତନ୍ତ ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହସ୍ତତନ୍ତ ପରିଧାନର ଗୁରୁତ୍ୱ, ଭାରତୀୟ ପରମ୍ପରା ଏବଂ 'ଭୋକାଲ୍ ଫର୍ ଲୋକାଲ୍' ବାର୍ତ୍ତାକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ



ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗଦେଇ କହିଥିଲେ ଯେ, ହସ୍ତତନ୍ତ କେବଳ ଏକ ବସ୍ତ୍ର ନୁହେଁ, ବରଂ ଆମର ସଂସ୍କୃତି, ପରମ୍ପରା ଓ ଆତ୍ମପରିଚୟର ପ୍ରତୀକ। ସ୍ଥାନୀୟ ବୁଣାକାରଙ୍କ ଉତ୍ପାଦକୁ ପ୍ରୋତ୍ସାହନ ଦେବା ସହ ହସ୍ତତନ୍ତ ବସ୍ତ୍ରର ବ୍ୟବହାର ବୃଦ୍ଧି ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ହସ୍ତତନ୍ତର ଐତିହ୍ୟ, ଅର୍ଥନୈତିକ ଗୁରୁତ୍ୱ ଏବଂ ଏହାର ସୁରକ୍ଷା ଓ ପ୍ରଚାରରେ ଯୁବପିଢ଼ିଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ଶ୍ରଦ୍ଧା ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପଦ୍ମନାଭ ପଣ୍ଡା ଯୋଗଦେଇ ହସ୍ତତନ୍ତ ଶିଳ୍ପର ସଂରକ୍ଷଣ ଓ ପ୍ରସାର ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ।ବୟନ ବିଭାଗ ଇଣ୍ଡଷ୍ଟ୍ରିଆଲ ଇନ୍ସପେକ୍ଟର ରମାକାନ୍ତ ବର୍ଦ୍ଧନ ହସ୍ତତନ୍ତ ଦିବସ ର ତାତ୍ପର୍ଯ୍ୟ ଓ ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେଇଥିଲେ। ସଂପର୍କ ର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ଅନୁଷ୍ଠାନ ପକ୍ଷରୁ ହସ୍ତତନ୍ତ, ହସ୍ତଶିଳ୍ପ ଓ ଭାରତୀୟ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯାଉଛି।

## ଜାତୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ରଥଯାତ୍ରା, ବାଲିଯାତ୍ରା, ଓଡ଼ିଶୀ ଓ ଛଉ ନୃତ୍ୟ

ନୂଆଦିଲ୍ଲୀ,୭/୮(ନିପ୍ର): ଶ୍ରୀକ୍ଷେତ୍ର ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା, କଟକର ବାଲିଯାତ୍ରା, ଓଡ଼ିଶୀ ନୃତ୍ୟ ଓ ମୟୂରଭଞ୍ଜର ଛଉ ନୃତ୍ୟକୁ କେନ୍ଦ୍ର ସରକାର ଅବିସ୍ମରଣୀୟ ଜାତୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ଦେଇଛନ୍ତି। ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହା ପ୍ରକାଶ କରିଛନ୍ତି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାତୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନୀତ ହେବା ପାଇଁ ସ୍ୱତନ୍ତ୍ର ପ୍ରକ୍ରିୟା ରହିଛି। କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପାରମ୍ପରିକ ପ୍ରଥା ଓ ଐତିହ୍ୟପୂର୍ଣ୍ଣ ସଂସ୍କୃତି ଆଧାରରେ ଏଥିପାଇଁ ଚୟନ କରିଥାନ୍ତି। ଏଯାବତ୍ ଓଡ଼ିଶାର ଏହି ଚାରୋଟି ପରମ୍ପରା ଏବଂ ସାଂସ୍କୃତିକ ବିଭବ ଜାତୀୟ ଅବିସ୍ମରଣୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ପାଇଛି। ଏଗୁଡ଼ିକ ଯେଭଳି ୟୁନେସ୍କୋର ୨୦୦୩ କନ୍‌ଭେନସନ୍ ଆଧାରରେ ଆନ୍ତର୍ଜାତିକ ସ୍ତରରେ ମାନ୍ୟତା




ପାଇବେ ସେ ଦିଗରେ ଉଦ୍ୟମ ଚାଲିଛି। ସାଂସ୍କୃତିକ ଐତିହ୍ୟରେ ଗୁରୁ-ଶିଷ୍ୟ ପରମ୍ପରାକୁ ଗୁରୁତ୍ୱ ଦେଇ ବିଭିନ୍ନ ସାଂସ୍କୃତିକ ସଂଗଠନକୁ ତାଲିମ, କର୍ମଶାଳା, ସାଂସ୍କୃତିକ ମେଳା ଆଦି ପାଇଁ ଆର୍ଥିକ ସହାୟତା ଦିଆଯାଉଛି। ଓଡ଼ିଶାର ଛଉ, ଗୋଟିପୁଅ ଓ ଓଡ଼ିଶୀ ନୃତ୍ୟ ଆଦି ଜନରାଜ୍ୟ ଦିବସ ଓ ରାଷ୍ଟ୍ରୀୟ ଏକତା ଦିବସ ଭଳି ଜାତୀୟ ଦିବସମାନଙ୍କରେ ସ୍ଥାନ ପାଉଛି ଏବଂ ୟୁନେସ୍କୋର ବିଭିନ୍ନ କାର୍ଯ୍ୟକ୍ରମର ମଧ୍ୟ ଏହି ଅବିସ୍ମରଣୀୟ ସାଂସ୍କୃତିକ ଐତିହ୍ୟର ଝଲକ ବିଦେଶ ମାଟିରେ ଆୟୋଜିତ ହେଉଛି। ଏହା ଫଳରେ ଆନ୍ତର୍ଜାତିକ ସ୍ତରରେ ଏହି ସାଂସ୍କୃତିକ ଐତିହ୍ୟଗୁଡ଼ିକର ଖ୍ୟାତି ବଢ଼ିବ। ସାଂସଦ ଶ୍ରୀ ରାୟ ଏକ ବିବୃତିରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ୟୁନେସ୍କୋ ତାଲିକାରେ ତୁରନ୍ତ ସ୍ଥାନୀତ କରିବା ପାଇଁ ରାଜ୍ୟ ସରକାର ଯେଉଁ ପ୍ରସ୍ତାବ ଦେଇଛନ୍ତି କେନ୍ଦ୍ର ସରକାର ତାହା ଉପରେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନୁଷ୍ଠାନ କରିବା ଆବଶ୍ୟକ। ଏହାଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରା ଓ ସଂସ୍କୃତି ଦେଶ ବିଦେଶର ଲୋକଙ୍କ ପାଖରେ ପହଞ୍ଚିପାରିବ। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇଥିବାବେଳେ ଓଡ଼ିଶୀ ସଂଗୀତ ଓ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଶ୍ରୀ ରାୟ ଦାବି କରିଛନ୍ତି। ଓଡ଼ିଶୀ ସଂଗୀତ ଓ ଓଡ଼ିଶୀ ନୃତ୍ୟ ଏବେ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ବିଶେଷ ଭାବେ ଆଦୃତ ହେଉଛି।

## 'ଭୋକାଲ୍ ଫର୍ ଲୋକାଲ୍'କୁ ପ୍ରୋତ୍ସାହିତ କରିବା ପାଇଁ ବିଜେପିର ଆହ୍ୱାନ

ନୂଆଦିଲ୍ଲୀ,୭/୮: ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଭାରତୀୟ ଜନତା ପାର୍ଟି ଦେଶର ବୁଣାକାରମାନଙ୍କ ଅବଦାନକୁ ସ୍ମରଣ କରିଛି। ଶୁକ୍ରବାର ଏକ ଭିଡିଓ ବାର୍ତ୍ତାରେ ଭାରତୀୟ ଜନତା ପାର୍ଟିର ସଭାପତି ନିତିନ ନବୀନ କହିଛନ୍ତି ଯେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପାରିକ କଳାକୁ ପିଢ଼ି ପରେ ପିଢ଼ି ଆଗକୁ ନେବାରେ ହସ୍ତତନ୍ତ ବୁଣାକାର ମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏଥି ସହିତ, ଏହି କ୍ଷେତ୍ର ଲକ୍ଷଲକ୍ଷ ଲୋକଙ୍କ ଜୀବିକା ସହିତ ଯୋଡ଼ି ହୋଇଛି। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ ଜରିଆରେ ବୁଣାକାରମାନଙ୍କୁ ସହାୟତା ପ୍ରଦାନ କରାଯାଉଛି। ସ୍ୱଦେଶୀ ଆନ୍ଦୋଳନର ଉତ୍ସାହ ମଧ୍ୟ ଦେଶରେ ସ୍ଥାନୀୟ ଉତ୍ପାଦକୁ ଗ୍ରହଣ କରିବାକୁ ପ୍ରେରିତ କରେ।

## ୩୬୦ ଡିଗ୍ରୀ କ୍ୟାମେରା ଲଗାଯିବ

ଭୁବନେଶ୍ୱର,୭।୮ : ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାର ଉଦ୍ୟମରତ ଅଛନ୍ତି। ରାଜ୍ୟରେ ପାଣିପାଗ ସ୍ଥିତି ଜାଣିବା ପାଇଁ ୫୭୩କି.ମି ଉପକୂଳ ଅଞ୍ଚଳରେ ୧୨୨ଟି ଟାୱାର ଅବସ୍ଥାପିତ ହୋଇଛି। ତନ୍ମଧ୍ୟରୁ ୪୪ଟି ବଡ଼ ଟାୱାର ରହିଛି। ଏହି ଟାୱାରଗୁଡ଼ିକ ୨୦୧୭ରେ ନିର୍ମାଣ କରାଯାଇଥିଲା। ଏହି ଟାୱାରଗୁଡ଼ିକ ମାଧ୍ୟମରେ ସାଇରନ ଦିଆଯାଇ ପାଣିପାଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇପାରୁଛି।

## ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର, ୭/୮(ନିପ୍ର):** ଆସନ୍ତା ସୋମବାର ଅଗଷ୍ଟ ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ 'ଜନ ଅଭିଯୋଗ ଶୁଣାଣି' ବନ୍ଦରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦିଆଯାଇଛି ।

## ଜାତୀୟ ହସ୍ତତନ୍ତର ସାଂସ୍କୃତିକ ଐତିହ୍ୟ ପାଳନ କଲେ ଉତ୍କଳୀୟସ




ଭୁବନେଶ୍ୱର, ୭/୮(ନିପ୍ର): ସାଂସ୍କୃତିକ ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ସମର୍ପିତ ମହିଳାମାନଙ୍କର ଏକ ଗୋଷ୍ଠୀ ଉତ୍କଳୀୟସ, 'ପୂର୍ବୀ ଚରଖା: ପୂର୍ବ ଏବଂ ଉତ୍ତର ପୂର୍ବ ଭାରତର ବୁଣାକାର ପାଳନ' ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେଇଛି। ଏହି ଅବସରରେ ଦଶମ ବାର୍ଷିକୀ ସହିତ ଜାତୀୟ ହସ୍ତତନ୍ତ ଦିବସ ପାଳନ କରିଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୮୦ ଜଣ ମହିଳା ଏକାଠି ହୋଇଥିଲେ। ସମସ୍ତେ ଉତ୍କୃଷ୍ଟ ହସ୍ତତନ୍ତ ଶାଢ଼ି ପିନ୍ଧି ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆସାମ ଏବଂ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକର ଗଭୀର କଳାତ୍ମକ ଐତିହ୍ୟ ପ୍ରତିନିଧିତ୍ୱ କରିଥିଲେ। ଅପରାହ୍ନରେ ପାରମ୍ପରିକ ବୟନ ପାଇଁ ଆଧୁନିକ ମହିଳାମାନଙ୍କର ସ୍ଥାୟୀ ଆଗ୍ରହ ଦୀପ୍ତିମନ୍ତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ପଦ୍ମଶ୍ରୀ ଶରତ କୁମାର ପାତ୍ର, ପ୍ରସିଦ୍ଧ ନୂଆପାଟଣା କ୍ଲଷ୍ଟରର ମାଷ୍ଟର ବୁଣାକାର ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ସୁରେନ୍ଦ୍ର କୁମାର ପାତ୍ରଙ୍କ ସମେତ ଶିଳ୍ପର ପ୍ରଖ୍ୟାତ ପ୍ରତିଷ୍ଠିତ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ମ୍ୟାଜିକ୍ ଅଫ୍ ଶାଢ଼ିର ପ୍ରତିଷ୍ଠାତା ସୁସ୍ମିତା ମିଶ୍ର ସଚେତନ ଡ୍ରେପ୍ ପସନ୍ଦର ସାଂସ୍କୃତିକ ଗୁରୁତ୍ୱ ଏବଂ ବୁଣାକାରଙ୍କ ଜୀବିକା ଉପରେ ପ୍ରତ୍ୟକ୍ଷ ଗ୍ରାହକଙ୍କ ପ୍ରଶଂସାର ପ୍ରଭାବ ଉପରେ ଏକ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଲୋକ ସଙ୍ଗୀତର ଏକ ମନମୁଗ୍ଧକର ମିଶ୍ରଣ ସହିତ ସଙ୍ଗୀତର ଏକ ଆତ୍ମୀୟ ଟେପେଷ୍ଟ୍ରି ମାଧ୍ୟମରେ ପ୍ରଦର୍ଶନୀଟି ଉପସ୍ଥାପିତ ହୋଇଥିଲା। ଦିନର ମୁଖ୍ୟ ଆକର୍ଷଣ ଥିଲା ସଂଗୀତ ସମ୍ପାଦିତ ରାମ୍ପ ପଦଯାତ୍ରା, ଯେଉଁଠାରେ ସଦସ୍ୟମାନେ ଇକତ ଏବଂ ବୋମକାଇଠାରୁ ନାଜୁକ ଏରି ଏବଂ ମୁଗା ସିଲ୍କ ପର୍ଯ୍ୟନ୍ତ ଜଟିଳ ବୁଣାକାର୍ଯ୍ୟ ପ୍ରଦର୍ଶନ କରିଥିଲେ।

## ଏକା ବେଳକେ ଚହଲି ଯାଉଛି କୂଅପାଣି



ଗାନ୍ଧୀନଗର,୭।୮ : କୂଅ ପାଣିକୁ ଦେଖିବାକୁ ଜମୁଛି ଲୋକଙ୍କ ଭିଡ଼ ।ପ୍ରାୟତଃ ଗାଁ ଗୁଡ଼ିକରେ କୂଅରୁ ଲୋକମାନେ ପାଣି ଆଣିବା ପାଇଁ ସେଥିରେ ବାଲ୍ଟି ବୁଡ଼ାନ୍ତି। କିନ୍ତୁ, ଏକ ଅଜବ କୂଅର ଏକ ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଉଛି। ଭିଡିଓଟି ଏକ ବଡ଼ କୂଅର ପାଣିରେ ଏକ ଅଜବ ଗତିରେ ଏପଟ ସେପଟ ଏକାବେଳକେ ଚହଲି ଯାଉଥିବା ଦେଖାଯାଇଛି। ଆଶ୍ଚର୍ଯ୍ୟର କଥା, ପାଖରେ ଥିବା ଅନ୍ୟ କୂଅରେ ଏପରି କୌଣସି ଗତି ପରିଲକ୍ଷିତ ହୋଇନାହିଁ। ଏହି ଅଜବ ଘଟଣା ନେଇ ଲୋକମାନେ ବିଭିନ୍ନ ପ୍ରକାରରେ ମତାମତ ଦେଉଛନ୍ତି।

## ବିପଦ ସଙ୍କେତ ଟପିଲା ଜଳକା ଜଳସ୍ତର

ବାଲେଶ୍ୱର,୭।୮ : ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି ଜଳକା ନଦୀ । ପୁଣି ବଢ଼ିବାରେ ଲାଗିଛି ଏହି ନଦୀର ଜଳସ୍ତର। ମଥାନୀ ଠାରେ ଜଳସ୍ତର ବିପଦ ସଙ୍କେତ ଟପିଯାଇଛି । ସୂଚନା ଅନୁସାରେ, ମଥାନୀ ଠାରେ ଜଳକା ନଦୀର ବିପଦ ସଙ୍କେତ ୬.୫୦ ମିଟର ରହିଥିବା ବେଳେ, ଶୁକ୍ରବାର ସକାଳ ୮ଟାରେ ଜଳସ୍ତର ୬.୫୬ ମିଟରରେ ପହଞ୍ଚିଥିଲା । ଫଳରେ ନଦୀ ତଳିଆ ଅଞ୍ଚଳରେ ପୁଣି ବନ୍ୟା ଭୟ ଦେଖାଦେଇଛି । ଗତ ବନ୍ୟାର ପାଣି ଏପର୍ଯ୍ୟନ୍ତ ଅନେକ ତଳିଆ ଅଞ୍ଚଳରୁ ସମ୍ପୂର୍ଣ୍ଣ ଭାବେ ନିଷ୍କାସନ ହୋଇନଥିବା ବେଳେ, ପୁଣି ଥରେ ଜଳସ୍ତର ବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇଛି । ବସ୍ତା ଅଞ୍ଚଳରେ ଗତ ୩ରୁ ୪ ଦିନ ଧରି ବିଶେଷ ବର୍ଷା ହୋଇନଥିଲେ ମଧ୍ୟ, ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଜଳକା ନଦୀରେ ପାଣି ବଢ଼ୁଥିବା ଜଣାପଡ଼ିଛି । ନଦୀର ଜଳସ୍ତର ବଢ଼ିବା ସହ ନଦୀ କୂଳିଆ ଗାଁଗୁଡ଼ିକରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଉଛି । ଲୋକଙ୍କୁ ସତର୍କ ରହିବା ସହ ନଦୀ ନିକଟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।

## ଭୂସ୍ଖଳନ ସମ୍ଭାବ୍ୟ ପାହାଡ଼ିଆ ରାସ୍ତା ଚିହ୍ନଟ ପ୍ରସ୍ତାବ ଲୋଡ଼ିଲେ ସରକାର

ଭୁବନେଶ୍ୱର,୭।୮: ଭୂସ୍ଖଳନ ଆଶଙ୍କାରେ ପାହାଡ଼ିଆ ରାସ୍ତା ଚିହ୍ନଟ କରିବା ପାଇଁ ପ୍ରସ୍ତାବ ମାଗିଲେ ସରକାର । ବର୍ଷା ଋତୁରେ ପାହାଡ଼ିଆ ଅଞ୍ଚଳରେ ବାରମ୍ବାର ଘଟୁଥିବା ଭୂସ୍ଖଳନକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ସମ୍ବେଦନଶୀଳ ରାସ୍ତାଗୁଡ଼ିକ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ଭୂସ୍ଖଳନ ପ୍ରଭାବିତ ରାସ୍ତାର ସୁରକ୍ଷା ଓ ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଆରଏଫ)ରୁ ୨୦୨୬-୨୭ ଆର୍ଥିକ ବର୍ଷରେ ଅର୍ଥ ପ୍ରଦାନ କରାଯିବ । ମୁଖ୍ୟ ଯନ୍ତ୍ରୀଙ୍କ ପକ୍ଷରୁ ଜାରି ଚିଠିରେ କୋରାପୁଟ, ଜୟପୁର, ସୁନାବେଡ଼ା, ମାଲକାନଗିରି, ନବରଙ୍ଗପୁର, ବାରିପଦା, କରଞ୍ଜିଆ, ରାୟଗଡ଼ା, ଗୁଣୁପୁର ଓ ଗଜପତି ସମେତ ବିଭିନ୍ନ ଡିଭିଜନର ଅଧୀକ୍ଷଣ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନଙ୍କୁ ପ୍ରାଥମିକତା ଭିତ୍ତିରେ ପ୍ରକଳ୍ପ ପ୍ରସ୍ତାବ ପଠାଇବାକୁ କୁହାଯାଇଛି । ପ୍ରସ୍ତାବରେ ରିଟେନିଂ ୱାଲ୍, ଢାଲ ସ୍ଥିରୀକରଣ, ଉନ୍ନତ ଡ୍ରେନେଜ୍, ରକ୍‌ଫଲ୍ ସୁରକ୍ଷା, ଷ୍ଟୋନ୍‌ପିଚିଂ ଏବଂ ବାୟୋ-ଇଞ୍ଜିନିୟରିଂ ଭଳି ବ୍ୟବସ୍ଥା ସାମିଲ କରିବାକୁ ନିର୍ଦ୍ଦେଶ ରହିଛି ।

## ବିଳାସ ବହୁଳ ଆବାସିକ ପ୍ରକଳ୍ପ 'କ୍ୱାଲା'ର ଶୁଭାରମ୍ଭ

**ଭୁବନେଶ୍ୱର,୭/୮(ନିପ୍ର):** ଏଜିଏମ ହାଉସିଂ ଗ୍ରୁପ୍, ହର୍ଷପ୍ରିୟା ଗ୍ରୁପ୍ସ ସହଯୋଗରେ ଏକ ବିଶେଷ ବିଳାସପୂର୍ଣ୍ଣ ଆବାସିକ ପ୍ରକଳ୍ପ ଶୁକ୍ରବାର କ୍ୱାଲାର ଶୁଭାରମ୍ଭ ଘୋଷଣା କରାଯାଇଛି । ଯାହା ସହରର ବିକଶିତ ହେଉଥିବା ବିଳାସପୂର୍ଣ୍ଣ ରିଅଲ ଇଷ୍ଟେଟ ପରିଦୃଶ୍ୟରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ। କେବଳ ଏକ ଆବାସିକ



ଠିକଣାଠାରୁ ଅଧିକ ଭାବରେ ପରିକଳ୍ପିତ କ୍ୱାଲାକୁ ଏକ ଲାଇଫ ଷ୍ଟାଇଲ ଡେଷ୍ଟିନେସନ ଭାବେ କଳ୍ପନା କରାଯାଇଛି। ଯେଉଁଠାରେ ସମକାଳୀନ ସ୍ଥାପତ୍ୟକଳା, ବୁଦ୍ଧିମାନ ପରିକଳ୍ପନା, ବିସ୍ତୃତ ସବୁଜ ପରିସର ଏବଂ ପ୍ରିମିୟମ ସୁବିଧାଗୁଡ଼ିକ ଏକତ୍ରିତ ହୋଇ ଏକ ଉନ୍ନତ ଜୀବନ ଯାପନର ଅନୁଭବ ସୃଷ୍ଟି କରୁଛି। ୨.୩୮ଏକର ଜମିରେ ବିସ୍ତାରିତ ଏହି ପ୍ରକଳ୍ପରେ ତିନୋଟି ପ୍ରିମିୟମ ଆବାସିକ ଟାୱାର ରହିଛି । ଯେଉଁଥିରେ ୩ବିଏଚକେ ଏବଂ ୩.୫ ବିଏଚକେ ବିନ୍ୟାସରେ ସୁଚିନ୍ତିତ ଭାବେ ଡିଜାଇନ କରାଯାଇଥିବା ୨୯୬ଟି ଆବାସ ଅଛି । ପ୍ରଥମପର୍ଯ୍ୟାୟର ଅଂଶଭାବେ ଦୁଇଟି ଟାୱାରରେ ଥିବା ୧୮୮ଟି ଆବାସ ପାଇଁ ବୁକିଂ ଆରମ୍ଭ ହୋଇଛି । ଯାହା ଘର କ୍ରେତାମାନଙ୍କୁ ଭୁବନେଶ୍ୱରର ସବୁଠାରୁ ଆଶା ଜନକ ବିଳାସ ବହୁଳ ଆବାସିକ ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏରେ ଘରର ମାଲିକ ହେବାର ସୁଯୋଗ ପ୍ରଦାନ କରୁଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ଏଜିଏମ ହାଉସିଂ ଗ୍ରୁପ୍ର ଅଧ୍ୟକ୍ଷ ବିନୋଦ ଅଗ୍ରୱାଲ କହିଲେ କ୍ୱାଲା ଆମର ସେହି ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରେ। ଯେଉଁଥିରେ ବିଳାସିତା ସଂଯୋଗ ସୁବିଧା ଏବଂ ସୁଚିନ୍ତିତ ଡିଜାଇନକୁ ନିରବିଘ୍ନ ଭାବରେ ଏକତ୍ର କରି ଏକ ପ୍ରତୀକାତ୍ମକ ଆବାସିକ ସମୁଦାୟ ସୃଷ୍ଟି କରୁଛି ।

## ଓପି ଜିନ୍ଦଲଙ୍କ ୯୬ତମ ଜନ୍ମ ବାର୍ଷିକୀ

ଅନୁଗୋଳ, ୭/୮(ନିପ୍ର): ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଓ.ପି. ଜିନ୍ଦଲ (ବାଉଜୀ)ଙ୍କ ୯୬ତମ ଜନ୍ମ ବାର୍ଷିକୀ ଅନୁଗୋଳରେ ବିଭିନ୍ନ ସାମାଜିକ ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ସହ ପାଳିତ ହୋଇଯାଇଛି। ଏହି ଅବସରରେ ଓ.ପି. ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୬ର ଶୁଭାରମ୍ଭ ହୋଇଛି। ସମାବେଶକୁ ସମ୍ବୋଧିତ କରି ଜିନ୍ଦଲ ଷ୍ଟିଲର ପରିଚାଳନା ନିର୍ଦ୍ଦେଶକ ଭି.ଆର ଶର୍ମା ଭାରତୀୟ



ଇସ୍ପାତ ଶିଳ୍ପରେ ଓ.ପି. ଜିନ୍ଦଲଙ୍କ ଅବଦାନକୁ ମନେପକାଇ ଥିଲେ। ସେ କହିଥିଲେ, ପାଇପ୍ ନିର୍ମାଣରୁ ବାଉଜୀ ତାଙ୍କ ଶିଳ୍ପ ଯାତ୍ରା ଆରମ୍ଭ କରିଥିଲେ। ପରେ ଏହା ଏକ ବୃହତ୍ ଇସ୍ପାତ ଉଦ୍ୟୋଗର ରୂପ ନେଇଥିଲା। ପରିବାରର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ସେ ବ୍ୟବସାୟରେ ସାମିଲ ହେବାକୁ ପ୍ରେରଣା ଦେଇଥିଲେ। ଶ୍ରୀ ଶର୍ମା କହିଥିଲେ, "ବାଉଜୀଙ୍କ ଜୀବନଯାତ୍ରା ଭାରତର ଶିଳ୍ପ ଇତିହାସର ଏକ ପ୍ରେରଣାଦାୟକ ଅଧ୍ୟାୟ। ପାଇପ୍ ନିର୍ମାଣରୁ ଆରମ୍ଭ କରି ସେ ରାଷ୍ଟ୍ର ନିର୍ମାଣ ଓ ରୋଜଗାର ସୃଷ୍ଟିକୁ ପ୍ରାଥମିକତା ଦେଇ ଏକ ବୃହତ୍ ଇସ୍ପାତ ଉଦ୍ୟୋଗ ଗଢ଼ିଥିଲେ।" ସେ କହିଥିଲେ, ଆଜି ଓ.ପି. ଜିନ୍ଦଲ ଗ୍ରୁପ୍ ୫୦ ମିଲିୟନ ଟନ୍‌ରୁ ଅଧିକ ଇସ୍ପାତ ଉତ୍ପାଦନ କରୁଛି।

## ଲିଙ୍ଗରାଜ ଟେମ୍ପୁଲ ରୋଡ ଷ୍ଟେସନ ସାମ୍ନା କାଦୁଅ ପଚପଚ

ଭୁବନେଶ୍ୱର,୭।୮:ମିଳିତ କ୍ରିୟାଷ୍ଠାନ ଓ ସେବା ପ୍ରତିନିଧି ସଂଗଠନ ପ୍ରୟାସରେ ସମାଜସେବୀ ନୀଳମଣି ମିଶ୍ରଙ୍କ ନେତୃତ୍ୱ ରେ ୫ବର୍ଷ ୨ମାସ ଧରି ବିଭିନ୍ନ ସମୟରେ ଶାନ୍ତିପୂର୍ଣ୍ଣ ଧାରଣା ଲିଙ୍ଗରାଜ ଟେମ୍ପୁଲ ରୋଡ ନିକଟରେ ଦିଆ ଯାଇଆସୁଛି। ଏହି ଷ୍ଟେସନ ବିଭିନ୍ନ ଅବ୍ୟବସ୍ଥା ଘେରରେ ରହିଛି। ଏଠାରେ ଲିଫ୍ଟ ନାହିଁ,ପ୍ଲାଟଫର୍ମ ସଫେଇ ଠିକ୍ ଭାବରେ ହେଉ ନାହିଁ, ଷ୍ଟେସନ ସାମ୍ନା କାଦୁଅ ପଚପଚ ହେତୁ ଯାତ୍ରୀ ହୀନସ୍ତା ହୋଇ ଟିକେଟ କାଉଣ୍ଟର ଯାଉଛନ୍ତି, ଲିଙ୍ଗରାଜଙ୍କ ନାମରେ ଟ୍ରେନ ନାମକରଣ କରାଯାଇନାହିଁ, ୫ ଟଙ୍କିଆ ଆହାର କେନ୍ଦ୍ର ସ୍ଥାପନ କରାଯାଇନାହିଁ, ଦୂରଗାମୀ ରେଳଗୁଡ଼ିକର ରହଣି ବ୍ୟବସ୍ଥା ନାହିଁ। ଏସବୁ ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଶ୍ରୀ ମିଶ୍ରଙ୍କ ସହିତ ଅଶୋକ କୁମାର ମହାରଣା, ସୁବାସ ଚନ୍ଦ୍ର ପଡ଼ି, ଅଙ୍କନିଧି ପଟ୍ଟନାୟକ, ଅରୁଣ କୁମାର ସ୍ୱାଇଁ, ଦାମୋଦର ସାମନ୍ତରାୟ, ବଂଶୀଧର ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସମ୍ବଲପୁର-ବଲାଙ୍ଗୀର ସେକ୍ସନ ନିରୀକ୍ଷଣ



ସମ୍ବଲପୁର, ୭/୮(ନିପ୍ର): ପୂର୍ବତଟ ରେଳପଥ ନମହାପ୍ରବନ୍ଧକ, ପରମେଶ୍ୱର ଫୁଙ୍କୱାଲ ଶୁକ୍ରବାର ସମ୍ବଲପୁର-ବଲାଙ୍ଗୀର ସେକ୍ସନକୁ ବିସ୍ତୃତ ଭାବେ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣ ସମୟରେ ରେଳ ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ନିରୀକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତ୍ତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ମଧ୍ୟ, ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଶ୍ରୀ ଫୁଙ୍କୱାଲ ସମୀକ୍ଷା କରିଛନ୍ତି। ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ । ମହାପ୍ରବନ୍ଧକ ବିଶେଷ ଭାବରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ, ଯାହା ନେଟୱାର୍କରେ ଯାତ୍ରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ଲକ୍ଷ୍ୟ ରଖିଛି ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଧର୍ମେନ୍ଦ୍ର ପ୍ରଧାନ

ଅନୁଗୋଳ/ଆଠମଲ୍ଲିକ/ଭୁବନେଶ୍ୱର, ୭/୮(ନିପ୍ର): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଅନୁଗୋଳ ଆଠମଲ୍ଲିକ ଗସ୍ତ କାଳରେ ଅଂଚଳର ଆଧାତ୍ମିକ, ଯୋଗାଯୋଗ ଓ ଭିତ୍ତିଭୂମିର ବିକାଶ ପାଇଁ ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରିବା ସହ ଉଦଘାଟନ କରିଛନ୍ତି । ଶ୍ରୀ ପ୍ରଧାନ ବରଟିକିରା ଠାରୁ ଟାଙ୍ଗିଆନିଶା ଏବଂ ଛତିଆ ସାହି ଠାରୁ ପଦ୍ମପୋଖରୀ ପର୍ଯ୍ୟନ୍ତ ପକ୍କା ସଡ଼କ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଆଠମଲ୍ଲିକ ଦୁର୍ଗାବଜାର ସ୍ଥିତ ଆରାଧ୍ୟା ଦେବୀ ମା' ଦୁର୍ଗା ମନ୍ଦିରର ପୁନରୁଦ୍ଧାର ଓ



ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହାସହ ପଶୁ ଡାକ୍ତରଖାନା ଛକ ଠାରୁ ମହାନଦୀ ସେତୁ ପର୍ଯ୍ୟନ୍ତ ନୂତନ ଆଲୋକୀକରଣ ପ୍ରକଳ୍ପର ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ଯେ, ଏହିସବୁ ପଦକ୍ଷେପ ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ଯାତାୟାତକୁ ସୁଗମ ଓ ସୁରକ୍ଷିତ କରିବା ସହ ସମଗ୍ର ଅଞ୍ଚଳର ଆର୍ଥିକ ଓ ସାମାଜିକ ପ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବ। ସାଂସଦଙ୍କ ଏହି ଗସ୍ତ ସମୟରେ ଅନୁଗୋଳ, ଆଠମଲ୍ଲିକ ସମେତ ବିଭିନ୍ନ ସ୍ଥାନରେ ସ୍ଥାନୀୟ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତାଙ୍କ ପକ୍ଷରୁ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶ୍ରୀ ପ୍ରଧାନ ଆଠମଲ୍ଲିକ ସ୍ଥିତ ଦୁର୍ଗା ମନ୍ଦିରରେ ମଧ୍ୟ ଦର୍ଶନ କରିବା ସହ ମା'ଙ୍କ ପାଖରେ ଜଗତର କଲ୍ୟାଣ କାମନା କରିଥିଲେ ।

**AFFIDAVIT**

I, Sujit Kumar Sahoo, S/o Laxmidhar Sahoo, Vill- Gopalprasad, PO- Kuhudi, PS- Tangi, Dist- Khordha declare that my mother's name is written as JAMUNA DEI wife of Laxmidhar Sahoo.in Aadhaar Card No. 7980 5798 6869 and as YAMUNA SAHOO in my HSC Cert. No. A1-13-373576. Both names belong to one and the same person (my mother). Sworn vide Affidavit No. 1618 dt. 06.08.2026 before Executive Magistrate, Tangi.

**AFFIDAVIT**

By virtue of an affidavit sworn before The Executive Magistrate, Bhadrak affidavit no.9249 dtd.07.08.2026, I Jyoti Prakash Maharana S/o-Golak Maharana At-Bijeyangadharpur, Khandatara, Po-Mouda, Ps-Bhadrak(R) Dist-Bhadrak, Odisha do hereby declare that I have changed my name from Jyoti Prakash Maharana to Jay Maharana. Henceforth I shall be known as Jay Maharana for all purposes.

Sd/-Jyoti Prakash Maharana

**GOVERNMENT OF ODISHA** 34001/598/2627
**OFFICE OF THE SUPERINTENDING ENGINEER, BOUDH (R&B) DIVISION, BOUDH**

...0841-296119 Email: - eeboudhrb@gmail.com

**INVITATIONS FOR BIDS (IFB)**
e-Procurement Notice

Letter No. 3879 Dated. 6-08-26.

**BID IDENTIFICATION No. : SE (R&B)-BDH 07/2026-27**

| | | | |
|---|---|---|---|
| 1. | Number of work | : | 01 (one) No. of civil work (Single cover) |
| 2. | Estimated cost | : | As per the column No. 3 of the table |
| 3. | Period of completion | : | As per the column No. 8 of the table |
| 4. | Date & time of availability of Bid documents in the portal | : | From 07.08.2026, 10:00 AM to 12.08.2026, 04:00 PM |
| 5. | Last date / time for seeking of Tender clarification | : | 12.08.2026 up to 01:00 PM |
| 6. | Last date / time for receipt of bids in the portal | : | Up to 04:00 PM of Dtd. 12.08.2026 |
| 7. | Date & time of opening of Tender / Bid | : | 12.08.2026 at 05:30 PM |
| 8. | Name and address of the officer inviting bid | : | Superintending Engineer, Boudh (R&B) Division, Boudh |

A. Other details can be seen from detailed notice.
B. Inviting tenders, available in the website : www.tendersorissa.gov.in
C. Corrigendum if any shall only be published in the website : www.tendersorissa.gov.in

OIPR 34001/34134/1/26-27/0014

Sd/-Superintending Engineer, Boudh (R&B) Division, Boudh

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ